ଆମର ପ୍ରତିବଦ୍ଧତା

ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ ନିଷ୍କର୍ଷ

ନିଷ୍କର୍ଷ
NISHKARSHA

RNI REGD. No. : ODIODI/2020/78909

Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Nishkarsha Media
www.nishkarsha.com
www.nishkarsha.in

NISHKARSHA MEDIA ENTERTAINMENT & PUBLICATION

♦ VOLUME - 05 ♦ ISSUE- 23 ♦ CUTTACK ♦ WEEKLY ♦ 03 TO 09 - JUNE 2024♦ 8 PAGE ♦ RATE- 5/- ■ ବର୍ଷ - ୦୫ ♦ ସଂଖ୍ୟା -୨୩ ♦ କଟକ♦ ସାପ୍ତାହିକ ♦ ୦୩ ରୁ ୦୯ ଜୁନ ୨୦୨୪ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା

ନବୀନ ଭାଙ୍ଗିଲେ ନୀରବତା, କହିଲେ- ପାଣ୍ଡିଆନ ମୋ’ ଉତ୍ତରାଧିକାରୀ ନୁହନ୍ତି

ଭୁବନେଶ୍ୱର(ଏନ୍.ଏମ୍.): ପ୍ରଶାସକରୁ ରାଜନେତା ପାଲଟିଥିବା ଭିକେ ପାଣ୍ଡିଆନ ଆତ୍ମଘୋଷିତ ଉତ୍ତରାଧିକାରୀ ଭାବେ ନିଜକୁ ଉପସ୍ଥାପିତ କରିବା ମହଙ୍ଗା ପଡ଼ିଛି । ବିରୋଧୀ ଦଳର କ୍ରମାଗତ ହାମଲା ଓ ରାଜ୍ୟରେ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଶେଷରେ ନବୀନ ମୁହଁ ଖୋଲିଛନ୍ତି । ପାଣ୍ଡିଆନ ତାଙ୍କର ଉତ୍ତରାଧିକାରୀ ନୁହନ୍ତି ବୋଲି ନବୀନ ଆଜି ସ୍ପଷ୍ଟ କରିଛନ୍ତି । ଏଥିସହ ଏହି କଥାକୁ କାହିଁକି ବଢ଼ାଇଚଢ଼ାଇ ପ୍ରଚାର କରାଯାଉଛି ବୋଲି ସେ ଓଲଟା ପ୍ରଶ୍ନ କରିଛନ୍ତି । ଆଜି ଜାତୀୟ ଖବର ସରବରାହ ସଂସ୍ଥା ଇଘଓକୁ ଏକ ସାକ୍ଷାତକାର ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ଲୋକ ତାଙ୍କର ଉତ୍ତରାଧିକାରୀ ସ୍ଥିର କରିବେ । ପାଣ୍ଡିଆନ ତାଙ୍କ ଉତ୍ତରାଧିକାରୀ ନୁହନ୍ତି । ଏ କଥାକୁ ଅଯଥାରେ କେବଳ ଅପପ୍ରଚାର କରାଯାଉଛି । ଏହା ସହିତ ନବୀନ ତାଙ୍କର ସ୍ୱାସ୍ଥ୍ୟକୁ ନେଇ ପ୍ରଧାନମନ୍ତ୍ରୀ ମୋଦି ଦେଇଥିବା ବୟାନକୁ ନେଇ ମଧ୍ୟ ମତ ରଖିଛନ୍ତି । ଗତକାଲି କହିଥିବା କଥାକୁ ସେ ଆଜି ପୁଣିଥରେ ଦୋହରାଇଛନ୍ତି । ଚଳିତ ନିର୍ବାଚନରେ ଓଡ଼ିଆ ଅସ୍ମିତାକୁ ବିରୋଧି ଦଳ ମୁଖ୍ୟ ପ୍ରସଙ୍ଗ କରି ନବୀନ ବାହାର ଲୋକଙ୍କ କବଜାରେ ରହିଥିବା ଏବଂ ତାମିଲ ବାବୁ ତାଙ୍କୁ ନିୟନ୍ତ୍ରଣ କରୁଥିବାନେଇ କ୍ରମାଗତ ହାମଲା କରି ଆସୁଛି । ନିର୍ବାଚନରେ ଏହି ପ୍ରସଙ୍ଗ ମଧ୍ୟ ବିଜେଡି ପାଇଁ ବୁମେରାଂ ହୋଇଛି । ଦଳର ୪୦ ଜଣିଆ ଷ୍ଟାର ପ୍ରଚାରକ ରହିଥିଲେ ମଧ୍ୟ ବିଜେଡି କେବଳ ପାଣ୍ଡିଆନଙ୍କୁ ତାରକା ଭୂମିକାରେ ଓହ୍ଲାଇଛି ଓ ସେ ରାଜ୍ୟ ବ୍ୟାପି ପ୍ରଚାର କରିବା ସାଧାରଣରେ ଗ୍ରହଣୀୟ ହେଉ ନ ଥିବା ଜାଣି ନବୀନ ନିଜ ନୀରବତା ଭଙ୍ଗ କରିଛନ୍ତି । ବିଳମ୍ବରେ ହେଲେ ମଧ୍ୟ ନବୀନ ବିରୋଧୀ ଦଳଙ୍କ ଚାପ ଆଗରେ ମୁଣ୍ଡ ନୁଆଁଇ ପାଣ୍ଡିଆନ ତାଙ୍କ ଉତ୍ତରାଧିକାରୀ ନୁହନ୍ତି ବୋଲି ଗଣମାଧ୍ୟମ ଆଗରେ ସ୍ପଷ୍ଟ କରିବାକୁ ବାଧ୍ୟ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

ପୁଲିସ ହେପାଜତରୁ ଚୋର ଚମ୍ପଟ

କମିଶନରେଟ୍ ପୋଲିସ୍
ଭୁବନେଶ୍ୱର.କଟକ. ଥାନା: ବାଲିପାଟଣା . ପିନ୍:୭୫୧୦୦୨ .
COMMISSIONERATE POLICE
BHUBANESWAR.C... P.S. BALIPA...A PIN ...02.

ବାଲିପାଟଣା(ଏନ୍.ଏମ୍.): ଭୁବନେଶ୍ୱର କମିସନରେଟ ପୁଲିସ ଅଧୀନ ବାଲିପାଟଣା ପୁଲିସ ହେପାଜତରୁ ଜଣେ ଚୋରିରେ ସମ୍ପୃକ୍ତ ଅଭିଯୁକ୍ତ ଫେରାର ହୋଇ ଯାଇଛି । ପୁଲିସ ଚୋରି ସାମଗ୍ରୀ ଉଦ୍ଧାର ପାଇଁ ଘଟଣା ସ୍ଥଳକୁ ନେଇଥିବା ବେଳେ ଅଭିଯୁକ୍ତ ପୁଲିସ ଆଖି ରେ ଧୂଳି ଦେଇ ଖସି ପଳାଇଛି ।ସୂଚନା ଅନୁସାରେ ବାଲିପାଟଣା ଥାନା ଝିଣ୍ଟି ଅଞ୍ଚଳର ଚୋରି ଘଟଣାରେ ଲିପ୍ତଥିବା ଅଭିଯୁକ୍ତକୁ ପୁଲିସ ଚିହ୍ନଟ କରି ଥାନାକୁ ଆଣିଥିଲା । ଗତକାଲି ରାତିରେ ଥାନା ର ବରିଷ୍ଠ ଅଧିକାରୀ ଅଭିଯୁକ୍ତକୁ ସାଙ୍ଗରେ ନେଇ ଚୋରି ସାମଗ୍ରୀ ଉଦ୍ଧାର ଲାଗି ଘଟଣା ସ୍ଥଳକୁ ନେଇ ଯାଇଥିଲେ । ସେଠାରେ ଚୋର ପୁଲିସ କୁ ଚକମା ଦେଖାଇ ଖସି ଯାଇଥିଲା । ପୁଲିସର ଏକାଧିକ ଟିମ ଅଭିଯୁକ୍ତକୁ ଧରିବା ପାଇଁ ଗତକାଲି ରାତିରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ନିରାଶ ହୋଇଥିବା ଜଣା ପଡିଛି ।

୭୦ଟି କେନ୍ଦ୍ରର ୩୫୮୯ଟି ଟେବୁଲରେ ହେବ ଗଣତି: ଏଥର ଭୋଟ୍ ହାର ୭୪.୪୪%, ଅଧିକ ମହିଳା ଭୋଟର

ଭୁବନେଶ୍ୱର(ଏନ୍.ଏମ୍.): ଆସନ୍ତାକାଲି ଉଭୟ ବିଧାନସଭା ଓ ଲୋକସଭା ନିର୍ବାଚନ ଫଳାଫଳ ଆସିବ । ଭୋଟ୍ ଗଣତି ପାଇଁ ରାଜ୍ୟରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସହ ମୋଟ ୭୦ଟି ଭୋଟଗଣତି କେନ୍ଦ୍ର ସ୍ଥାପନ କରାଯାଇଛି । ଏସବୁ କେନ୍ଦ୍ରରେ ୩୫୮୯ଟି ଟେବୁଲରେ ଏହି ଗଣତି ହେବ । ରାଜ୍ୟର ପ୍ରାୟ ଅଢ଼େଇ କୋଟି ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଥିବାବେଳେ ଏଥର ପୁରୁଷଙ୍କ ତୁଳନାରେ ୨ ପ୍ରତିଶତରୁ ଅଧିକ ମହିଳା ଭୋଟ୍ ଦେଇଛନ୍ତି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟରେ ମୋଟ ୭୦ଟି ଭୋଟ୍ ଗଣତି କେନ୍ଦ୍ରରେ ଭୋଟ ଗଣନା ହେବ । ପୋଷ୍ଟାଲ ବାଲାଟ୍ ପାଇଁ କେବଳ ଛତ୍ରପୁରରେ ଗୋଟିଏ ସ୍ୱତନ୍ତ୍ର ଭୋଟଗଣତି କେନ୍ଦ୍ର ରହିବ । ବାକି ୬୯ଟି କେନ୍ଦ୍ରରେ ଉଭୟ ଇଭିଏମ୍ ଓ ପୋଷ୍ଟାଲ ବାଲାଟ ଗଣନା ହେବ । ଏସବୁ କେନ୍ଦ୍ରରେ ବିଧାନସଭା ନିମନ୍ତେ ୧୭୯୯ଟି ଗଣନା ଟେବୁଲ ଓ ଲୋକସଭା ପାଇଁ ୧୭୯୦ଟି ଟେବୁଲରେ ଗଣନା ହେବ । କେବଳ ୮ଟି ବିଧାନସଭା କ୍ଷେତ୍ରକୁ ବାଦ୍ ଦେଲେ ବାକି ୧୩୯ଟି ବିଧାନସଭା କ୍ଷେତ୍ରରେ ୩୦ ରାଉଣ୍ଡରୁ କମ୍ ଗଣତି ହେବ । ଚିତ୍ରକୋଣ୍ଡା, ବିଷମକଟକ, ମୋହନା, ଲୋଇସିଂହା, ରାଇରଙ୍ଗପୁର, ସାରସକଣା, ଆଳ ଓ ପାଟକୁରା ବିଧାନସଭା ଆସନରେ ୩୦ରାଉଣ୍ଡରୁ ଅଧିକ ଗଣତି ହେବ ।

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

ଡେଙ୍ଗୁ ଜ୍ୱରରେ ଟିକାକୁ ଗ୍ରୀନ ସିଗନାଲ

ନୂଆଦିଲ୍ଲୀ(ଏଜେନ୍ସି): ଡେଙ୍ଗୁ ଜ୍ୱରର ଟିକାକୁ ଗ୍ରୀନ ସିଗନାଲ । ଜାପାନର ଫାର୍ମାସ୍ୟୁଟିକାଲ କମ୍ପାନି ତାକେଡା ଫାର୍ମାସ୍ୟୁଟିକାଲ କମ୍ପାନୀର ଟିକାକୁ ଅନୁମୋଦନ କରିଛନ୍ତି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ । ଏହି ଟିକା ଡେଙ୍ଗୁ ଭୂତାଣୁର ଚାରୋଟି ଷ୍ଟେରିଓଟାଇପ କବଳରୁ ରକ୍ଷା କରିପାରିବ । ବିଶେଷ କରି ୬ରୁ ୧୬ ବର୍ଷର ପିଲାଙ୍କୁ ଏହି ଟିକା ଦିଆଯାଇପାରିବ । ସାଧାରଣତଃ ମଶା କାମୁଡାରୁ ଡେଙ୍ଗୁ ଜ୍ୱର ହୋଇଥାଏ । ପ୍ରବଳ ଜ୍ୱର, ମୁଣ୍ଡ ଓ ଶରୀର ବ୍ୟଥା ଆଦି ଡେଙ୍ଗୁ କ୍ଷେତ୍ରରେ ଦେଖାଯାଇଥାଏ । ତାକେଡା ଦ୍ୱାରା ପ୍ରସ୍ତୁତ ଟିକା କିଦେଙ୍ଗା ବ୍ରାଣ୍ଡ ନାମରେ ନାମିତ କରାଯାଇଛି । ଭାରତୀୟ ଟିକା କମ୍ପାନି ବାୟୋଲୋଜିକାଲ- ଇ ସହ ଏହାର ଉତ୍ପାଦନ ଲାଗି ଏକ ରାଜିନାମା ସ୍ୱାକ୍ଷରିତ କରିଛି କିଦେଙ୍ଗା । ବାର୍ଷିକ ୧୦୦ ନିୟୁତ ଡୋଜ ପ୍ରସ୍ତୁତ କରାଯିବ ବୋଲି ଲକ୍ଷ୍ୟ ରହିଛି । ଖୁବ ଶୀଘ୍ର ଆସିବ ଡେଙ୍ଗୁ ପ୍ରତିଷେଧକ ଟିକା । ଭାରତୀୟ ମେଡିକାଲ ଗବେଷଣା ପରିଷଦ ବା ଆଇସିଏମଆର, ପୁନେସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅ’ ଭିରୋଲୋଜି ବା ଏନଆଇଭି ଓ ଅନ୍ୟାନ୍ୟ ପ୍ରତିଷ୍ଠାନ ପକ୍ଷରୁ ଡେଙ୍ଗୁ ଟିକାର ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ଟ୍ରାଏଲ ଆରମ୍ଭ ହେବ ।

ଏକଜିଟ ପୋଲ: ଜଗନଙ୍କ ଠାରୁ ଆନ୍ଧ୍ର ପ୍ରଦେଶ ଛଡ଼ାଇ ଆଣିବ ଏନଡିଏ ଓଡ଼ିଶାରେ ଆଣିବ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା !

ଭୁବନେଶ୍ୱର(ଏନ୍.ଏମ୍.): ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନରେ ଏନଡିଏକୁ ମିଳିବ ବିପୁଳ ଜନମତ । ଗାଦିଚ୍ୟୁତ ହେବେ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀ । ଜଗନ ରେଡ୍ଡୀଙ୍କ ୱାଇଏସ୍ଆର କଂଗ୍ରେସକୁ ଲାଗିବ ଜୋରଦାର ଝଟକା । ଇଣ୍ଡିଆ ଟୁଡେ ଆକ୍ସିସ୍ ମାଇଁ ଇଣ୍ଡିଆ ପକ୍ଷରୁ କରାଯାଇଥିବା ଏକଜିଟ୍ ପୋଲ୍ ସର୍ଭେରେ ଏପରି କିଛି ଦାବି କରାଯାଇଛି । ସେହିଭଳି ଓଡ଼ିଶାରେ ମଧ୍ୟ ବିଜେପି ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ହାସଲ କରିବ ବୋଲି ଏକଜିଟ ପୋଲ ସର୍ଭେ ସୂଚନା ଦେଇଛି । ଏପରିକି ରାଜ୍ୟରୁ ଆଶାତୀତ ଭାବେ ବିଜେପି ସାଂସଦ ପ୍ରାର୍ଥୀଙ୍କୁ ପାଇବ । କେବଳ ସେତିକି ନୁହେଁ ବିଧାୟକଙ୍କ କ୍ଷେତ୍ରରେ ମଧ୍ୟ ଏତେ ଆସନ ମିଳିବ ଯେ, ରାଜ୍ୟବାସୀଙ୍କ କଳନା ମଧ୍ୟ କରିପାରିନଥିବେ ବୋଲି ଏକଜିଟ ପୋଲ ପକ୍ଷରୁ କୁହାଯାଇଛି । ଏକ ଏକଜିଟ ପୋଲ ସଂସ୍ଥା କହିଛି ଯେ ଆନ୍ଧ୍ରର ୧୭୫ଟି ବିଧାନସଭା ଆସନରୁ ବିଜେପି-ଟିଡିପି-ଜନସେନା ମିଳିତ ଭାବେ ୯୮ରୁ ୧୨୦ଟି ସିଟ୍ ପାଇବେ । ଜଗନଙ୍କ ୱାଇଏସ୍ଆର କଂଗ୍ରେସ ୫୫ରୁ ୭୭ଟି ଆସନ ଜିତିବ । ଦୟନୀୟ ପ୍ରଦର୍ଶନ ସହ ଇଣ୍ଡିଆ ମେଣ୍ଟ ଅତି ବେଶୀରେ ୨ଟି ଆସନ ଜିତିପାରେ । ଏନଡିଏ ମେଣ୍ଟରେ ଥିବା ଦଳ ମାନଙ୍କ ପ୍ରଦର୍ଶନକୁ ଦେଖିଲେ ବିଜେପି ସପକ୍ଷରେ ୪ରୁ ୬ ସିଟ୍ ଯାଉଥିଲା ବେଳେ ଚନ୍ଦ୍ରବାବୁ ନାଇଡୁଙ୍କ ଟିଡିପିକୁ ୭୮ରୁ ୯୬ ଓ ପବନ କଲ୍ୟାଣଙ୍କ ଜନସେନା ପାର୍ଟି ୧୬ରୁ ୧୮ ସିଟ୍ ପାଇବାର ସମ୍ଭାବନା ରହିଛି । ୨୦୧୯ରେ ୱାଇଏସ୍ଆର କଂଗ୍ରେସ ଏକାକୀ ୧୫୧ଟି ଆସନ ଜିତି ସରକାର ଗଢ଼ିଥିଲା । ଟିଡିପି ମଧ୍ୟ ଏକାକୀ ଲଢ଼ିଥିଲା । ହେଲେ ଏଥର ଆସନ ଅଙ୍କନ ବଦଳିବାର ସମ୍ଭାବନା ଥିବା କୁହାଯାଉଛି । ସର୍ଭେ ସଂସ୍ଥା କହିଛି ଏନଡିଏ ୨୦୧୯ ଅପେକ୍ଷା ଏଥର ଅଧିକ ୮୫ଟି ଆସନ ଜିତିବ । ୱାଇଏସ୍ଆର କଂଗ୍ରେସର ଆସନ ହ୍ରାସ ପାଇବ । ଏନଡିଏର ଭୋଟ ଶେୟାର ୫% ବଢ଼ିବାକୁ ଥିବା ବେଳେ ଇଣ୍ଡିଆ ମେଣ୍ଟ ମଧ୍ୟ ଅଧିକ ୧% ଭୋଟ ପାଇବ । କିନ୍ତୁ ଜଗନଙ୍କ ଭୋଟ ଶେୟାର ୬% ହ୍ରାସ ପାଇବ ।

ସାବଧାନ ! ଗାଡ଼ି ସହ ଜବତ ହେବ ମୋବାଇଲ

ଭୁବନେଶ୍ୱର(ଏନ୍.ଏମ୍.): ରଙ୍ଗ ରୁଟରେ ଗାଡ଼ି ଚଳାଉଛନ୍ତି କି ? ଚେକିଂ ବେଳେ ଚାଲାକ ହୋଇ ୟୁଟର୍ଣ୍ଣ ମାରୁଛନ୍ତି କି ? ଗାଡ଼ି ଚଳାଇବା ବେଳେ ମୋବାଇଲ ବ୍ୟବହାର କରୁଛନ୍ତି କି ? ଯଦି ଏମିତି ସବୁ କରୁଛନ୍ତି, ତା’ହେଲେ ହୋଇଯାଆନ୍ତୁ ସାବଧାନ । କାରଣ କୌଣସି ବି ମୁହୂର୍ତ୍ତରେ ଆପଣଙ୍କ ବିରୋଧରେ ହୋଇପାରେ କାର୍ଯ୍ୟାନୁଷ୍ଠାନ । ରଙ୍ଗ ରୁଟ ଓ ୟୁଟର୍ଣ୍ଣ ମାରୁଥିଲେ ଗାଡ଼ିରେ ପଶିଯାଇପାରେ କଣ୍ଟା । ଗାଡ଼ି ସହ ମୋବାଇଲକୁ ମଧ୍ୟ କରାଯାଇ ପାରେ ଜବତ । ରାଜଧାନୀ ଭୁବନେଶ୍ୱରରେ ଅମାନିଆ ଗାଡ଼ି ଚାଳକଙ୍କୁ ସାବାଡ କରିବା ପାଇଁ କମିଶନରେଟ ପୁଲିସ୍ କରିଛି ଏମିତି କିଛି ବ୍ୟବସ୍ଥା । ଅମାନିଆଙ୍କ ପାଇଁ ରଙ୍ଗ ରାଇଡ ବ୍ୟାରିୟର ବ୍ୟବସ୍ଥା ହୋଇଛି । ଶନିବାର ଠାରୁ ଏହି ବ୍ୟାରିୟରକୁ ବ୍ୟବହାର କରାଯାଇ ୧୦ରୁ ଅଧିକ ଗାଡ଼ିକୁ ଲିକ୍ କରାଯାଇଛି । ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସେହିପରି ଗାଡ଼ି ଚଳାଇବା ବେଳେ ମୋବାଇଲ ବ୍ୟବହାର କରୁଥିବା ଡ୍ରାଇଭରଙ୍କ ପାଇଁ ଆହୁରି କଠୋର ହୋଇଛି ପୁଲିସ । ମଦ୍ୟପ ଡ୍ରାଇଭର, ଟ୍ରିପଲ ରାଇଡିଂ, ହେଲମେଟ ପରେ ଏବେ ମୋବାଇଲରେ କଥା ହେଉଥିବା ଚାଳକଙ୍କୁ ଦୃଢ଼ ହସ୍ତରେ ଦମନ କରିବାକୁ ଯାଉଛି ପୁଲିସ । ଯେଉଁମାନେ ଗାଡ଼ି ଡ୍ରାଇଭ କରିବା ବେଳେ ମୋବାଇଲ ବ୍ୟବହାର କରୁଛନ୍ତି, ଏଥର ଗାଡି କିମ୍ବା ଡ୍ରାଇଭିଂ ଲାଇସେନ୍ସ ନୁହେଁ, ସିଧାସଳଖ ବ୍ୟବହାର ହେଉଥିବା ମୋବାଇଲକୁ ସିଜ କରାଯିବ ବୋଲି ସୂଚନା ଦେଇଛନ୍ତି ପୁଲିସ କମିଶନର ସଞ୍ଜୀବ ପଣ୍ଡା । ତାଙ୍କ କହିବା କଥା ଯେ ଅମାନିଆ ଚାଳକଙ୍କ ଗାଡ଼ିକୁ କୋର୍ଟ ଚାଲାଣ କରିବା ସହ ମୋବାଇଲକୁ ପୁଲିସ୍ ତତକ୍ଷଣାତ ଜବତ କରିବ । ଚେକିଂ ସମୟରେ ପୁଲିସ ଉପରକୁ ଗାଡ଼ି ଚଢ଼ାଇ କେତେକ ଅମାନିଆ ଡ୍ରାଇଭର ଖସି ପଳାଉ ଥିବା ନଜିର ଆସିଛି । ସେମାନଙ୍କୁ ସାବାଡ କରିବା ପାଇଁ କମିଶନରେଟ ପୁଲିସ ଏବେ ୩୦୭ ଦଫାରେ ମାମଲା ରୁଜୁ କରିବା ସହ ରାସ୍ତାରେ ସ୍ପାଇକ ବିଛାଇବା ପାଇଁ ନିଷ୍ପତ୍ତି ନେଇଛି । ସେହିପରି ବିଗତ ୪ ଦିନରେ ଟ୍ରାଫିକ ଖିଲାପକାରୀଙ୍କ ୪ ଶହ ଗାଡ଼ି ଜବତ କରି ଅମାନିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଥିବା ସେ କହିଛନ୍ତି ।

କେବେ ଚେତିବ ପ୍ରଶାସନ ଦୂର ହେବ ଲୋକଙ୍କ ଦୁଃଖ

ଝାରସୁଗୁଡ଼ାକୁ କରିସାରିଲେଣି ‘ଖାରସୁଗୁଡ଼ା’ : ତଥାପି ଲିଖିତ ଅଭିଯୋଗକୁ ଏସ୍ପିସିବିର ଅପେକ୍ଷା

ଝାରସୁଗୁଡ଼ା (ଏନ୍.ଏମ୍.): ଝାରସୁଗୁଡ଼ାର ‘ଝାର ବା ଜଙ୍ଗଲ ପରିବର୍ତ୍ତେ ଏବେ କେବଳ ‘ଖାର’ ବା ପାଉଁଶ ଦେଖିବାକୁ ମିଳୁଥିବାରୁ ଲୋକେ ତାଚ୍ଛଲ୍ୟ କରି ‘ଝାରସୁଗୁଡ଼ା’କୁ ‘ଖାରସୁଗୁଡ଼ା’ ବୋଲି ବି କହିବାକୁ ଲାଗିଲେଣି । ଏହା ସତ୍ତ୍ୱେ ବି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟ ଲିଖିତ ଅଭିଯୋଗ ଅପେକ୍ଷାରେ ରହିବା ଦୁର୍ଭାଗ୍ୟଜନକ ବୋଲି ମତ ପ୍ରକାଶ ପାଉଛି । ୪୯ ନମ୍ବର ଜାତୀୟ ରାଜପଥର ଏଚ୍. କଟାପାଲିସ୍ଥିତ ସମନ୍ୱିତ ଭିତ୍ତିଭୂମି କମ୍ପ୍ଲେକ୍ସ ଜମିରେ ହେଉ ବା ବିଜୁ ଏକ୍ସପ୍ରେସ୍-ୱେ କଡ଼ରେ ହେଉ, ଗତ କିଛିଦିନ ହେବ ମନଇଚ୍ଛା ପାଉଁଶ ଡମ୍ପିଂ କରାଯାଉଥିବାର ଚିତ୍ର ସାମ୍ନାକୁ ଆସୁଛି । ଏମିତିକି, ଝାରସୁଗୁଡ଼ାରେ ଆଉ ପାଉଁଶ ପକାଇବାକୁ ଜାଗା ନଥିବାରୁ ଏଠାରୁ ପଡ଼ୋଶୀ ଜିଲ୍ଲା ସମ୍ବଲପୁର, ବରଗଡ଼ ଓ ବଲାଙ୍ଗୀରକୁ ମଧ୍ୟ ପାଉଁଶ ଚାଲାଣ କରାଯାଉଥିବା ଜଣାପଡ଼ିଛି । ତେବେ, ସମ୍ବଲପୁର, ବରଗଡ଼, ବଲାଙ୍ଗୀର ଆଦି ସ୍ଥାନକୁ ପାଉଁଶ ନେଇ ଫିଙ୍ଗିବା ବ୍ୟୟ ବହୁଳ ହୋଇଥିବାରୁ ରାତିଅଧିଆ ରାସ୍ତା କଡ଼ରେ ପାଉଁଶ ଭର୍ତ୍ତି ହାଇୱାକୁ ଖାଲି କରିଦିଆଯାଉଥିବା ଅଭିଯୋଗ ହେଉଛି । ଫଳରେ, ସାମାନ୍ୟ ପବନରେ ବି ପାଉଁଶ ଉଡ଼ି ରାସ୍ତାରେ ଯାଉଥିବା ଲୋକଙ୍କ ଶରୀରରେ ପଡ଼ିବା ସହିତ ସେମାନଙ୍କ ଶ୍ୱାସକ୍ରିୟା ଯୋଗେ ଶରୀର ଭିତରକୁ ପ୍ରବେଶ କରୁଛି । ଗୁରୁତ୍ୱପୂର୍ଣ୍ଣ ହେଉଛି, ଏହି ବେଆଇନ ପାଉଁଶ ଡମ୍ପିଂ ଯୋଗୁଁ କେବଳ ଯେ ମୃତ୍ତିକା ପ୍ରଦୂଷଣ ହେଉଛି ତାହା ନୁହେଁ । ବରଂ, ଜଳ ଓ ବାୟୁ ପ୍ରଦୂଷଣ ମଧ୍ୟ ହେଉଛି । ସାଧାରଣତଃ ଶ୍ୱାସକ୍ରିୟା ପାଇଁ ବ୍ୟବହାରଯୋଗ୍ୟ ବାୟୁରେ ପିଏମ୍ ୨.୫ ସ୍ତରର ପ୍ରଦୂଷଣର ମାତ୍ରା ପ୍ରତି ଘନମିଟର ପିଛା ୨୫ ମାଇକ୍ରୋଗ୍ରାମ୍ ରହିବା କଥା । ଝାରସୁଗୁଡ଼ାରେ ଏହି ପ୍ରଦୂଷଣର ମାତ୍ରା ପାଖାପାଖି ୩ ଗୁଣା ଅର୍ଥାତ୍ ୭୧ ମାଇକ୍ରୋଗ୍ରାମ୍ ରହିଛି । ଅର୍ଥାତ୍ ଏହି ବାୟୁକୁ ସିଧାସଳଖ ଭାବେ ଶ୍ୱାସକ୍ରିୟାରେ ଗ୍ରହଣ କରିବା ଦୈନିକ ୩ଟି ସିଗାରେଟ୍ ଟାଣିବା ସହ ସମାନ । ଏହି ପାଉଁଶମିଶା ବାୟୁ ଯେ ମନୁଷ୍ୟ ଶରୀର ଭିତରେ କେବଳ କ୍ଷତି କରୁଛି ତାହା ନୁହେଁ, ବରଂ ଆସ୍ ପରିବହନ ହେଉଥିବା ରୁଟ୍ରେ ରହୁଥିବା ଲୋକେ ଚର୍ମରୋଗରେ ଆକ୍ରାନ୍ତ ହେଉଥିବା ନେଇ ବି ଅଭିଯୋଗ ସାମ୍ନାକୁ ଆସୁଛି । ତଥାପି ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଚେତା ପଶୁନଥିବା ବେଳେ ଲିଖିତ ଅଭିଯୋଗ ପରେ ଯାଇ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଅଧିକାରୀ କହିବା ଆଶ୍ଚର୍ଯ୍ୟ ସୃଷ୍ଟି କରିଛି । ଏନେଇ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ହିରଣ୍ୟ ନାୟକଙ୍କୁ ପଚାରିବାରେ, ଲିଖିତ ଅଭିଯୋଗ କେହି ନଦେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଷ୍ଟକର ବୋଲି କହିଛନ୍ତି ।

ପୁରୀରେ ଗଣତି ପରବର୍ତ୍ତୀ ବିଜୟ ଉତ୍ସବ ପାଳନ ଉପରେ କଟକଣା

ପୁରୀ(ଏନ୍.ଏମ୍.): ପୁରୀରେ ଗଣତି ପରବର୍ତ୍ତୀ ବିଜୟ ଉତ୍ସବ ପାଳନରେ ଲାଗିଲା କଟକଣା । ବାଣ ଟ୍ରାଜେଡିକୁ ଦୃଷ୍ଟିରେ ରଖି ପୁଲିସ ଓ ଜିଲ୍ଲା ପ୍ରଶାସନ ନେଇଛି ଏହି ପଦକ୍ଷେପ । ଫଳାଫଳ ଆସିବା ପରେ କୌଣସି ପ୍ରକାର ଡିଜେ ବଜାଇବା ଓ ବାଣ ଫୁଟାଇବାକୁ ବାରଣ କରାଯାଇଛି । ସେହିପରି କୌଣସି ପ୍ରକାର ପ୍ରୋସେସନ ବା ଶୋଭାଯାତ୍ରାକୁ ମଧ୍ୟ ବାରଣ କରାଯାଇଛି । ଏନେଇ କୌଣସି ପ୍ରକାର ଅନୁମତି ଦିଆଯିବ ନାହିଁ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଯଦି କୌଣସି ବ୍ୟକ୍ତି ନିୟମ ଭଙ୍ଗ କରନ୍ତି, ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁରୀ ଏସପି ସୂଚନା ଦେଇଛନ୍ତି ।

‘ଶାନ୍ତିପୂର୍ଣ୍ଣ ଜୀବନ ପାଇଁ ଦୁଇଟି ନିୟମ: ବିଫଳତାର ଉଦାସୀନତା କେବେହେଲେ ହୃଦୟକୁ ଯିବା ଅନୁଚିତ; ସଫଳତାର ଅହଂକାର ମସ୍ତିଷ୍କକୁ ଯିବା ଅନୁଚିତ’ - ଡ. ଅବଦୁଲ କଲାମ

ନିଷ୍କର୍ଷ
NISHKARSHA

ଖୋଲା ସମୟ

ମଞ୍ଚ ଉପରେ ଅଭିନେତ୍ରୀଙ୍କୁ ଧକ୍କା ମାରିଲେ ସାଉଥ ସୁପରଷ୍ଟାର୍

ମୁମ୍ବାଇ(ଏଜେନ୍ସି): ବିବାଦରେ ସାଉଥ ସୁପରଷ୍ଟାର ତଥା ରାଜନେତା ନନ୍ଦମୁରି ବାଳକୃଷ୍ଣ। ସର୍ବସମ୍ମୁଖରେ ମଞ୍ଚ ଉପରେ ଅଭିନେତ୍ରୀଙ୍କୁ ମାରିଲେ ଧକ୍କା। ଏହାକୁ ନେଇ ଏକ ନୂଆ ବିବାଦରେ ଫଶିଛନ୍ତି ଅଖଣ୍ଡା ଷ୍ଟାର। ତାଙ୍କୁ ଚାରିଆଡୁ ଜୋରଦାର ଟ୍ରୋଲ କରାଯାଉଛି। ଅପ୍କମିଂ ତେଲୁଗୁ ଫିଲ୍ମ 'ଗ୍ୟାଙ୍ଗସ୍ ଅଫ୍ ଗୋଦାବରୀ'ର ପ୍ରମୋସନ ଇଭେଣ୍ଟ ଚାଲିଥିଲା। ଏତିକି ବେଳେ ମଞ୍ଚ ଉପରେ ନେହା ଶେଟ୍ଟୀ ସହ ଠିଆ ହୋଇଥିଲେ ସାଉଥ ଅଭିନେତ୍ରୀ ଅଞ୍ଜଳି। ଏହି ସମୟରେ ସାମ୍ନା ପଟୁ ଅଭିନେତା ନନ୍ଦମୁରି ବାଳକୃଷ୍ଣ ଆସିଥିଲେ। ତାଙ୍କୁ ଏହି ଇଭେଣ୍ଟକୁ ସ୍ପେଶାଲ ଗେଷ୍ଟ ରୂପେ ଆମନ୍ତ୍ରିତ କରାଯାଇଥିଲା।ତେବେ କ୍ୟାମେରା ସାମ୍ନାରେ ଫଟୋ ପାଇଁ ପୋଜ ଦେବା ପୂର୍ବରୁ ବାଳକୃଷ୍ଣ ଅଭିନେତ୍ରୀ ଅଞ୍ଜଳିଙ୍କୁ ଦେଇଥିଲେ ଜୋରଦାର ଧକ୍କା। ତଳେ ପଡିବାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଅଭିନେତ୍ରୀ। କେବଳ ଏତିକିରେ କଥା ସରିନି ବାଳକୃଷ୍ଣ ଅଭିନେତ୍ରୀଙ୍କୁ ଧକ୍କା ଦେବା ପରେ ରାଗରେ କିଛି କହୁଥିବା ମଧ ନଜର ଆସିଛନ୍ତି। ପ୍ରଥମେ ଏହା ଦେଖି ଅଞ୍ଜଳି ଚକିତ ହୋଇ ପଡିଥିଲେ। କିନ୍ତୁ ପରେ ସ୍ଥିତିକୁ ମ୍ୟାନେଜ କରିବାକୁ ଯାଇ ସେ ହସିବାକୁ ଲାଗିଥିଲେ। ଏହି ପୂରା ଘଟଣାର ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସାଉଥ ସୁପରଷ୍ଟାରଙ୍କ ଏଭଳି ଆଚରଣକୁ ନେଇ ସୋଶାଲ ମିଡିଆ ୟୁର୍ଜସଙ୍କ ସମେତ ଅନେକ ଜଣାଶୁଣା ସେଲେବ୍ରିଟି ମଧ ଖପ୍ପା ହୋଇଯାଇଛନ୍ତି। 'ସ୍କାମ୍ ୧୯୯୨' ଓ 'ସ୍କୁପ୍' ଭଳି ପପୁଲାର ବଲିଉଡ ଫିଲ୍ମ ମେକର ହଂସଲ ମେହତା ମଧ ବାଲକୃଷ୍ଣଙ୍କ ଏହି ଭିଡିଓକୁ ଦେଖି ରାଗି ଯାଇଛନ୍ତି। ସେ ତାଙ୍କୁ କଡା ସମାଲୋଚନା କରିଛନ୍ତି। କିଏ ଏହି ସ୍କମବ୍ୟାଗ୍ ତଥା ବଦ୍ମାଶ ବ୍ୟକ୍ତି ବୋଲି ସେ ପ୍ରଶ୍ନ ପଚାରିଛନ୍ତି। ସେହିପରି ଅନେକ ୟୁଜର୍ସ ତାଙ୍କୁ ବାଳକୃଷ୍ଣଙ୍କୁ ଅହଂକାରୀ କହିବା ସହ ଅଭିନେତ୍ରୀଙ୍କୁ ସେ କ୍ଷମା ମାଗନ୍ତୁ ବୋଲି ଦାବି କରିଛନ୍ତି। କହିରଖୁ ଯେ ଅଭିନେତା ବାଳକୃଷ୍ଣ ଜଣେ ସାଉଥ ସୁପରଷ୍ଟାର ହେବା ସହ ଆନ୍ଧ୍ରପ୍ରଦେଶର ବିଧାୟକ ଅଟନ୍ତି। ସେ ସାଉଥ ସିନେମାର ଆଇକନିକ୍ ଷ୍ଟାର୍ ଏନ୍ଟି ରାମା ରାଓର ପୁଅ ଓ ଜୁନିଅର୍ ଏନ୍ଟି ରାମା ରାଓର ଦାଦା ଅଟନ୍ତି। ବଳକୃଷ୍ଣ ବର୍ତ୍ତମାନ ନିଜର ୧୦୭ତମ ଫିଲ୍ମର ସୁଟିଂ କରୁଛନ୍ତି। ଏହି ଫିଲ୍ମକୁ ତେଲୁଗୁ ସମେତ ହିନ୍ଦୀ ଭାଷାରେ ମଧ ରିଲିଜ କରାଯିବ।

ଗୌରବ ଆଣିଲେ ଅନସୂୟା ସେନଗୁପ୍ତା, ପ୍ରଥମ ଭାରତୀୟ ଅଭିନେତ୍ରୀ ଭାବେ ଜିତିଲେ କାନ୍ସ ବେଷ୍ଟ ଆକ୍ଟ୍ରେସ୍ ଆୱାର୍ଡ



ମୁମ୍ବାଇ(ଏଜେନ୍ସି): କଳା କ୍ଷେତ୍ରରେ ଭାରତକୁ ଗର୍ବ ଆଣିଛନ୍ତି ଅଭିନେତ୍ରୀ ଅନସୂୟା ସେନଗୁପ୍ତା। ସେ ପ୍ରଥମ ଅଭିନେତ୍ରୀ ଭାବେ କାନ୍ସ ଫେଷ୍ଟିଭାଲରେ ଶ୍ରେଷ୍ଠ ଅଭିନେତ୍ରୀ ସମ୍ମାନରେ ସମ୍ମାନିତ ହୋଇଛନ୍ତି। କାନ୍ସ ଫିଲ୍ମ ଫେଷ୍ଟିଭାଲର ଅନ୍ ସେଟର୍ନ ରିଗାର୍ଡ ସେଗମେଣ୍ଟରେ ବେଷ୍ଟ ଆକ୍ଟ୍ରେସର ସମ୍ମାନ ପାଇଁ ଇତିହାସ ସୃଷ୍ଟି କରିଛନ୍ତି ଅନସୂୟା। ବୁଲଗେରିଆ ଚଳଚ୍ଚିତ୍ର ନିର୍ମାତା କନଷ୍ଟାଣ୍ଟିନ ବୋଜାନୋଭଙ୍କ ନିର୍ଦ୍ଦେଶିତ ହିନ୍ଦି ଫିଲ୍ମ 'ସେମଲେସ୍' ପାଇଁ ଅନସୂୟା ଏହି ଆୱାର୍ଡ ପାଇଛନ୍ତି। ଏହି ଚଳଚ୍ଚିତ୍ର ଜଣେ 'ଯୌନକର୍ମୀ' କାହାଣୀ ଉପରେ ଆଧାରିତ। ଦିଲ୍ଲୀର ଜଣେ 'ଯୌନକର୍ମୀ' କିପରି ପୁଲିସକୁ ଛୁରାମାଡ଼ କରି କୋଠାରୁ ପଳାୟନ କରୁଛି ଏବଂ ତାର ପର ଯାତ୍ରା ଉପରେ ପରିବେଶିତ ହୋଇଛି 'ସେମଲେସ୍'। କାନ୍ସରେ ଶ୍ରେଷ୍ଠ ଅଭିନେତ୍ରୀ ସମ୍ମାନ ପାଇବା ପରେ ଅନସୂୟା ଏହି ପୁରସ୍କାରକୁ 'ସମଲିଙ୍ଗୀ ସମ୍ପ୍ରଦାୟ ଏବଂ ଏହିପରି ବିଶ୍ୱର ଅନ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟକୁ ଉତ୍ସର୍ଗ କରିଛନ୍ତି। ତାଙ୍କ ଭାଷଣରେ ଅନସୂୟା କହିଛନ୍ତି, 'ସମାନତା ପାଇଁ ଲଢିବାକୁ ହେଲେ ତୁମକୁ ସମଲିଙ୍ଗୀ ହେବାକୁ ପଡିବ ନାହିଁ, ଉପନିବେଶକରଣ ଦୁଃଖଦାୟକ ବୋଲି ବୁଝିବା ପାଇଁ ତୁମକୁ ଉପନିବେଶ ଅଧୀନରେ ରହିବାର ଆବଶ୍ୟକ ନାହିଁ - ଆମକୁ କେବଳ ଜଣେ ଭଲ ମଣିଷ ହେବାର ଆବଶ୍ୟକତା ରହିଛି।' ଅନସୂୟା ମୂଳତଃ କୋଲକାତାର ବାସିନ୍ଦା, କିନ୍ତୁ ବର୍ତ୍ତମାନ ଗୋଆରେ ରହୁଛନ୍ତି। ମୁମ୍ବାଇରେ ଏକ ପ୍ରଡକ୍ସନ୍ ଡିଜାଇନର୍ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ। ସେ ନେଟଫ୍ଲିକ୍ସ ଶୋ' 'ମାସବା ମାସବା'ର ସେଟ୍ ଡିଜାଇନିଂରେ ସହଯୋଗ କରିଥିଲେ। ବଙ୍ଗୀୟ ନିର୍ଦ୍ଦେଶକ ଅଞ୍ଜନ ଦତ୍ତଙ୍କ 'ରକ୍ ମ୍ୟୁଜିକାଲ୍ ମ୍ୟାଡଲି ବଙ୍ଗାଲି' ଜରିଆରେ ଅଭିନୟ କ୍ୟାରିଅର ଆରମ୍ଭ କରିଥିଲେ। ୨୦୦୯ରେ ଅନସୂୟା ମୁମ୍ବାଇ ଯାଇଥିଲେ, ଯେଉଁଠାରେ ତାଙ୍କ ଭାଇ ଅଭିଷେକ ସେନଗୁପ୍ତା ଚଳଚ୍ଚିତ୍ରରେ କାମ କରୁଥିଲେ। ତଥାପି ସେ ସିନେମାରେ ସ୍ଥାନ ପାଇନଥିଲେ, ଯାହା ଫଳରେ ଆର୍ଟ ଡିପାର୍ଟମେଣ୍ଟରେ କାମ କରୁଥିଲେ। ତେବେ କାନ୍ସ ଫିଲ୍ମ ଫେଷ୍ଟିଭାଲ ଅନ୍ ସେର୍ଟନ୍ ରିଗାର୍ଡ ପ୍ରାଇଜ୍ ଚାଇନାର ଚଳଚ୍ଚିତ୍ର ନିର୍ମାତା ହୁ ଗୁଆନଙ୍କ ନିର୍ଦ୍ଦେଶିତ 'ବ୍ଲାକ୍ ଡଗ୍'କୁ ପ୍ରଦାନ କରାଯାଇ ଥିବାବେଳେ ବୋରିସ୍ ଲୋଜକିନଙ୍କ ଦି ଷ୍ଟୋରୀ ଅଫ୍ ସୋଲେମାନ'କୁ ଜୁରି ପୁରସ୍କାର ପ୍ରଦାନ କରାଯାଇଛି।

ଜୀ ସାର୍ଥକର ଲୋକପ୍ରିୟ ମେଗା ଧାରାବାହିକ ‘ଭାଗ୍ୟରେଖା’ ଏବେ ଏକ ନୂଆ ସମୟରେ ପ୍ରତ୍ୟେକ ସୋମବାରରୁ ଶନିବାର ରାତି ୯ଟା ରେ

କଟକ (ଏନ୍.ଏମ୍.): ଜୀ ସାର୍ଥକ ତା'ର ଅଗଣିତ ଦର୍ଶକଙ୍କୁ ଗୋଟିଏ ପରେ ଗୋଟିଏ ହୃଦୟସ୍ପର୍ଶୀ କାହାଣୀ ଉପହାର ଦେବା ଅବ୍ୟାହତ ଜାରି ରଖିଛି। ନାରୀ ଜୀବନର ପ୍ରତିଟି ମୁହୂର୍ତ୍ତରେ ଘଟୁଥିବା ଘଟଣାବଳୀକୁ ତୀକ୍ଷ୍ଣ ନଜର ରଖିବା ସହିତ ବିଷୟବସ୍ତୁ ଗୁଣବତ୍ତା ଓ ଅନ୍ତର୍ଭୁକ୍ତିକୁ ଗୁରୁତ୍ୱ ଦେଇ ଓଡ଼ିଆ ଦର୍ଶକଙ୍କୁ ଭେଟି ଦେଇଚାଲିଛି ଗୋଟିଏ ପରେ ଗୋଟିଏ ନୂଆ ଧାରାବାହିକ। ସେଇ ପରିପ୍ରେକ୍ଷୀରେ ଜୀ ସାର୍ଥକ ପ୍ରସ୍ତୁତ ନୂଆ ଧାରାବାହିକ 'ଭାଗ୍ୟ ରେଖା' ଏବେ ଏକ ନୂଆ ସମୟରେ ପ୍ରତ୍ୟେକ ସୋମବାର ରୁ ଶନିବାର ରାତି ୯ ରୁ ଜୀ ସାର୍ଥକରେ ପ୍ରସାରିତ ହେବ। ପରିବାର, ପ୍ରେମ ଏବଂ ପୁନର୍ମିଳନର ଏକ ହୃଦୟସ୍ପର୍ଶୀ କାହାଣୀ 'ଭାଗ୍ୟରେଖା'। ଦୀର୍ଘ ଦିନରୁ ମାଆଙ୍କ ଠାରୁ ଦୂରେଇଥିବା ରେଖା ଏବଂ ଶିଖା ଦୁଇ ଭଉଣୀ ସେମାନଙ୍କର ମାଆଙ୍କ ସହ ମିଶିବାକୁ ଏକ ପ୍ରୟାସ କରୁଛନ୍ତି। ଏଥିରେ କ'ଣ ସେମାନେ ସଫଳ ହେଉଛନ୍ତି ନା ଅଧିକରୁ ଅଧିକ ପ୍ରତିବନ୍ଧର ସାମ୍ନା କରୁଛନ୍ତି ? ଏହି ସମୟରେ, ରେଖା ଅପ୍ରତ୍ୟାଶିତ ଭାବରେ ଚଳଚ୍ଚିତ୍ର ଜଗତର ସୁପରଷ୍ଟାର ଭାଗ୍ୟଙ୍କ ସହ ଦେଖା ହୁଏ ଏବଂ ସେମାନଙ୍କ ଜୀବନର ନାଟକରେ ଆଉ ଏକସ୍ତର ଯୋଡ଼ି ହୋଇଯାଏ। ଭାଗ୍ୟ ଯିଏକି ପ୍ରସିଦ୍ଧ ଚଳଚ୍ଚିତ୍ର ତାରକା ସୀତାଙ୍କ ଅତୀତ ଏବଂ ରେଖା ଆଶ୍ରୟ ନେଇଥିବା ଆଶ୍ରମ ସହ ଜଡ଼ିତ ଥିଲେ ବୋଲି ଜଣା ପଡିଲା ପରେ ତା'ପରେ କାହାଣୀରେ ଘଟେ ଟ୍ୱିଷ୍ଟ। ରେଖା ଚରିତ୍ରରେ ଅଭିନୟ କରୁଥିବା ଚୁଲବୁଲି ନାୟିକା ସୁମନ ପଟ୍ଟନାୟକ ଜଣେ ଆୟୁର୍ବେଦିକ ଡାକ୍ତର ଭୂମିକାରେ ଆସୁଛନ୍ତି। ରେଖା ଏମିତି ଜଣେ ଝିଅ ଯିଏ ସବୁ ପରିସ୍ଥିତିକୁ ହସି ହସି ସାମ୍ନା କରୁଛି। ସେ ତାର ଆଶା ଆଉ ଆକାଂକ୍ଷାକୁ ନିଜର ଶକ୍ତି ବୋଲି ବୁଝିଥାଏ। ହେଲେ ଗୋଟେ ପଟେ ତା ଭାଗ୍ୟରେଖାରେ କଣ ଅଛି ସେ ଜାଣି ନାହିଁ। ଅନ୍ୟପଟେ ଜୀବନର ଏଇ ଦୋଛକିରେ ଯେତେବେଳେ ରେଖାର ଭାଗ୍ୟ ସହ ଦେଖା ହେବ, କେଉଁଆଡେ ଟାଣିନେବ ତା ଭାଗ୍ୟରେଖା। ଏହାକୁ ନେଇ ଜୀ ସାର୍ଥକ ପ୍ରସ୍ତୁତ ଆପଣଙ୍କର ନୂଆ ମେଗା ଧାରାବାହିକ 'ଭାଗ୍ୟରେଖା' ପ୍ରଯୋଜକ ବିଜୟ ବାରିକଙ୍କ ସାନଭି ପ୍ରଡ଼କସନ ଦ୍ୱାରା ନିର୍ମାଣ ହୋଇଥିବା ବେଳେ ରେଖା ଭୂମିକାରେ ଚୁଲବୁଲି ନାୟିକା ସୁମନ ଏବଂ ନାୟକ ଭାଗ୍ୟ ଚରିତ୍ରରେ ଜୟଜିତ ଅଭିନୟ କରୁଛନ୍ତି। ଅନ୍ୟାନ୍ୟ ଭୂମିକାରେ ଦର୍ଶକଙ୍କର ଅଧିକ ପସନ୍ଦିତ କଳାକାରମାନେ ନଜର ଆସିବେ। ଜୀ ସାର୍ଥକର ଏହି ନୂଆ ମେଗା ଧାରାବାହିକ 'ଭାଗ୍ୟ ରେଖା' ସମସ୍ତ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଜୀ ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ପ୍ରତୀକ ସିଲ୍ ପ୍ରକାଶ କରିଛନ୍ତି।

ସଲମାନଙ୍କୁ ହତ୍ୟା ଷଡ଼ଯନ୍ତ୍ର, ୪ ଗିରଫ



ମୁମ୍ବାଇ(ଏନ୍.ଏମ୍.): ବଲିଉଡର ଭାଇଜାନ୍ଙ୍କୁ ପୁଣି ହତ୍ୟା କରିବାକୁ ଷଡ଼ଯନ୍ତ୍ର। ପନଭ୍ଲେ ସ୍ଥିତ ଫାର୍ମ ହାଉସରେ ଅଭିନେତା ସଲମାନ ଖାନ୍ଙ୍କ ଉପରେ କରାଯାଇଥାନ୍ତା ଆକ୍ରମଣ। ତାଙ୍କ ଉପରକୁ ଆକ୍ରମଣ କରିଥାନ୍ତେ ଦୁର୍ବୃତ୍ତ। ତେବେ ଏହାପୂର୍ବରୁ ପୁଲିସ ଏହାର ପର୍ଦ୍ଦାଫାଶ କରିଛି। ଏହି ମାମଲାରେ ନଭି ମୁମ୍ବାଇ ପୁଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସଲମାନ ଖାନ୍ଙ୍କୁ ହତ୍ୟା କରିବା ପାଇଁ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ପ୍ଲାନ୍ କରିଥିଲା। ଏଥିପାଇଁ ସେ ପାକିସ୍ତାନରୁ ଅସ୍ତ୍ରଶସ୍ତ୍ର ମଗାଇଥିଲା। ପାନଭେଲରେ ସଲମାନ ଖାନଙ୍କ କାର ଉପରେ ଆକ୍ରମଣ କରିବାକୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ଯୋଜନା କରିଥିଲା। ଏହି ମାମଲାରେ ଗୁଇନ୍ଦା ସୂଚନା ମିଳିବା ପରେ ପୁଲିସ ଏଫ୍ଆଇଆର୍ ରୁଜୁ କରି ୪ ଜଣଙ୍କୁ ବାନ୍ଧିଛି। ଏମାନେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ସହ ମିଶିଥିବା ପୁଲିସ ଦାବି କରିଛି। ସୂଚନା ମୁତାବକ, ଜେଲ୍ରେ ବନ୍ଦ ଥିବା ଗ୍ୟାଙ୍ଗଷ୍ଟର ବିଷ୍ଣୋଇ କାନାଡା ସ୍ଥିତ ତା' ଭାଇ ଅନ୍ମୋଲ ବିଷ୍ଣୋଇ ଓ ସାଥୀ ଗୋଲ୍ଡି ବ୍ରାର ସହ ମିଶି ପାକିସ୍ତାନର ଅସ୍ତ୍ରଶସ୍ତ୍ର ଡିଲର୍ଙ୍କୁ ଯୋଗାଯୋଗ କରିଥିଲା। ସେ ତାଙ୍କ ଠାରୁ ଇକ-୪୭, ଗ-୧୬, ଇକ-୯୨ ଏବଂ ଅନ୍ୟାନ୍ୟ ଅତ୍ୟାଧୁନିକ ଅସ୍ତ୍ର କିଣି ଅଭିନେତା ସଲମାନ ଖାନଙ୍କୁ ହତ୍ୟା କରିବା ପାଇଁ ପ୍ଲାନ କରିଥିଲା। ଏହାପୂର୍ବରୁ ଏପ୍ରିଲ ୧୪ ତାରିଖରେ ମୁମ୍ବାଇ ବାନ୍ଦ୍ରା ସ୍ଥିତ ଗ୍ୟାଲେକ୍ସି ଆପାର୍ଟମେଣ୍ଟରେ ସଲମାନ ଖାନ୍ଙ୍କ ଘର ବାହାରେ ଗୁଳିମାଡ କରାଯାଇଥିଲା। ଦୁଇ ଜଣ ଦୁର୍ବୃତ୍ତ ବାଇକ୍ରେ ଆସି ସଲମାନଙ୍କ ଘର ଉପରକୁ ଟାର୍ଗେଟ କରି ୫ ରାଉଣ୍ଡ ଗୁଳିମାଡ କରିଥିଲେ। ଏଥିପାଇଁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ନିଜକୁ ଦାୟୀ କରିଥିଲା। ପରେ ଗୁଳିମାଡ କରିଥିବା ସମସ୍ତ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଥିଲା।

ଏ ସପ୍ତାହର ଭାଗ୍ୟବିଚାର

ମେଷ: ସୋମବାର: ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ। ଶୁକ୍ର ଓ ଶନିବାର: ଶିକ୍ଷକଙ୍କର ସହଯୋଗ ପାଇବେ। ରବିବାର ପାରିବାରିକ ସୁଖ ମିଳିବ।

ବୃଷ: ସୋମବାର: ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ। ଶୁକ୍ର ଓ ଶନିବାର: ଘରର ପରିବେଶ ଭଲ ରହିବ। ରବିବାର: ଲାଭବାନ ହେବେ।

ମିଥୁନ: ସେମାବାର: ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ। ଶୁକ୍ର ଓ ଶନିବାର: ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି। ରବିବାର:ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ।

କର୍କଟ: ସୋମବାର: ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ। ଶୁକ୍ର ଓ ଶନିବାର: ବ୍ୟବସାୟରେ ବିକ୍ରୀ ବଢ଼ିବ। ରବିବାର: ମନବାଞ୍ଛା ପୂର୍ଣ୍ଣ ହେବ।

ସିଂହ: ସୋମବାର: ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ମନ ଆଧ୍ୟାତ୍ମିକ ଦିଗରେ ଲାଗି ରହିବ। ଶୁକ୍ର ଓ ଶନିବାର: କିଛିନା କିଛି ଇଚ୍ଛା ପୂରା ହେବ। ରବିବାର: ନୂତନ କାର୍ଯ୍ୟରେ ଯୋଗଦେବେ।

କନ୍ୟା: ସୋମବାର: କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ। ଶୁକ୍ର ଓ ଶନିବାର: ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ। ରବିବାର: କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ।

ତୁଳା: ସୋମବାର: ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ। ମଙ୍ଗଳ, ବୁଧ ଓ ଗୁରୁବାର: ବେକାରଙ୍କୁ ରୋଜଗାର ମିଳିବ। ଶୁକ୍ର ଓ ଶନିବାର: ବିଶେଷ କାମରେ ବାଧା ଉପୁଜିପାରେ। ରବିବାର: ହଠାତ୍ ଅସୁସ୍ଥ ଅନୁଭବ କରିବେ।

ବିଛା: ସୋମବାର: ବ୍ୟବସାୟରେ ସବୁ ଭଲ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ। ଶୁକ୍ର ଓ ଶନିବାର: ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ। ରବିବାର: ବ୍ୟବସାୟରେ ଲାଭବାନ ହେବେ।

ଧନୁ: ସୋମବାର: କୌଣସି କାମରେ ଅଧିକ ସମୟ ବ୍ୟୟ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ନୂଆ ଲୋକଙ୍କ ସହିତ ସଂପର୍କ ହେବ। ଶୁକ୍ର ଓ ଶନିବାର: କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ। ରବିବାର: ଅଯଥାରେ ସମୟ ଅତିବାହିତ ହେବ।

ମକର: ସୋମବାର: ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଉପାର୍ଜନ ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: କାରବାରରେ ସଫଳତା ପାଇବେ। ରବିବାର: କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ।

କୁମ୍ଭ: ସୋମବାର: ସାମାଜିକ କାର୍ଯ୍ୟରେ ସମୟ ଦେବେ। ମଙ୍ଗଳ, ବୁଧ ଓ ଗୁରୁବାର: ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: ନୂଆ କାର୍ଯ୍ୟରେ ରୁଚି ବଢ଼ିବ। ରବିବାର: ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ।

ମୀନ: ସୋମବାର: ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ। ଶୁକ୍ର ଓ ଶନିବାର: ଆୟ ବୃଦ୍ଧି ହେବ। ରବିବାର: ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ।

ରାତି ସାରା ଏସି ଲଗାଇ ଶୋଉଛନ୍ତି କି ? ମାଡ଼ି ବସିବ ବହୁ ରୋଗ

ଲୋକଙ୍କୁ କଲବଲ କରୁଛି ଅସହ୍ୟ ତାତି। ତାତିରୁ ନିସ୍ତାର ପାଇବାକୁ ତ୍ରାହି ତ୍ରାହି ଡାକୁଛନ୍ତି ଲୋକେ। ଖରାର କୋପ ସହି ନ ପାରି ଅକାଳରେ ଚାଲି ଯାଉଛି ବହୁ ଜୀବନ। ଏପରି ସ୍ଥଳେ ତାତିରୁ ମୁକ୍ତି ପାଇବାକୁ ଲୋକେ ଏସିର ଥଣ୍ଡା ହାୱା ଚାହୁଁଛନ୍ତି। ତେଣୁ ଏବେ ବଜାରରେ ଏସିର ଚାହିଦା ପ୍ରବଳ। ଯେକୌଣସି ପ୍ରକାରେ ନିଜ ଘରେ ଏସି ଲଗାଇ ତାତିକୁ ବାଏ ବାଏ କହିବାକୁ ସମସ୍ତେ ତତ୍ପର। ତେବେ ଏସି କେତେ କ୍ଷତିକାରକ

ଯେଉଁ ଲୋକ ଦିନରେ କାମ ସମୟରେ ଏସିରେ ରହୁଛନ୍ତି ଓ ରାତିରେ ଶୋଇବା ବେଳେ ବି ଏସିକୁ ଚାଲୁ ରଖୁଛନ୍ତି, ସେମାନେ ମୁଖ୍ୟତଃ ମୁଣ୍ଡ ବିନ୍ଧା ରୋଗରେ ପୀଡ଼ିତ ହୋଇଥାନ୍ତି। କାରଣ ରାତି ସାରା ଏସିର ଥଣ୍ଡା ପବନ ଆପଣଙ୍କ ମୁଣ୍ଡରେ ମାଡ଼ ହୋଇଥାଏ। ଫଳରେ ଏପରି ସ୍ଥିତିରେ ମୁଣ୍ଡ ବିନ୍ଧିବା ଓ ମୁଣ୍ଡ ଭାରି ଭାରି ଲାଗିବା ସାଧାରଣ କଥା।

ରାତି ସାରା ଏସି ଲଗାଇ ଶୋଇବା ଯୋଗୁ ଶରୀରର ତାପମାତ୍ରା ଖସିଥାଏ। ଏଥିଯୋଗୁ ହଜମ ପ୍ରକ୍ରିୟା ବି ପ୍ରଭାବିତ ହୋଇଥାଏ। କାରଣ ସବୁବେଳେ ଥଣ୍ଡା ତାପମାତ୍ରାରେ ରହିବା ଯୋଗୁ ପାଚନ କ୍ରିୟା ବାଧାପ୍ରାପ୍ତ ହୋଇଥାଏ। ରାତି ସାରା ଏସିରେ ଶୋଇବା ଦ୍ୱାରା ଶରୀରରୁ ଜଳୀୟ ଅଂଶ ଶୁଖି ଯାଇଥାଏ। ଏପରିକି ଶରୀରରୁ ଖଣିଜ ଲବଣ କମି ଯାଇଥାଏ ଓ ତଣ୍ଟି ଶୁଖି ଯାଇଥାଏ।

ସାରା ରାତି ଏସିରେ ଶୋଇବା ଯୋଗୁ ଆମ ଚର୍ମ ଶୁଷ୍କ ହୋଇଯାଇଥାଏ। ଫଳରେ ଚର୍ମରୁ ଚମକ କମି ଯାଇଥାଏ। ଏହା ପୂରା ଡ୍ରାଏ ହୋଇ ଯାଇଥାଏ।

ଏସିରେ ରାତି ସାରା ଶୋଇବା କାରଣରୁ ସବୁବେଳେ ଥଣ୍ଡା ଲାଗିରୁହେ। କାରଣ ରାତି ସମୟରେ ଆମ ଶରୀର ନିଷ୍କ୍ରୀୟ ଅବସ୍ଥାରେ ଥାଏ। ଏପରି ସମୟରେ ନନ୍‌ଷ୍ଟପ୍ ଥଣ୍ଡା ପବନ ମାଡ଼ ହୋଇ ସହଜରେ ଥଣ୍ଡା ସଂକ୍ରମଣ ମାଡ଼ି ବସିଥାଏ। ଫ୍ରେଶ ପବନ ସବୁବେଳେ ଲୋକଙ୍କୁ ଏନର୍ଜେଟିକ କରିଥାଏ। ମାତ୍ର ରାତିରେ କବାଟ,ଝରକା ବନ୍ଦ କରି ଏସି ଲଗାଇ ଶୋଇବା ଦ୍ୱାରା ଶରୀରରେ ଫ୍ରେଶ ପବନ ବାଜି ନ ଥାଏ। ଫଳରେ ସକାଳେ ଉଠିବା ପରେ ଥକାପଣ ଅନୁଭବ ହୋଇଥାଏ।

ମା'ରାଣ ଦେହକୁ ନେବେନି...

ଭୋଓଟ ଭୋଓଟ କେତେ ହଉଥେଲୁ
ହେଲା ପରା ତାର ପର୍ଯାୟ ଶେଷ...
ହାରିଯିବା କଥା ଭାବିଲାବେଳକୁ
ମନେପଡେ ଫୁଲମାଳରେ ମେଷ...
ଆରଥରକୁ ନଥିବ କେଶ...
ଗାନ୍ଧୀ ଫେରିଯିବା ଭୟର ଆଗରୁ
ଭଲରେ କବାଟ କିଳିକି ପଶ ..

- ସମ୍ବିତ ସେନାପତି

ବୋଉର ରୋଷେଇ ଘର

ଗରମ ଭାତ ସହ ଖାଆନ୍ତୁ ଚିଙ୍ଗୁଡ଼ି ଲାଉ ଘାଣ୍ଟ

ଆବଶ୍ୟକ ସାମଗ୍ରୀ: ଲାଉ, ଚିଙ୍ଗୁଡ଼ି, କଟା ପିଆଜ, କଟା କଞ୍ଚା ଲଙ୍କା, କଟା ରସୁଣ, ଧନିଆ ଗୁଣ୍ଡ, ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଲୁଣ, ତେଲ, କଟା ଟମାଟୋ, ଗରମ ମସଲା

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିଙ୍ଗୁଡ଼ିକୁ ଧୋଇ ଲୁଣ ହଳଦୀ ଗୋଳାଇ ରଖି ଦିଅନ୍ତୁ। ତା'ପରେ ଚୁଲିରେ କଡ଼େଇ ବସାଇ ତେଲ ପକାନ୍ତୁ। ତେଲ ଗରମ ହୋଇଯିବା ପରେ ସେଥିରେ ଫୁଟଣ, କଞ୍ଚା ଲଙ୍କା, କଟା ପିଆଜ, ଲୁଣ, କଟା ରସୁଣ ପକାଇ ଭାଜି ଦିଅନ୍ତୁ। ତା'ପରେ ସେଥିରେ ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ ପକାଇ ଗୋଳାଇ ଦିଅନ୍ତୁ।

ଅଳ୍ପ ସମୟ ପରେ ହଳଦୀ ଗୁଣ୍ଡ ଓ ଲୁଣ ଗୋଳା ହୋଇ ରହିଥିବା ଚିଙ୍ଗୁଡ଼ି କଡ଼େଇରେ ପକାଇ ଭଲ ଭାବେ ଗୋଳେଇ ଦିଅନ୍ତୁ। ଏହା ପରେ ସେଥିରେ କଟା ଟମାଟୋ ପକାଇ ଭଲ ଭାବେ କଷନ୍ତୁ। କିଛି ସମୟ ପରେ ଛୋଟ ଛୋଟ ପିସ୍ କଟା ହୋଇ ରହିଥିବା ଲାଉକୁ ସେହି ଚିଙ୍ଗୁଡ଼ିରେ ପକାଇ ଗୋଳେଇ ଦେଇ ଢାଙ୍କୁଣି ଘୋଡ଼େଇ ଦିଅନ୍ତୁ।

ଲାଉରୁ ପାଣି ବାହାରି ମରିଯିବା ପରେ ସେଥିରେ ଗରମ ମସଲା ପକାଇ ଚୁଲିରୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଚିଙ୍ଗୁଡ଼ି ଲାଉ ଘାଣ୍ଟ। ନିଜେ ଖାଆନ୍ତୁ ଅନ୍ୟକୁ ଖୁଆନ୍ତୁ।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର। ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା' ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି। ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ।

ସୁନା ଚୋରା ଚାଲାଣ ମାମଲାରେ ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ନେଇ ମୁହଁ ଖୋଲିଲେ କଂଗ୍ରେସ ନେତା ଶଶି ଥରୁର

ନୂଆଦିଲ୍ଲୀ(ଏଜେନ୍ସି): ଗିରଫ ବ୍ୟକ୍ତି ନିଜକୁ ଥରୁରଙ୍କ ଆସିଷ୍ଟାଣ୍ଟ (ସହକାରୀ) ବୋଲି ଦାବି କରୁଥିବା ବେଳେ ଏହାକୁ ସେ ଖଣ୍ଡନ କରିଛନ୍ତି। ଏଥିସହ ଯାଞ୍ଚ ପ୍ରକ୍ରିୟାରେ ତଦନ୍ତକାରୀ ସଂସ୍ଥାକୁ ପୂର୍ଣ୍ଣ ସହାୟତା ଯୋଗାଇ ଦେବେ ବୋଲି କହିଛନ୍ତି। ସାଂସଦ ଶଶି ଥରୁର ଏନେଇ ସୋଶାଲ ମିଡିଆରେ ପୋଷ୍ଟ କରି କହିଛନ୍ତି, ମୁଁ ନିର୍ବାଚନୀ ପ୍ରଚାର ପାଇଁ ଧର୍ମଶାଳାରେ ଥିବା ବେଳେ ମୋର ଜଣେ ପୂର୍ବ କର୍ମଚାରୀ ସୁନା ଚୋରା ଚୋଲାଣରେ ଗିରଫ ହୋଇଥିବା ଶୁଣି ଆଶ୍ଚର୍ଯ୍ୟ ହେଲି। ବାସ୍ତବରେ ସେ ମୋର ବର୍ତ୍ତମାନ କର୍ମଚାରୀ ନୁହଁନ୍ତି । ଉକ୍ତ ବ୍ୟକ୍ତି ପୂର୍ବରୁ ବିମାନବନ୍ଦରରେ ସହାୟତା ପ୍ରଦାନକାରୀ ଭାବେ କାର୍ଯ୍ୟ କରୁଥିଲେ। ସୂଚନା ଅନୁସାରେ, ଆଜି ଦିଲ୍ଲୀର ଇନ୍ଦିରା ଗାନ୍ଧି ଅନ୍ତର୍ଜାତୀୟ ବିମାନବନ୍ଦରରୁ ସୁନା ଚୋରା ଚାଲାଣ ଅଭିଯୋଗରେ ଅବକାରୀ ବିଭାଗ ଦୁଇ ଜଣଙ୍କୁ ଗିରଫ କରିଥିଲା । ଏମାନଙ୍କ ନିକଟରୁ ୫୦୦ ଗ୍ରାମର ସୁନା ଜବତ ହୋଇଥିଲା, ଯାହାର ମୂଲ୍ୟ ଭାରତୀୟ ବଜାରରେ ୩୦ ଲକ୍ଷ ଟଙ୍କା ହେବ। ଏମାନେ ଦୁବାଇରୁ ସୁନା ଚୋରା ଚାଲଣ କରୁଥିଲେ।

ଏସି ବିସ୍ଫୋରଣରେ ନୋଇଡା ସୋସାଇଟିରେ ବଡ଼ ଧରଣର ଅଗ୍ନିକାଣ୍ଡ

ନୂଆଦିଲ୍ଲୀ(ଏଜେନ୍ସି): ଏୟାର କଣ୍ଡିସନର (ଏସି) ବିସ୍ଫୋରଣରେ ନୋଇଡାରେ ଏକ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ନୋଇଡା ସେକ୍ଟର ୧୦୦ର ଲୋଟସ୍ ବ୍ଲୁ ବାର୍ଡ ସୋସାଇଟିର ଏକ ଫ୍ଲାଟରେ ଏହି ଏସି ବିସ୍ଫୋରଣ ଘଟିଛି। ବିସ୍ଫୋରଣ ଘଟି ନିଆଁ ଲାଗିଗଲା ଏବଂ ଏହା ଶୀଘ୍ର ସୋସାଇଟିରେ ଥିବା ଅନ୍ୟ ଫ୍ଲାଟଗୁଡିକରେ ବି ବ୍ୟାପିଗଲା। ଜାତୀୟ ରାଜଧାନୀ ଅଞ୍ଚଳରେ ପ୍ରବଳ ଉତ୍ତାପ ମଧ୍ୟରେ ଘଟିଥିବା ଏହି ଅଗ୍ନିକାଣ୍ଡ ଏବେ ସହରବାସୀଙ୍କ ମଧ୍ୟରେ ଭୟର ଆତଙ୍କ ସୃଷ୍ଟି କରିଛି। ପ୍ରଭାବିତ ଫ୍ଲାଟରୁ ପ୍ରବଳ ଧୂଆଁ ବାହାରୁଥିବାରୁ ନିକଟସ୍ଥ ଫ୍ଲାଟରେ ରହୁଥିବା ଲୋକମାନେ ଦୌଡ଼ି କରି ବାହାରକୁ ପଳାଇ ଯାଇଥିବାର ଦେଖିବାକୁ ମିଳିଛି। ଏହି ଘଟଣାରେ କୌଣସି ଜନଜୀବନ କ୍ଷୟକ୍ଷତି ସମ୍ପର୍କରେ ଏପର୍ଯ୍ୟନ୍ତ ଖବର ମିଳିନାହିଁ। ଏନେଇ ପୁଲିସ ମୁଖପାତ୍ର ପିଟିଆଇକୁ କହିଛନ୍ତି ଯେ ଘଟଣା ଘଟିବା ପରେ ଅଗ୍ନି ନିରାପତ୍ତା ଅଧିକାରୀଙ୍କ ଦ୍ୱାରା ନିଆଁ ଲିଭାଇ ଦିଆଯାଇଛି। ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିବା ଭିଡିଓଗୁଡିକରେ ସୋସାଇଟିର ଏକ ଆବାସିକ ଟାୱାରରେ ଥିବା ଆପାର୍ଟମେଣ୍ଟରୁ ପ୍ରବଳ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଛି।

ଏକ୍‌ଜିଟ ପୋଲ: କେଉଁ ରାଜ୍ୟରେ କେତେ ଆସନ ଜିତିବ ବିଜେପି ?

ନୂଆଦିଲ୍ଲୀ(ଏଜେନ୍ସି): ନିର୍ବାଚନ ସରିବା ସହ ଆସି ଯାଇଛି ଏକଜିଟ ପୋଲ ରେଜଲ୍ଟ। ଜାତୀୟସ୍ତରର ଗଣମାଧ୍ୟମ କରିଥିବା ସର୍ଭେ କହୁଛି ଯେ ବିଜେପି କେନ୍ଦ୍ରରେ ହ୍ୟାଟ୍ରିକ ମାରିବାକୁ ଯାଉଛି। ସେହିପରି କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକୁ କ୍ଷମତାକୁ ଆସିବା ପାଇଁ ଆହୁରି ୫ ବର୍ଷ ଅପେକ୍ଷା କରିବାକୁ ପଡ଼ିବ। ଅଧିକାଂଶ ଏକ୍ସିଜିଟ ପୋଲରୁ ସ୍ପଷ୍ଟ ହୋଇଛି ଯେ ବିଜେପି ୨୦୧୯ ଭଳି ୨୦୨୪ରେ ମଧ୍ୟ ହିମାଚଳ ପ୍ରଦେଶ, ମଧ୍ୟପ୍ରଦେଶ, ଗୁଜରାଟ, ଛତିଶଗଡ଼, ହରିଆଣା ଓ ଦିଲ୍ଲୀର ସମସ୍ତ ଲୋକସଭା ଆସନ ଜିତିବ। ସେହିପରି କେରଳ ଓ ତାମିଲନାଡୁ ଭଳି ରାଜ୍ୟରେ ଦଳ ଏଥର ଖାତା ଖୋଲିବାକୁ ମଧ୍ୟ ସକ୍ଷମ ହେବ। କାରଣ କେରଳ ଓ ତାମିଲନାଡୁରେ ବିଜେପି ଖାତା ଖୋଲିବାକୁ ପୂର୍ବରୁ ସକ୍ଷମ ହୋଇ ନଥିଲା। କିନ୍ତୁ ୨୦୨୪ରେ ସ୍ଥିତି ବଦଳିବ ବୋଲି ଏକଜିଟ ପୋଲରେ ଆକଳନ କରାଯାଇଛି। ଏକ୍ସିସ ମାଇଁ ଇଣ୍ଡିଆ ପକ୍ଷରୁ ରାଜ୍ୟୱାରୀ ବିଜେପି ଓ ଅନ୍ୟ ଦଳଗୁଡ଼ିକ କେତୋଟି ଲେଖାଏ ଆସନ ଜିତିବେ, ତା'ର ଆକଳନ କରାଯାଇଛି। ସଂସ୍ଥା କହିଛି ଯେ ହରିଆଣାର ୧୦ଟି ଲୋକସଭା ଆସନରୁ ବିଜେପି ୬ରୁ ୮ଟି ଜିତିବାକୁ ଥିବା ବେଳେ ଇଣ୍ଡିଆ ମେଣ୍ଟ ୨ରୁ ୪ଟି ଓ ଅନ୍ୟାନ୍ୟ ଦଳ ଖାତା ଖୋଲିବାକୁ ସକ୍ଷମ ହେବେ ନାହିଁ। ହିମାଚଳ ପ୍ରଦେଶର ୪ଟି ଲୋକସଭା ଆସନରୁ ଏନଡିଏ ସମସ୍ତ ୪ଟି ଯାକ ଆସନରେ ବାଜିମାତ କରିବ। ଉତ୍ତରାଖଣ୍ଡର ସମସ୍ତ ୫ଟି ଆସନ ବିଜେପି ଖାତାକୁ ଯିବ। ଆସାମର ୧୪ଟି ଲୋକସଭା ଆସନରୁ କଂଗ୍ରେସକୁ ୨ରୁ ୪ଟି, ବିଜେପିକୁ ୯ରୁ ୧୧ ଓ ଅନ୍ୟାନ୍ୟ ଦଳ ଖାତା ଖୋଲି ପାରିବେ ନାହିଁ। ପଞ୍ଜାବର ୧୩ଟି ଲୋକସଭା ଆସନରୁ ଏନଡିଏ ୨ରୁ ୪, ଆପ ୦ରୁ ୨, କଂଗ୍ରେସ ୭ରୁ ୯, ଅକାଳୀ ୨ରୁ ୩ ଓ ଅନ୍ୟାନ୍ୟ ଦଳ ଶୂନରୁ ଗୋଟିଏ ଆସନ ଜିତିବେ। ଦେଶର ରାଜଧାନୀ ଦିଲ୍ଲୀରେ ଆପ ଓ କଂଗ୍ରେସ ଏକାଠି ନିର୍ବାଚନ ଲଢୁଛନ୍ତି। କିନ୍ତୁ ବିଜେପି ଏଠାରେ ୬ରୁ ୭ଟି ଓ ଇଣ୍ଡିଆ ମେଣ୍ଟ ଶୂନରୁ ୧ ଆସନ ଜିତିପାରେ। ଗୋଆର ୨ଟି ଲୋକସଭା ଆସନରୁ କଂଗ୍ରେସ ୧ ଓ ବିଜେପି ୧ ଆସନ ଜିତିପାରେ। ରାଜସ୍ଥାନର ୨୫ଟି ଲୋକସଭା ଆସନରୁ ଏନଡିଏ ୧୬ରୁ ୧୯, ଇଣ୍ଡିଆ ୫ରୁ ୭ ଓ ଅନ୍ୟାନ୍ୟ ଦଳ ୧ରୁ ୨ଟି ଆସନ ଜିତିପାରନ୍ତି। ମଧ୍ୟପ୍ରଦେଶର ୨୯ଟି ଲୋକସଭା ଆସନରୁ ଏନଡିଏ ୨୮ରୁ ୨୯ଟି, ଇଣ୍ଡିଆ ୦-୧ ଓ ଅନ୍ୟାନ୍ୟ ଦଳ ଖାତା ଖୋଲିବେ ନାହିଁ। ଗୁଜରାଟର ୨୬ଟି ଲୋକସଭା ଆସନରୁ ଏନଡିଏ ୨୫ରୁ ୨୬ ଓ ଇଣ୍ଡିଆ ମେଣ୍ଟ ଶୂନରୁ ୧ ଆସନ ଜିତିବେ। ଛତିଶଗଡ଼ର ୧୧ଟି ଲୋକସଭା ଆସନରୁ ଏନଡିଏ ୧୦-୧୧, ଇଣ୍ଡିଆ ୦ରୁ ୧ ଓ ଅନ୍ୟାନ୍ୟ ଦଳ ଖାତା ଖୋଲି ପାରିବେ ନାହିଁ। ଝାରଖଣ୍ଡର ୧୪ଟି ଲୋକସଭା ଆସନରୁ ଏନଡିଏ ୮-୧, ଇଣ୍ଡିଆ ୪ରୁ ୬ ଓ ଅନ୍ୟାନ୍ୟ ଦଳ ଖାତା ଖୋଲି ପାରିବେ ନାହିଁ। ବିହାରର ୪୦ଟି ଲୋକସଭା ଆସନରୁ ଏନଡିଏ ୨୯-୩୩, ଇଣ୍ଡିଆ ୭ରୁ ୧୦ ଓ ଅନ୍ୟାନ୍ୟ ଦଳ ୦ରୁ ୨ଟି ଆସନ ଜିତି ପାରନ୍ତି। କେରଳ ୨୦ଟି ଲୋକସଭା ଆସନରୁ ଏନଡିଏ ୨ରୁ୩ଟି, ୟୁଡିଏଫ ୧୭ରୁ ୧୮ଟି ଓ ଏଲଡିଏଫ ୦-୧ଟି ଆସନ ଜିତିପାରେ। କର୍ଣ୍ଣାଟକାର ୨୮ଟି ଲୋକସଭା ଆସନରୁ ଏନଡିଏ ୨୩ରୁ ୨୫, ଇଣ୍ଡିଆ ୩ରୁ ୫ ଓ ଅନ୍ୟାନ୍ୟ ଦଳ ଖାତା ଖୋଲି ପାରିବେ ନାହିଁ। ତାମିଲନାଡୁର ୩୯ଟି ଲୋକସଭା ଆସନରୁ ଏନଡିଏ ୨ରୁ ୪ଟି, ଇଣ୍ଡିଆ ୩୩ରୁ ୩୭ ଓ ଏଆଇଏଡିଏମକେ ୦-୨ଟି ଆସନ ଜିତି ପାରନ୍ତି।

ଶତ୍ରୁର ରାଡାରକୁ ଉଡ଼ାଇବ 'ରୁଦ୍ରମ୍-୨'

RudraM-II
IAF

ନୂଆଦିଲ୍ଲୀ(ଏନ୍.ଏମ୍.): ପ୍ରତିରକ୍ଷା କ୍ଷେତ୍ରରେ ଭାରତକୁ ଆଉ ଏକ ବଳ। ଓଡ଼ିଶା ତଟରେ ସଫଳ ହେଲା ଆଣ୍ଟି-ରେଡିଏସନ୍ ମିଜାଇଲ୍ ରୁଦ୍ର ମାର୍କ-ଟୁ ବା ରୁଦ୍ରମ୍-ଟୁର ପରୀକ୍ଷଣ। ଡିଆରଡିଓ ଦ୍ୱାରା ପ୍ରସ୍ତୁତ ଏହି ଆକାଶରୁ ଭୂପୃଷ୍ଠକୁ ନିକ୍ଷେପ ହେଉଥିବା କ୍ଷେପଣାସ୍ତ୍ରକୁ, ବାୟୁସେନାର ଲଢୁଆ ବିମାନ ସୁଖୋଇ-୩୦ ଗକଓରୁ ପରୀକ୍ଷଣ କରାଯାଇଛି। ଚାନ୍ଦିପୁର ଓଞ୍ଜ ରୁ ଏହାର ପ୍ରପଲ୍ସନ ସିଷ୍ଟମ, କଣ୍ଟ୍ରୋଲ ଓ ଗାଇଡାନ୍ସ ଆଲଗରିଦିମ୍ ଆଦି ପରୀକ୍ଷା କରାଯାଇଛି। ଆଣ୍ଟି ରେଡିଏସନ ମିଜାଇଲ୍ ଶତ୍ରୁପକ୍ଷର ରାଡାର୍, ଜାମର୍ ଓ ରେଡିଓ ସିଷ୍ଟମ ଆଦିକୁ ଚିହ୍ନଟ କରି ଧ୍ୱଂସ କରିଥାଏ ଓ ଯୋଗାଯୋଗ କ୍ଷମତାକୁ ନଷ୍ଟ କରିଥାଏ। ଭାରତର ପ୍ରଥମ ସ୍ୱଦେଶୀ ଆଣ୍ଟି ରେଡିଏସନ୍ ମିଜାଇଲ୍ ରୁଦ୍ରମ୍-ୱାନ୍ ୨୦୨୦ରେ ପରୀକ୍ଷଣ ହୋଇଥିବା ବେଳେ, ୪ ବର୍ଷ ପରେ ଏହାର ଉନ୍ନତ ଭର୍ସନ ରୁଦ୍ରମ୍-ଟୁ ପରୀକ୍ଷଣ ହୋଇଛି। ଏବେ ଭାରତୀୟ ସେନା ବ୍ୟବହାର କରୁଥିବା ରୁଷର ଆଣ୍ଟି ରେଡିଏସନ୍ ମିଜାଇଲ୍ କେଏଚ୍-୩୧ର ସ୍ଥାନ ନେବ ରୁଦ୍ରମ୍-ଟୁ।

ଆଇନ ଅଦାଲତ

ବିଜେପିର ମାନହାନୀ ମାମଲାରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କୁ ଜାମିନ

ବେଙ୍ଗାଲୁର(ଏଜେନ୍ସି): କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଓ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କୁ ଜାମିନ। ବିଜେପି ପକ୍ଷରୁ କରାଯାଇଥିବା ମାନହାନୀ ମାମଲାରେ ଆଜି ଏକ କୋର୍ଟ ଉଭୟଙ୍କୁ ଜାମିନ ଦେଇଛନ୍ତି। କଂଗ୍ରେସର ଏହି ଦୁଇ ଟାଣୁଆ ନେତା ସିଦ୍ଧରମୈୟା ଓ ଶିବକୁମାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ବସଭରାଜ ବମ୍ମାଇଙ୍କ ସମେତ ଦଳର ଅନ୍ୟ ସଦସ୍ୟଙ୍କ ବିରୋଧରେ ମିଥ୍ୟା ବିଜ୍ଞାପନ ପ୍ରଚାର କରୁଥିବା ଅଭିଯୋଗ ହୋଇଥିଲା। ବିଜେପି ଏମଏଲସି ତଥା ସାଧାରଣ ସମ୍ପାଦକ କେଶବ ପ୍ରସାଦ ମାନହାନୀ ମାମଲା ଦାଏର କରିଥିଲେ। କେଶବ ପ୍ରସାଦ ଗତ ବର୍ଷ ମେ'ରେ ସିଦ୍ଧରମୈୟା, ଶିବକୁମାରଙ୍କ ସମେତ ରାହୁଲ ଗାନ୍ଧିଙ୍କ ବିରୁଦ୍ଧରେ ଅଭିଯୋଗ କରିଥିଲେ। ଆଜି ଏକ କୋର୍ଟ ଏହି ଅଭିଯୋଗର ଶୁଣାଣି କରିଛନ୍ତି। ଆବେଦନ ଶୁଣିବା ପରେ କୋର୍ଟ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଓ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କୁ ଜାମିନ ଦେଇଛନ୍ତି।

ପ୍ରଦୀପ ପାଣିଗ୍ରାହୀଙ୍କୁ ଆକ୍ରମଣ ଘଟଣା

ଶିବଶଙ୍କରଙ୍କ ଜାମିନ ମାମଲାରେ କେସ୍ ଡାଏରୀ ଦାଖଲ ନିର୍ଦ୍ଦେଶ

କଟକ(ଏନ୍.ଏମ୍.): ବ୍ରହ୍ମପୁରର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଶିବଶଙ୍କର ଦାସଙ୍କ ଜାମିନ ଆବେଦନ ମାମଲାର ହାଇକୋର୍ଟରେ ଆଜି ଶୁଣାଣି ହୋଇଛି। ବିଚାରପତି ଆଦିତ୍ୟ ମହାପାତ୍ର ମାମଲାର ଶୁଣାଣି କରି କେସ୍ ଡାଏରୀ ଦାଖଲ ପାଇଁ ବ୍ରହ୍ମପୁର ପୁଲିସ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଶିବଶଙ୍କରଙ୍କ ନାମରେ ଅନ୍ୟ ଅପରାଧିକ ମାମଲା ସଂକ୍ରାନ୍ତରେ ଜଣାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଗତ ୧୩ ତାରିଖରେ ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଗୋଷାଣୀ ନୂଆଗାଁ ଅଞ୍ଚଳରେ ଥିବା ୧୩୩ ଓ ୧୩୪ ନମ୍ବର ବୁଥକୁ ବିଜେପି ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ ରାତି ପ୍ରାୟ ୯ଟା ସମୟରେ ଆସିଥିଲେ। ସେ ସେଠାରେ ଇଭିଏମ ଓ ଭିଭିପାଟ ମେସିନ ସିଲ୍ ହୋଇନଥିବା ଦେଖି ନିର୍ବାଚନ ପର୍ଯ୍ୟବେକ୍ଷକଙ୍କୁ ଫୋନ୍ ଯୋଗେ ଜଣାଇଥିଲେ। ଏହାପରେ ମତଦାନ କେନ୍ଦ୍ରରୁ ବାହାରି ଗୋଷାଣୀ ନୂଆଗାଁ ଥାନା ଆଇଆଇସିଙ୍କ ସହ ଆଲୋଚନା କରୁଥିବା ବେଳେ ବ୍ରହ୍ମପୁର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଶିବଶଙ୍କର ଦାସ ହଠାତ ପ୍ରଦୀପଙ୍କୁ ଆକ୍ରମଣ କରିଥିଲେ। ଆହତ ପ୍ରଦୀପଙ୍କୁ ତୁରନ୍ତ ଏମ୍‌କେସିଜି ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ଥାନୀୟ ଏହି ଘଟଣାରେ ଶିବଶଙ୍କରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଯାଇଥିଲା। ଶିବଶଙ୍କର ପକ୍ଷରୁ ଗତ ୨୭ ତାରିଖରେ ହାଇକୋର୍ଟରେ ଜାମିନ ଆବେଦନ କରାଯାଇଥିଲା।

ଆମ ଠାରୁ ସୁରକ୍ଷା ଚାହାନ୍ତି ନାହିଁ ଭଗବାନ ଶିବ: ହାଇକୋର୍ଟ

दिल्ली उच्च न्यायालय
DELHI HIGH COURT

ନୂଆଦିଲ୍ଲୀ(ଏଜେନ୍ସି): ଯମୁନା ନଦୀ ଶଯ୍ୟା ଓ ନଦୀ ତଟରେ ବେଆଇନ ଭାବେ ନିର୍ମାଣ ହୋଇଥିବା ଶିବ ମନ୍ଦିରକୁ ଉଚ୍ଛେଦ ପାଇଁ ଅନୁମତି ଦେଇଛନ୍ତି ଦିଲ୍ଲୀ ହାଇକୋର୍ଟ। ଭଗବାନ ଶିବ ଆମ ଠାରୁ ସୁରକ୍ଷା ଆବଶ୍ୟକ କରନ୍ତି ନାହିଁ। ଯଦି ଯମୁନା ତଟରୁ ସବୁ ଜବରଦଖଲ ଉଚ୍ଛେଦ ହୋଇଯିବ, ତା'ହେଲେ ଭଗବାନ ଶିବ ମଧ୍ୟ ଖୁସି ହେବେ ବୋଲି ହାଇକୋର୍ଟ କହିଛନ୍ତି। ପ୍ରଚୀନ ଶିବ ମନ୍ଦିରକୁ ବେଆଇନ ଭାବେ ତାଜ ଏନକ୍ଲେଭ ଓ ଗୀତା କଲୋନୀ ନିକଟରେ ନିର୍ମାଣ କରାଯାଇଥିଲା। ଏହାକୁ ଉଚ୍ଛେଦ କରିବାକୁ ପ୍ରଶାସନ ଚାହୁଁଛି। କିନ୍ତୁ ଏହା ଉପରେ ରୋକ ଲଗାଇବାକୁ ଦାବି କରି ପ୍ରଚୀନ ଶିବ ମନ୍ଦିର ଆବମ ଆଖଡ଼ା ସମିତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। କିନ୍ତୁ ବିଚାରପତି ଜଷ୍ଟିସ ଧର୍ମେଶ ଶର୍ମା ଆବେଦନକୁ ଖାରଜ କରି ଦେଇଛନ୍ତି। ମେ' ୨୯ରେ ପାସ ହୋଇଥିବା ରାୟରେ ହାଇକୋର୍ଟ କହିଛନ୍ତି, ଭଗବାନ ଶିବ ଆମ ଠାରୁ ସୁରକ୍ଷା ଆବଶ୍ୟକ କରନ୍ତି ନାହିଁ। ବରଂ ଆମେ ଲୋକମାନେ ତାଙ୍କ ଠାରୁ ସୁରକ୍ଷା ଓ ଆଶୀର୍ବାଦ ମାଗିଥାଉ। ଜବରଦଖଲ ଓ ବେଆଇନ ନିର୍ମାଣ କାମ ଯମୁନା ତଟରୁ ହଟିଗଲେ ନିଃସନ୍ଦେହରେ ଭଗବାନ ଶିବ ଖୁସି ହେବେ। ଜମି ଉପରେ ମାଲିକାନା ଥିବା ଆଖଡ଼ା ପ୍ରମାଣିତ କରିପାରି ନାହିଁ। ସେହିପରି ପ୍ରଶ୍ନ ଘେରରେ ଥିବା ମନ୍ଦିରର ଐତିହାସିକ ମହତ୍ତ୍ୱ ସମ୍ପର୍କରେ ମଧ୍ୟ କୌଣସି ପ୍ରମାଣ ମିଳି ନାହିଁ। ମନ୍ଦିରଟି ଲୋକମାନଙ୍କ ପାଇଁ ଓ ଏହା ଗୋଟିଏ ଘରୋଇ ମନ୍ଦିର ନୁହେଁ ବୋଲି ଆଖଡ଼ା ପ୍ରମାଣ ଦେଖାଇ ପାରି ନାହିଁ। ଏଠାରେ ପ୍ରତିଦିନ ପ୍ରାର୍ଥନା ହୁଏ ଓ ବିଭିନ୍ନ ପର୍ବପର୍ବାଣୀ ପାଳିତ ହୁଏ। ଏଥିରେ ସନ୍ଦେହ ନାହିଁ। କିନ୍ତୁ ଏହାର ଅର୍ଥ ନୁହେଁ ଯେ ଏହାର ସାଧାରଣ ମହତ୍ତ୍ୱ ରହିଛି। ବର୍ତ୍ତମାନ ପରିସ୍ଥିତିରେ ଆବେଦନକୁ ଖାରଜ କରାଯାଉଛି ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। କୋର୍ଟ ମନ୍ଦିରରେ ଥିବା ପ୍ରତିମୂର୍ତ୍ତି ଓ ଅନ୍ୟ ଧାର୍ମିକ ଜିନିଷଗୁଡ଼ିକୁ ସ୍ଥାନାନ୍ତର କରିବାକୁ ୧୫ ଦିନର ସମୟ ଆବେଦନକାରୀଙ୍କୁ ସମୟ ଦେଇଛନ୍ତି। ଅନ୍ୟ କୌଣସି ମନ୍ଦିରରେ ଏହାକୁ ସ୍ଥାପିତ କରିବା ପାଇଁ କୋର୍ଟ ଆବେଦନକାରୀ ଆଖଡ଼ାକୁ କହିଛନ୍ତି।

ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ଜାମିନ ଆବେଦନ ଖାରଜ

ଖୋର୍ଦ୍ଧା(ଏନ୍.ଏମ୍.): ଇଭିଏମ୍ ଭଙ୍ଗାରୁଜା ଅଭିଯୋଗ ମାମଲାରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ଜାମିନ ଆବେଦନ ଖରାଜ ହୋଇଛି। ଖୋର୍ଦ୍ଧା ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ କୋର୍ଟ ଶୁକ୍ରବାର ପ୍ରଶାନ୍ତ ଜଗଦ୍ଦେବଙ୍କ ଜାମିନ ଆବେଦନକୁ ଖାରଜ କରି ଦେଇଛନ୍ତି। ଏଡିଜେ-୨ କୋର୍ଟରେ ଇଭିଏମ୍ ଭଙ୍ଗାରୁଜା ଅଭିଯୋନ ନେଇ ଶୁଣାଣି ହୋଇଥିଲା। ବରିଷ୍ଠ ଓକିଲ ପିତାମ୍ବର ଆଚାର୍ଯ୍ୟଙ୍କ ସମେତ ଖୋର୍ଦ୍ଧା ବାର ଆସୋସିଏସନର ପ୍ରାୟ ୪୦ଜଣ ଓକିଲ ଜଗଦେବଙ୍କ ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ସୂଚନାଯୋଗ୍ୟ ଚଳିତ ସାଧାରଣ ନିର୍ବାଚନରେ ଖୋର୍ଦ୍ଧାରୁ ବିଜେପିର ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦେବ ଗତ ୨୫ତାରିଖ ବୋଲଗଡ଼ର ଏକ ବୁଥରେ ପଶି ଇଭିଏମ ଭଙ୍ଗାରୁଜା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହି ଆଧାରରେ ପ୍ରଶାନ୍ତ ଜଗଦ୍ଦେବଙ୍କୁ ପୁଲିସ ଗିରଫ କରିଥିଲା। ପ୍ରଶାନ୍ତ ଜଗଦ୍ଦେବଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନଥିବାରୁ ତାଙ୍କୁ କଟକ ବଡ଼ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସନାତନ ଧର୍ମ (୩)

ଅନେକ ଅଯୌକ୍ତିକ ତଥା ଅମାନୁଷିକ ତଥ୍ୟ ବିଚାର ଉପରେ ଆଧାରିତ କେତେକ ନ୍ୟୁନ ପୁସ୍ତକରେ ରଚିତ ବର୍ଣ୍ଣିତ ଅଲୌକିକ, ଅବାସ୍ତବ, ଅଯୌକ୍ତିକ ବିଷୟ ଗୁଡିଏ ଶୁଣି, ଜାଣି ମଣିଷ ନିଜକୁ ଜଣେ ଜ୍ଞାନୀ କିମ୍ବା ସନାତନି ବୋଲି ବିବେଚନା କରୁଥିବା ଏକ ଅତ୍ୟନ୍ତ ଦୁଃଖ ଏବଂ ହାସ୍ୟାସ୍ପଦ ବିଷୟ। ସନାତନ ଧର୍ମରେ କୌଣସି ଆନୁମାନିକ ତଥ୍ୟ ଉପରେ ଆଧାରିତ କୌଣସି ବିଷୟ ବର୍ଣ୍ଣିତ ନୁହେଁ ବରଂ ମଣିଷକୁ ଉପଯୁକ୍ତ ଦିଗ୍‌ଦର୍ଶନ କରି ନିଜର ଜୀବନ ଶୈଳୀକୁ ସୁଧାରିବା ତଥା ସାମାଜିକ ମଙ୍ଗଳକାରୀ ମନ୍ତବ୍ୟ ଗୁଡିଏ ରହିଛି। ମଣିଷ ସହଜରେ ସେଗୁଡିକୁ ଗ୍ରହଣ କରିପାରିବ ନାହିଁ କେବଳ ନିଜର ଅଜ୍ଞାନତା କାରଣରୁ। କାରଣ ଆଶାତୀତ ସମୟରୁ ଯେଉଁ ମିଥ୍ୟା ଯୁଗର ଆରମ୍ଭ ହୋଇ ଆଜି ସମୟରେ ମିଥ୍ୟାରେ ଭରପୁର ଆମ ଜୀବନ ଶୈଳୀର ଅନୁଶୀଳନ କରିବା ମଧ୍ୟ ଏକ ଅସମୀଚୀନ ବ୍ୟାପାର। ମିଥ୍ୟାରେ ବଂଚିବା ଶିକ୍ଷା କରି ମଣିଷ ନିଜକୁ ଯେଉଁ ସ୍ତରରେ ରଖି ତାକୁ ହିଁ ଉନ୍ନତି ବୋଲି ବିଚାରୁଛି ସେହି ପରିପ୍ରେକ୍ଷୀରେ ସତ୍ୟକୁ ଗ୍ରହଣ କରିବା ଏକ ସାଙ୍ଘାତିକ କଷ୍ଟକର କାର୍ଯ୍ୟ। ମିଥ୍ୟାରେ ଯେଉଁ କ୍ଷଣ ସୁଖ ତଥା ଦର୍ଶନୀ ଆନନ୍ଦ ମିଳିଥାଏ ସତ୍ୟ ତଥ୍ୟ ଆଧାରିତ ସେମିତି କୌଣସି ଆନନ୍ଦ ମିଳିବା ସହଜ ନୁହେଁ। କିନ୍ତୁ ବାସ୍ତବ ଜ୍ଞାନ ଆଧାରିତ ସତ୍ୟର ପଥଗ୍ରାହୀ ମଣିଷ ଯେଉଁ ଆନନ୍ଦ ପାଇପାରିବ ତାହା ମିଥ୍ୟାରେ ସମ୍ଭବ ନୁହେଁ ଏବଂ ମିଥ୍ୟା ଠାରୁ ଯଥେଷ୍ଟ ଊର୍ଦ୍ଧ୍ୱରେ। ତଥାପି ମଣିଷ ଆଜି କେବଳ ମିଥ୍ୟାଗ୍ରାହୀ, ମିଥ୍ୟାଚାରୀ ଭଳି ବଂଚିବାକୁ ପସନ୍ଦ କରୁଥିବା ଅତ୍ୟନ୍ତ ଦୁଃଖର ବିଷୟ ! ମିଥ୍ୟାକୁ ପରିତ୍ୟାଗ କଲେ ସତ୍ୟର ପଥ ପରିସ୍କୃତ ହୋଇ ବୁଝିହେବ ଯେ ପ୍ରକୃତରେ ମଣିଷ ଜୀବନର ରହସ୍ୟ କ'ଣ ଯାହା ସନାତନ ଧର୍ମକୁ ଅନୁକରଣ କରି ପାଇବା ସମ୍ଭବ ହୋଇପାରିବ। କିନ୍ତୁ ଉପସ୍ଥିତ ସମୟର ମିଥ୍ୟାପୂର୍ଣ୍ଣ ସନାତନ ଧର୍ମରେ ନୁହେଁ ବରଂ ପ୍ରକୃତ ସନାତନ ଧର୍ମର ତାତ୍ତ୍ୱିକ ପରିଭାଷା ମାଧ୍ୟମରେ। ସନାତନ ଧର୍ମର ପ୍ରାକୃତିକତାକୁ ଅନୁଭବ କରିବା ଲକ୍ଷ ରଖିଲେ ଅନେକ କଷ୍ଟ କରିବାକୁ ହେବ ଯାହା କେହି କରିବେ ବୋଲି ଅନୁମାନ କରି ହେଉନାହିଁ ଆଜି ସମୟରେ। ନିଜକୁ ପରିବେଶ ପରିସ୍ଥିତି ସହିତ ସମାନ୍ତରାଳ କରି ଜୀବନ ସରିଗଲେ ଯେ ସବୁଠାରୁ ସୁଖୀ ବୋଲି ବିଚାର ରଖିଥିବା ମଣିଷଙ୍କ ସଂଖ୍ୟା ହୁଏତ ୯୯ ପାରି ଦେଖିବାକୁ ମିଳିବେ ଅନୁଧ୍ୟାନ କଲେ। କି'ନ୍ତୁ ମଣିଷ ନିଜ ଜୀବନର ଉଦ୍ଦେଶ୍ୟ ତଥା ଲକ୍ଷ ଏବଂ ବାସ୍ତବତା ଉପରେ କୌଣସି ଜ୍ଞାନ ପାଇବା ଆଶା ନ ରଖି ଯେଉଁ ମାର୍ଗଦର୍ଶୀଙ୍କ ଆନୁଗତ୍ୟ ସ୍ୱୀକାର କରୁଛି ତାହାଦ୍ୱାରା ସେ ନିଜକୁ ସୁଖ ପାଉଛି ବୋଲି ବିଚାରି ନିଜର ପ୍ରାକୃତିକ ପରିଚୟ ବିହୀନ କୃତ୍ରିମ ସାମାଜିକ ପରିଚୟ ସୃଷ୍ଟି କରିବାରେ ନିମଗ୍ନ ଅହରହ ଦେଖିବାକୁ ମିଳୁଛି ଆଜି ସମୟରେ। କ୍ଷଣ ସ୍ଥାଇ ସାମାଜିକ ପରିଚୟରେ ସାଧାରଣ ନିର୍ବୋଧଙ୍କ ଯେଉଁ ଆନନ୍ଦ ସେତିକିରେ ସେମାନେ ନିଜକୁ ଧନ୍ୟ ମନେ କରୁଥିବା କାରଣରୁ ସନାତନ ଧର୍ମ ତଥା ମାନବ ଧର୍ମର କୌଣସି ଆବଶ୍ୟକତା ରହୁନାହିଁ କାହାରି ପାଖରେ। କିନ୍ତୁ ମାନବ ଧର୍ମରେ ନିଜକୁ ଅଭିଷିକ୍ତ କରାଇ ପାରିଲେ ଯେ ଜଣେ ମଣିଷ ଆନନ୍ଦର ଅସୀମ ସୁଯୋଗ ପାଇ ପାରିବ ଏକଥା ବୁଝିବା ଜ୍ଞାନ ମଧ୍ୟ ନାହିଁ କାହାର। ଆମ ଦେଶର ନୈତିକ ଶିକ୍ଷା ଗୁଡିକୁ ସମ୍ପୂର୍ଣ୍ଣ ଭାବେ ବିଲୁପ୍ତ କରି ପାଶ୍ଚାତ୍ୟ ଶିକ୍ଷା ଉପରେ ଆଧାରିତ ଶିକ୍ଷାନୀତି ହେତୁ ଦେଶରେ ମଣିଷ ଆଉ ନାହାନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ ! ମଣିଷ ଭଳି ଜନ୍ମିତ ଜୀବ ଗୁଡିକ କାଳକ୍ରମେ ଏକ ଜୀବ 'ଚଳନ୍ତି' ଯନ୍ତ୍ରମାନବରେ ପରିଣତ ହୋଇ କେବଳ ହିଂସା, କ୍ରୋଧ, ଦ୍ୱେଷ ତଥା ଅହଂଭାବରେ ନିଜକୁ ସମ୍ମୁଷିତ କରି ରଖି ଏକ ପଶୁ ସାମ୍ରାଜ୍ୟର ସୃଷ୍ଟି ହୋଇଛି ଯାହାର ଅନ୍ତ କେବେ ହେବ ବୁଝି ହେଉନାହିଁ। ମଣିଷ ନିଜକୁ ମଣିଷ ଭଳି ଗଢି ତୋଳି ଏକ ଶାନ୍ତି ମୈତ୍ରୀ ପୂର୍ଣ୍ଣ ଭାଇ ଭାବର ମଣିଷ ସମାଜ ଆଉ ହେବ କି ନାହିଁ ସନ୍ଦେହ ! କନ୍ତୁ ନିମ୍ନ ସ୍ତରରେ ଯଦି ସାଧାରଣ ମଣିଷ ସମୂହ ଏକନିଷ୍ଠ ହୋଇ ନିଜକୁ ସୁଧାରି କ୍ରୁର ମିଥ୍ୟାବାଦୀଙ୍କ ପ୍ରରୋଚନା ଗୁଡିକୁ ପ୍ରତ୍ୟାଖ୍ୟାନ କରି ଏକ ମଣିଷ ସମାଜ ଗଠନ ଦିଗରେ ନିଜକୁ ବ୍ରତୀ କରାଇ ପାରିବେ ତାହେଲେ ଏକ ପରିବର୍ତନ ସମ୍ଭବ ହେବ। ଅନ୍ୟଥା ମଣିଷ ସମାଜ ସମୟ ପୂର୍ବରୁ ନଷ୍ଟ ହେବା ଦିଗରୁ କେହି ରକ୍ଷା କରିପାରିବେ ନାହିଁ ବୋଲି ଆମର ଅନୁମାନ। ସନାତନ ଧର୍ମ ମଣିଷକୁ ଏହିସବୁ ଦିଗରେ ଯଥେଷ୍ଟ ସହଯୋଗ କରିପାରିବ ଯଦି ତାକୁ ଆଗ୍ରହର ସହିତ ଗ୍ରହଣ କର୍ନ୍ତି ସାଧାରଣ ମଣିଷ ସମୂହ। କିନ୍ତୁ ସନାତନ ଧର୍ମର ଲିପିବଦ୍ଧ ପାଣ୍ଡୁଲିପି ଗୁଡିକ ନଥିଲେ ମଧ୍ୟ କେତେକ ସନାତନଧର୍ମୀ ମଣିଷ ସମାଜରେ ଅଛନ୍ତି ଯାହାଙ୍କୁ ଅନୁସରଣ କରି ସେମାନଙ୍କ ଠାରୁ ଶିକ୍ଷା ଗ୍ରହଣ କରିପାରିଲେ ସାଧାରଣ ମଣିଷଙ୍କ ଜୀବନ ଶୈଳୀରେ ମଧ୍ୟ କିଛି ପରିବର୍ତ୍ତନ ଆସିପାରିବ। ମଣିଷ ଜୀବନର ଅତୀତ, ଆଗତ, ଭବିଷ୍ୟତ ଗୁଡିକୁ ଜାଣିବା ପାଇଁ ଅହରହ ପ୍ରୟାଶରତ ମଣିଷ ଯେ ଜ୍ଞାନ ପାଇବା ଠାରୁ କେଉଁ ଆଦି ସମୟରୁ ଚେଷ୍ଟା ଜାରି ରଖିଛି ଏକଥା ହୁଏତ କେତେକ ମଣିଷ ବୁଝିଛନ୍ତି, କି'ନ୍ତୁ ସମସ୍ତେ ନୁହେଁ। ବହୁ ପୂର୍ବରୁ ହାତ ଗଣତି କେତେକ ମଣିଷ ନିଜସ୍ୱ ଚେଷ୍ଟା ବଳରେ କେତେକ ତଥ୍ୟ ପାଇଥିଲେ ଯାହା ସବୁ ସେମାନଙ୍କ ପ୍ରାପ୍ତ ଚେତନା ଜ୍ଞାନ ଗୁଡିକୁ ସନାତନ ଧର୍ମ ମାଧ୍ୟମରେ ସାଧାରଣ ନିର୍ବୋଧ ମଣିଷ ସମାଜକୁ ପ୍ରେରଣା ଦେବାପାଇଁ ଲିପିବଦ୍ଧ କରି ଯାଇଛନ୍ତି। ସେଗୁଡିକର ମୂଲ୍ୟ ବୋଧ ନାହିଁ ଆଜି ସମୟରେ କାହାପାଖରେ। ଏହା କେବଳ ଉପସ୍ଥିତ ସମୟର ବ୍ୟବସାୟୀକ ମାନସିକତାରେ ନିମଗ୍ନ ଅଜ୍ଞାନଙ୍କ ଦାୟିତ୍ୱବୋଧତା କାରଣରୁ ହେଉଥିବା ଖୁବ ଅନୁମେୟ। ଟଙ୍କା ସର୍ବସ୍ୱ ଚେତନାରେ ନିମଗ୍ନ ବ୍ୟବସାୟୀ ଏବଂ ସେମାନଙ୍କ ପ୍ରରୋଚନାରେ ପ୍ରପୀଡ଼ିତ ସାଧାରଣ ନିର୍ବୋଧ ପ୍ରକୃତିର ସମସ୍ତ ନିୟମକୁ ଜାଣିବା ଆବଶ୍ୟକତାକୁ ଆଦୌ ଗ୍ରହଣ କରିପାରି ନାହାନ୍ତି ଆଜି ସମୟରେ। ଅଧିକନ୍ତୁ ପ୍ରାକୃତିକ ଜୀବନ ଶୈଳୀକୁ ଏକ ଅନୁନ୍ନ□ ଜୀବନ ବୋଲି ବିଚାର ରଖିଥିବା ୯୯ ପାରି ନିର୍ବୋଧଙ୍କ ବିଚାରକୁ ତର୍ଜମା କଲେ ବୁଝିହୁଏ କି ଭାରତୀୟ ସଂସ୍କାର ରହିତ ପାଶ୍ଚାତ୍ୟ ସଭ୍ୟତା କେମିତି ଭାରତୀୟଙ୍କୁ ନଷ୍ଟ କରୁଛି ଦିନକୁ ଦିନ ! **(କ୍ରମଶଃ)**

* * *

ପଙ୍କଜ କୁମାର ପାଣିଗ୍ରାହୀ

ୟୁଟ୍ୟୁବ୍-ସାମାଜିକ ଜନମଞ୍ଚ (ଭାରତ)
ଛତ୍ରପୁର, ଗାମ-୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭.



ରାଜନୀତିରେ 'ଜଗନ୍ନାଥ'

ଦେଶରେ ନିର୍ବାଚନ ଚାଲିଥିଲା ବେଳେ ଆମେ ଭିନ୍ନ ଭିନ୍ନ ଦଳର ରାଜନେତାଙ୍କୁ ନିଜର ବିରୋଧୀଙ୍କ ପାଇଁ ଅଗ୍ନି ଉଦ୍‌ଗାର କରିବା ଦେଖିବାକୁ ମିଳିଛି। ସ୍ଥାନ ବିଶେଷରେ ହିଂସା ମଧ୍ୟ ଲକ୍ଷ୍ୟ କରାଯାଉଛି। ଦୁଃଖର ବିଷୟ ଏହି ଯେ ଯେଉଁ ରାଜନେତା କିଛି ଦିନ ପୂର୍ବରୁ ଅନ୍ୟଦଳ ପାଇଁ ବିଷ ଉଦଗାର କରୁଥିଲେ ଆଜି ସେହିନେତା ସେହି ଦଳର ସଦସ୍ୟତା ନେଇ ସେହି ଦଳର ଟିକେଟରେ ନିର୍ବାଚନ ଲଢୁଛନ୍ତି। ଭୋଟର କାଲି ମଧ୍ୟ ନିଷ୍କ୍ରିୟଥିଲେ ଆଜି ମଧ୍ୟ ନିଷ୍କ୍ରିୟ ଅଛନ୍ତି। ରାଜନେତା କେଉଁ ଠାରୁ ଏହି ମନବଳ ପାଇଛନ୍ତି କେଜାଣି। ଜନତାଙ୍କ ଆଗରେ ସମୟ ସମୟରେ ନିଜର ଚେହେରା ବଦଳାଇ ଚାଲିଛନ୍ତି; ଜନତା ସେମାନଙ୍କର ଏହି ୟୁ ଟର୍ଣ୍ଣ ପାଇଁ କେବେ ବି ବ୍ୟସ୍ତ ନୁହନ୍ତି। ଦଳ ବଦଳ କରିଥିବା ନେତା କାଲିର ବିରୋଧୀଙ୍କୁ ଗଳାରେ ଲଗାଇ ଏମିତି ବୁଲୁଛନ୍ତି ଲାଗୁଛି ସତେ ଯେମିତି ସେମାନଙ୍କ ଭିତରେ କେବେ ବି ବିରୋଦ୍ଧାଭାସ ନଥିଲା। କିଏ ତାଙ୍କୁ ଏହି ସାହସ ଦେଇଛି ? ଏହି ସାହସ ଦେଇଛେ ଆମେ, ଏ ଦେଶର କୋଟି କୋଟି ଜନତା। ଆମେ ସେହି ନେତାଙ୍କୁ କେବେ ବି ବହିଷ୍କାର କରୁନାହୁଁ ଯେଉଁମାନେ କ୍ଷମତା ପାଇଁ ନୈତିକତାକୁ କୌଣସି ମୂଲ୍ୟ ଦେଉ ନାହାନ୍ତି। ନିଜର ମହାନତା ଦେଖାଇବା ଓ ଅନ୍ୟକୁ ନ୍ୟୁନ କରିଦେବା ପାଇଁ ରାଜନେତାମାନେ କେବେ ହେଲେ ପଛଘୁଞ୍ଚା ଦେଉନାହାନ୍ତି। ନିଜର ପ୍ରଶଂସା ଓ ଅନ୍ୟକୁ ସମାଲୋଚନା କରୁ କରୁ ଏତେ ଯାଏଁ ପହଞ୍ଚି ଯାଇଛନ୍ତି ଯେ ସେମାନଙ୍କର ନିଜ ବକ୍ତବ୍ୟ ଉପରେ ମଧ୍ୟ ନିୟନ୍ତ୍ରଣ ରହୁନାହିଁ। ବିଗତ ଦିନ ପୁରୀ ବିଜେପିର ଲୋକସଭା ପ୍ରାର୍ଥୀ କହୁ କହୁ ଏହା ମଧ୍ୟ କହିଦେଲେ ଯେ "ଜଗନ୍ନାଥ ମୋଦୀଙ୍କର ବଡ ଭକ୍ତ" କଥାଟି କହିଦେଲା ପରେ ବକ୍ତାଙ୍କ ଉପରେ ବିରୋଧୀଙ୍କ ବାକ୍ୟ ବାଣ ଚାଲିଲା। ପାର୍ଥୀ ଜଣଙ୍କ ନିଜ ଭୁଲ ପାଇଁ କ୍ଷମା ପ୍ରାର୍ଥନା ମାଗିଲେ। ମୁହଁରୁ ଭୁଲରେ ବାହାରିଗଲା ବୋଲି ମଧ୍ୟ କହିଲେ ଏବଂ ଏମିତି ଏକ ଅପରାଧ ବା ଭୁଲ ତାଙ୍କ ଠାରୁ ହୋଇ ଯାଇଛି ବୋଲି ମଧ୍ୟ ତାର ପ୍ରତିକାର ପାଇଁ ତିନିଦିନ ଉପବାସ କରିବାର ସଂକଳ୍ପ ମଧ୍ୟ କଲେ। କ୍ଷମା ମାଗିବା, ପ୍ରାୟଶ୍ଚିତ କରିବା ଏକ ସୁନ୍ଦର ଅଭିବ୍ୟକ୍ତି। ଅନ୍ୟକୁ କ୍ଷମା କରି ପାରିବା ମଧ୍ୟ ଉଦାରତାର ନିଦର୍ଶନ। କ୍ଷମା ମାଗିବା ଏବଂ କ୍ଷମା କରିପାରିବା ଦୁଇଟି ଯାକ ମହାନଗୁଣ। ପ୍ରତ୍ୟେକଙ୍କ ଜୀବନରେ ଅନେକ ସମୟରେ କିଛିନା କିଛି ଭୁଲ ହୋଇ ଯାଇଥାଏ। ନିଜର ଭୁଲକୁ ମାନିନେବା ଠାରୁ ବଡକଥା ଆଉ କଣ ? ଆମ ଦେଶର ରାଜନୀତିରେ କ୍ଷମଣୀୟ ଅପରାଧ ବୋଲି କିଛି ନାହିଁ। ବିଜେପିର ଏହି ନେତା ଅନେକ ସମୟରେ ବିରୋଧୀଙ୍କୁ କଟାକ୍ଷ କରିଛନ୍ତି। ବିରୋଧୀଙ୍କ ଭୁଲ ପାଇଁ ସେମାନଙ୍କୁ କଡା କଥା ଶୁଣେଇଛନ୍ତି। ଆଗକୁ ବିରୋଧୀ ଦଳର କୌଣସି ନେତାଙ୍କ ଦ୍ୱାରା ଯଦି ଏମିତି ଏକ ଅପରାଧ ହୋଇଯାଏ ତାହେଲେ ଆଜିର ଏହି ବିଜେପି ନେତା କଣ ତାଙ୍କୁ କ୍ଷମା କରିପାରିବେ ? ଆଜି ଜଣେ ବିରୋଧୀ ନେତା ଏମିତି ଏକ ଅପରାଧ ଯଦି କରିଥାନ୍ତେ ଏବଂ ସେହିନେତା ଜଣକ ଯଦି କ୍ଷମା ମାଗିଥାନ୍ତେ ତାହେଲେ ବିଜେପି କଣ ତାକୁ ଇସୁ ନକରି ଛାଡିଥାନ୍ତା ? ବିଗତ ଦିନ ବିହାର ରେ ନିତିଶ କୁମାରଙ୍କ ଶିକ୍ଷାମନ୍ତ୍ରୀ ଶ୍ରୀ ଚନ୍ଦ୍ରଶେଖରଙ୍କ ରାମଚରିତ ମାନସ ଉପରେ ଏକ ବକ୍ତବ୍ୟ ଆସିଥିଲା ଯେଉଁଥିରେ ସିଏ ରାମ ଚରିତ ମାନସକୁ ପୋଟାସିଅମ ସାଇନେଡ ସହିତ ତୁଳନା କରିଥିଲେ। ବିହାରର ଶିକ୍ଷାମନ୍ତ୍ରୀଙ୍କ ଏହି ବକ୍ତବ୍ୟକୁ ନେଇ ବିଜେପି ନିତିଶ କୁମାର ଓ ଇଣ୍ଡିଆ ଗଠବନ୍ଧନ ଉପରେ ବର୍ଷିଥିଲା। ଯେତେବେଳେ ନିତିଶ କୁମାର ପୁଣିଥରେ ଏନଡିଏରେ ସାମିଲ ହୋଇଗଲେ ବିଜେପି ତାର ବିରୋଧ ଭୁଲିଗଲା। ନିତିଶଙ୍କ ଶିକ୍ଷା ମନ୍ତ୍ରୀ ସନାତନ ଧର୍ମ କୁ ଅପମାନିତ କରିଛନ୍ତି କହୁଥିବା ବିଜେପି ହଠାତ ବିହାରର ଶିକ୍ଷାମନ୍ତ୍ରୀଙ୍କ ଭିତରେ କୋଣସି ଭୁଲ ଦେଖିପାରିଲା ନାହିଁ। ରାମଚରିତ ମାନସର ସୃଷ୍ଟି ସାଧାରଣ ଲୋକଙ୍କ ପାଇଁ। ସେ ସମୟରେ ସମାଜରେ, ଯେଉଁମାନେ ସଂସ୍କୃତି ପଢି ପାରୁନଥିଲେ ବା ବୁଝିପାରୁନଥିଲେ ସେମାନଙ୍କ ପାଇଁ ରାମଚରିତ ମାନସ ଲେଖା ଯାଇଥିଲା। ସେ ସମୟରେ ସାଧାରଣ ଲୋକ ମାନେ ରାମଚରିତ ମାନସ ପଢି ପାରୁଥିଲେ କାରଣ ତାହା ସରଳ, ସାବଲୀଳ ଏବଂ ସାଧାରଣ ଲୋକଙ୍କ ଦ୍ୱାରା ଯେଉଁ ଭାଷା କଥୋପକଥନରେ ବ୍ୟବହାର କରାଯାଉଥିଲା ସେଥିରେ ଲେଖା ଯାଇଥିଲା। ତୁଳସୀଦାସ ଭରନାକୁଳର ଆୱାଧି ଭାଷାରେ ତାକୁ ଲେଖିଥିଲେ। ଭରନାକୁଳର ଆୱାଧି ଭାଷା ସେ ସମୟର ସାଧାରଣ ଲୋକ ବୁଝି ପାରୁଥିଲେ। ପ୍ରତ୍ୟେକ ସମାଜରେ କିଛି ନା କିଛି କୁରୀତି ରହିଛି। ସାଧାରଣ ଲୋକେ ଏହି କୁରୀତି ସହିତ ବଞ୍ଚିଥାନ୍ତି କିନ୍ତୁ ଦିନେ ନା ଦିନେ ଏହି କୁରୀତିକୁ ତ ଆମେ ତ୍ୟାଗ କରିବା। ପୁରୀର ବିଜେପି ପ୍ରାର୍ଥୀଙ୍କ ସ୍ଲିପ ଅଫ ଟଙ୍ଗକୁ ନେଇ ଯେଉଁ ବିବାଦ ମୁଣ୍ଡ ଟେକିଛି ତାକୁ ସବୁ ଗୁଡିକ ରାଜନୈତିକ ଦଳ ନିଜର ଅସ୍ତ୍ର କରି ବିଜେପିକୁ ଘେରୁଛନ୍ତି। ସେହି ପରି ଅନ୍ୟ ରାଜନୈତିକ ଦଳଙ୍କ ମୁହଁ ରୁ ଭୁଲ ରେ ବାହାରିଥିବା ଶବ୍ଦକୁ ବିଜେପି ମଧ୍ୟ ନିଜର ଅସ୍ତ୍ର କରୁଛି। ବିଜେପି ସବୁବେଳେ ହିନ୍ଦୁ ଧର୍ମ ଏବଂ ଦେବଦେବୀଙ୍କୁ ଧରି ରାଜନୀତି କରିଛି ଓ ଅନ୍ୟକୁ ଘେରିଛି। ହିନ୍ଦୁ ଧର୍ମ କ୍ଷମତା ପାଇ ବା ପାଇଁ ଏକ ମାଧ୍ୟମ ନହେବା କଥା। ହିନ୍ଦୁ ଧର୍ମ ହେଲା ମାନବିକତାର ଧର୍ମ। ହିନ୍ଦୁ ଧର୍ମକୁ ନିନ୍ଦା କରୁଥିବା ଲୋକମାନେ ହିନ୍ଦୁ ଧର୍ମ କୁ ଠିକ ଭାବରେ ବୁଝିପାରିନାହାନ୍ତି ସେହିପରି ହିନ୍ଦୁ ଧର୍ମ କୁ ପ୍ରଶଂସା କରୁଥିବା ଲୋକମାନେ ହିନ୍ଦୁ ଧର୍ମ କୁ ଠିକ ଭାବରେ ବୁଝିନାହାନ୍ତି।

* * *

- କାଳି ଦାସ

ବ୍ରହ୍ମପୁର, ଖୋଡ଼ାସିଙ୍ଗ କଳିଙ୍ଗନଗର,
ଫୋନ - ୭୨୦୫୧୦୦୮୩୯

ରେକର୍ଡ କରିପାରିବେ କି ନବୀନ ପଟ୍ଟନାୟକ ?

ଜାନକୀଶ ବଡ଼ପଣ୍ଡା

ସର୍ବାଧିକ ସମୟ ମୁଖ୍ୟମନ୍ତ୍ରୀ ରହି ଆସିଥିବା ଭାରତୀୟ ନେତାଙ୍କ ତାଲିକାରେ ନବୀନ ପଟ୍ଟନାୟକଙ୍କ ସ୍ଥାନ ଦ୍ୱିତୀୟ। ଆମେ ଜାଣିଛେ ଯେ, ସିକ୍କିମର ପୂର୍ବତନ ମୁଖ୍ୟମନ୍ତ୍ରୀ ପବନ କୁମାର ଚାମଲିଙ୍ଗଙ୍କ ନାମରେ ଦୀର୍ଘ ୨୪ ବର୍ଷ, ୧୬୫ ଦିନ ଧରି ଲଗାତାର ମୁଖ୍ୟମନ୍ତ୍ରୀ ରହିଥିବାର ରେକର୍ଡ ଆଜିଯାଏଁ କେହି ଭାଙ୍ଗିପାରି ନାହାନ୍ତି। ଏଥର ବିଜୁ ଜନତା ଦଳ ନିର୍ବାଚନରେ ବିଜୟଲାଭ କଲେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଲଗାତାର ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବା ନିଶ୍ଚିତ। ଏହା ହେଲେ, ଅଗଷ୍ଟ ମାସ ଶେଷ ବେଳକୁ ଚାମଲିଙ୍ଗଙ୍କ ରେକର୍ଡ ଭାଙ୍ଗି ଏହି ତାଲିକାର ପ୍ରଥମ ସ୍ଥାନକୁ ଆସିପାରିବେ ନବୀନ ପଟ୍ଟନାୟକ। କେବଳ ଏତିକି ନୁହେଁ, କ୍ରମାଗତ ଷଷ୍ଠ ଥର ପାଇଁ ବିଧାନସଭା ନିର୍ବାଚନରେ ଜିତିବାର ଏକ ନିଆରା ରେକର୍ଡ ମଧ୍ୟ କରିବେ। କିନ୍ତୁ ନିର୍ବାଚନରେ ଲଗାତାର ପାଞ୍ଚ ଥର ସହଜରେ ଜିତିଥିବା ନବୀନ ଏଥର ତାଙ୍କର ଦୀର୍ଘ ତଥା ସଫଳ ରାଜନୈତିକ ଜୀବନର ସବୁଠାରୁ ବଡ଼ ଆହ୍ୱାନର ସମ୍ମୁଖୀନ ହୋଇଛନ୍ତି। ଦୀର୍ଘ ଚବିଶ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଦେଖିବାକୁ ମିଳୁଛି ଯେ, ସେ ଏବଂ ତାଙ୍କର ବିଜୁ ଜନତା ଦଳ ବା ବିଜେଡି 'ସତ୍ତା-ବିରୋଧୀ' ସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଏହା ସତ୍ୟ ଯେ, ନବୀନଙ୍କ ବ୍ୟକ୍ତିଗତ ଲୋକପ୍ରିୟତା ଆଜି ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ରହିଛି; କିନ୍ତୁ ଅଧିକାଂଶ ସ୍ଥାନରେ ତାଙ୍କର ଦଳ ବିଜେଡି ନିରନ୍ତର କ୍ଷମତାରେ ରହି ଆସିଥିବାରୁ ଓଡ଼ିଶାବାସୀ ତାଙ୍କ ଦଳର କର୍ମୀ ଓ ନେତାଙ୍କ ଉପରୁ ବିଶ୍ୱାସ ଓ ସମର୍ଥନ ହରାଉଥିବା ପରି ମନେ ହେଉଛି। ଚଳିତ ନିର୍ବାଚନରେ ବ୍ୟାପକ ଦଳଡିଆଁ ଦେଖିବାକୁ ମିଳୁଛି। ଏହି କାରଣରୁ ଏପର୍ଯ୍ୟନ୍ତ ବିଜେଡି ପକ୍ଷରୁ ପ୍ରକାଶିତ ୨୧ ଲୋକସଭା ଏବଂ ୧୨୬ ବିଧାନସଭା ପ୍ରାର୍ଥୀତାଲିକା ପ୍ରକାଶ ପାଇବା ମଧ୍ୟରେ ବିଜେପି ଏବଂ କଂଗ୍ରେସରୁ ବିଜେଡ଼ିକୁ ଡିଆଁ ମାରିଥିବା ଅନେକ ନେତାଙ୍କୁ ଦେଖିବାକୁ ମିଳୁଛି। ଏଥର ବିଜେଡି ଟିକେଟରେ ନିର୍ବାଚନ ଲଢୁଥିବା ଦଳଡିଆଁ ନେତାଙ୍କ ଭିତରୁ ପ୍ରାୟ ଏକ ତୃତୀୟାଂଶ ପ୍ରାର୍ଥୀ ପୂର୍ବରୁ ନିର୍ବାଚନରେ ବିଜୟଲାଭ କରିଥିଲେ। ଅନ୍ୟ ଦଳର ନେତାମାନେ ଏବେ ବି ବିଜେଡିରେ ଯୋଗ ଦେଉଥିବାରୁ ଅନୁମାନ କରାଯାଉଛି ଯେ ଅବଶିଷ୍ଟ ୨୧ଟି ବିଧାନସଭା ଆସନରେ ମଧ୍ୟ ଏହିପରି ଦୃଶ୍ୟ ଦେଖିବାକୁ ମିଳିପାରେଓ ଅପରପକ୍ଷରେ, ଯେଉଁମାନେ ବିଜେପି ଟିକେଟ୍ ନପାଇ ଅସନ୍ତୁଷ୍ଟ, ସେମାନେ ଘୋଷିତ ପ୍ରାର୍ଥୀଙ୍କ ବିରୋଧରେ ଖୋଲାଖୋଲି ବିରୋଧ କରୁଛନ୍ତି କିମ୍ବା ସ୍ୱାଧୀନ ପ୍ରାର୍ଥୀ ଭାବରେ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ଅନୁମାନ କରାଯାଇପାରେ ଯେ ବିଜେଡି ପୂର୍ବଭଳି ଆଉ ଶକ୍ତିଶାଳୀ ହୋଇ ରହିନାହିଁ। ଏହାର ଅନେକ ନେତା, ବିଧାୟକ ଏବଂ ସାଂସଦ ଦଳ ଛାଡ଼ିଛନ୍ତି। ପ୍ରାର୍ଥୀ ତାଲିକା ପ୍ରକାଶ କରିବା ପାଇଁ ବିଜେଡି ଅନେକ ସମୟ ନେବାକୁ ବାଧ ହେଉଥିବାର ଦେଖିବାକୁ ମିଳୁଛି। ଏହା କେବଳ ଚଳିତ ଥର ଦେଖିବାକୁ ମିଳୁଛି। ପୂର୍ବ ନିର୍ବାଚନରେ ଟିକେଟ୍ ବଣ୍ଟନ କାରଣରୁ ଭାଜପାରେ ଯେ କୌଣସି ଅସନ୍ତୋଷ ନଥିଲା, ତାହା ନୁହେଁ। କିନ୍ତୁ ଦଳର ନେତୃତ୍ୱ ଏଭଳି ଅସନ୍ତୋଷକୁ ସଫଳତାର ସହ ପ୍ରତିହତ କରି ପାରିଥିବାରୁ ଦଳର ନିର୍ବାଚନ ପ୍ରଦର୍ଶନ ପ୍ରଭାବିତ ହୋଇ ନଥିଲା। ଏଥର ବିଜେଡିର ନେତୃତ୍ୱ ପାଇଁ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲି ଯାଉଥିବାର ସ୍ପଷ୍ଟ ଦେଖାଯାଉଛି। ଏହାର ଦୁଇଟି କାରଣ ରହି ଥାଇପାରେ। ଗୋଟିଏ କାରଣ ହେଉଛି ଏଥର ଦଳୀୟ ଟିକେଟ୍ ପାଇ ନିର୍ବାଚନ ଲଢ଼ିବାକୁ ଆଗ୍ରହୀ ପ୍ରାର୍ଥୀଙ୍କ ସଂଖ୍ୟା ପୂର୍ବ ନିର୍ବାଚନ ତୁଳନାରେ ବହୁତ ଅଧିକ। ବିଜେଡିର ଅନ୍ୟତମ ଶୀର୍ଷ ନେତା ତଥା ସଂଗଠନ ସଚିବ ପ୍ରଣବ ପ୍ରକାଶ ଦାସଙ୍କ କହିବା ଅନୁଯାୟୀ, ଚଳିତ ନିର୍ବାଚନରେ ଦଶ ହଜାରରୁ ଅଧିକ ଦଳୀୟ ନେତା ୨୧ଟି ଲୋକସଭା ଆସନ ଏବଂ ୧୪୭ଟି ବିଧାନସଭା ଆସନରେ ପ୍ରାର୍ଥୀ ହେବାକୁ ଆବେଦନ କରିଛନ୍ତି। ଦଳର କର୍ମୀମାନେ ଅଭିଯୋଗ କରୁଛନ୍ତି ଯେ ଏତେ ସଂଖ୍ୟକ ନେତା ଦଳୀୟପ୍ରାର୍ଥୀ ହେବାକୁ ଆଗ୍ରହୀ ଥିବା ସତ୍ତ୍ୱେ ସେମାନଙ୍କୁ ଅଣଦେଖା କରି ଅନ୍ୟ ଦଳର ଲୋକଙ୍କୁ ଗୁଆ ନିମନ୍ତ୍ରଣ ଦିଆଯାଇ ଟିକେଟ୍ ମୁଆଁ ଦିଆଯାଉଛି। ବାସ୍ତବରେ,ଏଥର ବିପୁଳ ସଂଖ୍ୟକ ବହିରାଗତ ନେତାଙ୍କୁ ଟିକେଟ୍ ଦିଆଯାଉଥିବା ଭଳି ବିକଳ ଦୃଶ୍ୟ ପୂର୍ବରୁ କେବେ ଦେଖାଯାଇ ନଥିଲା। ପ୍ରଶ୍ନ ଉଠୁଛି ଯେ, ଏହା ବିଜେଡି ଶୀର୍ଷ ନେତୃତ୍ୱଙ୍କର ଆତ୍ମବିଶ୍ୱାସ ହରାଇବାର ନା ଦଳର କର୍ମୀ ଓ ନେତାଙ୍କ ଉପରେ ଆସ୍ଥା, ବିଶ୍ୱାସ ହରାଇବାର ସଙ୍କେତ ? ବିଜେଡିର ଜାତୀୟ ମୁଖପାତ୍ର ତଥା ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର ଏଭଳି ଆଶଙ୍କାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି। ତାଙ୍କ ମତରେ, ବିଜେଡି ପୂର୍ବ ଭଳି ଶକ୍ତିଶାଳୀ ରହିଛି। ୨୦୧୪ ଏବଂ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ମଧ୍ୟ ଏଭଳି ଅଭିଯୋଗ କରାଯାଇଥିଲେ ବି ଶେଷ ପରିଣାମ କ'ଣ ହେଲା, ତାହା ସମସ୍ତଙ୍କ ସାମ୍ନାରେ ଅଛି। ସେହି ନ୍ୟାୟରେ ଏଥର ମଧ୍ୟ ସେ ନିଶ୍ଚିତ ଯେ, ବିଜେଡି କେବଳ ଜିତିବନି, ବରଂ ତିନି-ଚତୁର୍ଥାଂଶ ସଂଖ୍ୟାଗରିଷ୍ଠତା ପାଇବ ଓ ରାଜ୍ୟରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସରକାର ଗଠନ କରିବ ବୋଲି ଦୃଢ଼ୋକ୍ତି କରିଛନ୍ତି ସସ୍ମିତ ପାତ୍ର। ଦଳ ଛାଡୁଥିବା ନେତାଙ୍କ ସମ୍ପର୍କରେ ସେ କହନ୍ତି ଯେ, ଯେଉଁ ଆଶାୟୀ ନେତାମାନେ ଏଥର ଟିକେଟ୍ ପାଇବେ ନାହିଁ ବୋଲି ଆଶଙ୍କା କରୁଥିଲେ, ସେମାନେ ଦଳ ଛାଡୁଛନ୍ତି। ଏଭଳି ନେତାମାନେ, ଦଳରୁ ଚାଲିଗଲେ, କିଛି ଫରକ ପଡିବ ନାହିଁ। ସେ କହିଛନ୍ତି ଯେ, ଅନ୍ୟ ଦଳର ନେତାଙ୍କୁ ଟିକେଟ୍ ଦେବା ବିଜେଡି ପାଇଁ ନୂଆ କଥା ନୁହେଁ; ଏହା ପୂର୍ବରୁ ମଧ୍ୟ ଅନ୍ୟଦଳରୁ ନେତାମାନେ ଆସି ଦଳୀୟ ପ୍ରାର୍ଥୀ ହୋଇଛନ୍ତି। ଦ୍ୱିତୀୟ କାରଣ ହେଉଛି ଯେ, ଅଧିକାଂଶ ଟିକେଟ୍ ଆଶାୟୀ ଚଳିତ ନିର୍ବାଚନକୁ ବିଧାୟକ କିମ୍ବା ସାଂସଦ ଭାବେ ନିର୍ବାଚିତ ହେବାର ଶେଷ ସୁଯୋଗ ଭାବେ ଧରିନେଇଛନ୍ତି। ଏହା ଦିବାଲୋକ ପରି ସ୍ପଷ୍ଟ ଯେ ନବୀନ ପଟ୍ଟନାୟକଙ୍କ ଅମଳିନ ଭାବମୂର୍ତ୍ତୀ ଏକ ବ୍ରାଣ୍ଡ ହୋଇ ସାରିଛି। ଏଣୁ ବିଜେଡି ପ୍ରାର୍ଥୀମାନେ ନବୀନଙ୍କ ନାମରେ ଭୋଟ୍ ପାଆନ୍ତି ଏବଂ ଖୁବ୍ କମ୍ ପ୍ରାର୍ଥୀ ବିଶ୍ୱାସ କରନ୍ତି ଯେ ସେମାନେ ନିଜସ୍ୱ ଶକ୍ତିବଳରେ ନିର୍ବାଚନ ବୈତରଣୀ ପାର ହୋଇପାରିବେ। ଅଧିକାଂଶ ବିଜେଡି ନେତାଙ୍କ ଅନୁମାନ ଅନୁସାରେ, ୭୭ ବର୍ଷୀୟ ଦଳର ସୁପ୍ରିମୋ ନବୀନ ବାବୁ ହୁଏତ ଆଗାମୀ ୨୦୨୯ ସାଧାରଣ ନିର୍ବାଚନ ବେଳକୁ ଦଳର ନେତୃତ୍ୱ ନେବାପାଇଁ ଶାରୀରିକ ତଥା ମାନସିକ ଦୃଷ୍ଟିରୁ ଅସମର୍ଥ ହୋଇଯିବେ। ଏଣୁ, ଚଳିତ ନିର୍ବାଚନରେ, ସେମାନେ ପ୍ରାର୍ଥୀ ହେବା ସେମାନଙ୍କ ରାଜନୈତିକ ଜୀବନର ଶ୍ରେଷ୍ଠ ତଥା ଶେଷ ନିର୍ବାଚନ। ବିଜେପି ଏବଂ ବିଜେଡି ମଧ୍ୟରେ ସିନା ମେଣ୍ଟ ସମ୍ଭବ ହୋଇ ପାରିଲାନି, କିନ୍ତୁ ପ୍ରାୟ ତିନି ସପ୍ତାହ ଧରି ଦୁଇ ଦଳ ମଧ୍ୟରେ ଚାଲିଥିବା ଛକାପଞ୍ଝା ଓ ଗୋପନ ଅଭିସାର ବିଜେଡିର ବିଶ୍ୱାସନୀୟତାକୁ ଗଭୀର ଜଳର ଗଣ୍ଡ ମଧ୍ୟକୁ ଠେଲି ଦେଇଛି କହିଲେ, ଅତ୍ୟୁକ୍ତି ହେବନି। ସେଥିପାଇଁ, ରାଜ୍ୟବାସୀଙ୍କ ସହ ବିଜେଡିର କର୍ମୀମାନେ ମଧ୍ୟ ଆଜିଯାଏଁ ବୁଝି ପାରି ନାହାନ୍ତି ଯେ ୧୨୫ଟି ଆସନରେ ଜିତି ନବୀନ ବାବୁଙ୍କୁ ରେକର୍ଡ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ଦାବି କରୁଥିବା ଆଞ୍ଚଳିକ ଦଳ କାହିଁକି ବିଜେପି ସହ ହାତ ମିଳାଇବାକୁ ଅଧୀର ହୋଇ ପଡୁଥିଲା। ସମୀକ୍ଷକମାନଙ୍କ ମତରେ ବିଜେଡି ମେଣ୍ଟ କରିବା ପାଇଁ ଅତ୍ୟଧିକ ଉତ୍ସାହ ପ୍ରଦର୍ଶନ କରିଥିଲା। କାରଣ ଏହା ସମ୍ଭବତଃ ଆଶଙ୍କା କରୁଥିଲା ଯେ ଯଦି ଏହା ବିଜେପି ସହିତ ହାତ ମିଳେଇବ ନାହିଁ, ତା'ହେଲେ ହୁଏତ ତାମିଲନାଡୁ, ଝାଡ଼ଖଣ୍ଡ ଏବଂ ଦିଲ୍ଲୀ ସରକାରଙ୍କ ମନ୍ତ୍ରୀ ଓ ଅଧିକାରୀଙ୍କୁ ଏନଫୋର୍ସମେଣ୍ଟ ନିର୍ଦ୍ଦେଶାଳୟ (ଇଡି), କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ (ସିବିଆଇ) ଏବଂ ଅନ୍ୟାନ୍ୟ କେନ୍ଦ୍ରୀୟ ଅନୁସନ୍ଧାନକାରୀ ସଂସ୍ଥା ହଇରାଣ କଲାଭଳି ଅବସ୍ଥା ଉପୁଜିପାରେ। ସେମାନେ ଓଡ଼ିଶାକୁ ନ ଆସିଲେ ଯାଏ ! ଏହା ସତ ଯେ, ଓଡ଼ିଶା ସରକାରଙ୍କ ଦୁର୍ନୀତି-ସିନ୍ଧୁକ ଖଣି ଦୁର୍ନୀତି, ଚିଟ୍ ଫଣ୍ଡ ଦୁର୍ନୀତି ପରି ଅନେକ କେଳେଙ୍କାରୀରେ ପରିପୂର୍ଣ୍ଣ। କିନ୍ତୁ ପ୍ରକୃତ କଥା ହେଲା ଯେ ବିଜେଡିର ମେଣ୍ଟ ବାନ୍ଧିବା ପାଇଁ ଜିଦ୍ ପଛରେ ଇଡ଼ି ଓ ସିବିଆଇ ଇତ୍ୟାଦି ପକ୍ଷରୁ କାଳ୍ପନିକ ଡର ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ତାହାଠାରୁ ଆଉ କିଛି ଅଲଗା ପ୍ରକାରର ଭୟ ନିଶ୍ଚୟ ଅଧିକ ଭୟଙ୍କର ଥିଲା ବୋଲି ବିଜେଡିର ନେତାମାନେ ଚର୍ଚ୍ଚା କରୁଥିବାର କୁହାଯାଉଛି। ବିଜେଡି ନେତାମାନେ ମୁଖ୍ୟମନ୍ତ୍ରୀଙ୍କ ପୂର୍ବତନ ବ୍ୟକ୍ତିଗତ ସଚିବ ତଥା ବର୍ତ୍ତମାନ ନବୀନଙ୍କ ତଳକୁ ଦଳର ସର୍ବମୟ କର୍ତ୍ତା ତଥା ନବୀନଙ୍କ ନିକଟତମ ବୋଲାଉଥିବା ଭି.କେ ପାଣ୍ଡିଆନଙ୍କ ରାଜନୈତିକ ଅଭିଳାଷକୁ ସେହି 'ଅଲଗା ପ୍ରକାରର ଭୟ' ବୋଲି ଦର୍ଶାଉଛନ୍ତି। ଏହା ସ୍ପଷ୍ଟ ହୋଇସାରିଛି ଯେ ବିଜେଡି ତରଫରୁ ହିଁ ସେ ନିଜର ରାଜନୈତିକ ଭବିଷ୍ୟତକୁ ସୁରକ୍ଷିତ ରଖିବାକୁ ମେଣ୍ଟ ଚାହୁଁଥିଲେ, କେବେ ହେଁ ଦଳର ସମ୍ମାନ ଓ ରାଜନୈତିକ ଲାଭ ପାଇଁ ନୁହେଁ। ଅନ୍ତରଙ୍ଗତା କାରଣରୁ ସେ ନବୀନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଂପର୍କରେ ଅଧିକ ଜାଣିଥିଲେ। ସେଥିପାଇଁ ସେ ମଧ୍ୟ ଜାଣିଥିଲେ ଯେ ନବୀନଙ୍କ ପ୍ରତି ଭୟ କାରଣରୁ ବିଜେଡି ନେତାମାନେ ବର୍ତ୍ତମାନ ଚୁପ୍ ରହୁଥିଲେ ବି ନବୀନଙ୍କ ଅସୁସ୍ଥତା ବଢ଼ିଗଲେ କିମ୍ବା ତାଙ୍କ ଅବର୍ତ୍ତମାନରେ, ପାଣ୍ଡିଆନଙ୍କ ବିରୁଦ୍ଧରେ ବିଦ୍ରୋହ କରିବା ସୁନିଶ୍ଚିତ। ଯଦି ତାହା ପୂର୍ବରୁ ମେଣ୍ଟ ହୋଇ ସାରିଥିବ, ସେତେବେଳେ ମେଣ୍ଟ ପ୍ରସ୍ତାବର ବିଶ୍ୱକର୍ମା ହୋଇଥିବା କାରଣରୁ ବିଜେପିର ସମର୍ଥନ ବଳରେ ସେ କ୍ଷମତାରେ ରହିପାରିବେ। ଶେଷରେ ପାଣ୍ଡିଆନଙ୍କ ମହାତ୍ୱାକାଂକ୍ଷୀ ଇଚ୍ଛା ପୂରଣ ହୋଇ ପାରିଲା ନାହିଁ। ବିଜେଡି ସର୍ବାଧିକ କ୍ଷତି ସହିବାକୁ ବାଧ ହେଲା। କିଛି ସପ୍ତାହ ପୂର୍ବରୁ, ବହୁଳ ଦୃଶ୍ୟମାନ ବିଜେଡିର ପୋଷ୍ଟର ଏବଂ ବ୍ୟାନରମାନଙ୍କରୁ ପାଣ୍ଡିଆନଙ୍କ ସ୍ମିତହାସ୍ୟ ଚେହେରା ହଟିଗଲା। ପାଠକମାନଙ୍କର ସ୍ମରଣ ଥାଇ ପାରେ ଯେ, କିଛି ମାସ ପୂର୍ବରୁ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ ବିଜେଡିର ନିର୍ବାଚନୀ ପୋଷ୍ଟରରୁ ବିଜୁଙ୍କ ଦୃପ୍ତ ଚେହେରା ନିଖୋଜ ହୋଇ ଯାଇଥିଲା। ଏମିତିକି କିଛି ପୋଷ୍ଟରରେ ପାଣ୍ଡିଆନଙ୍କ ଫଟୋର ଆକାର ନବୀନଙ୍କ ଫଟୋଠାରୁ ମଧ୍ୟ ବଡ଼ ଥିଲା। ସେ ପ୍ରତ୍ୟେକ ମଞ୍ଚରେ ଦୃଶ୍ୟମାନ ହେଉଥିଲେ ଏବଂ ବିଦ୍ୟାଳୟ, ମହାବିଦ୍ୟାଳୟର ଉତ୍ସବ, କ୍ରୀଡ଼ା, ଶିଳ୍ପ - ପୁଞ୍ଜିପତିଙ୍କ ସମାବେଶ ଠାରୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ, ସବୁଠି ଦର୍ଶନ ଦେଉଥିଲେ। କିନ୍ତୁ ବିଜେପି ସହ ମେଣ୍ଟ ଆଲୋଚନା ବିଫଳ ହେବା ପରେ ହଠାତ୍ ସର୍ବସାଧାରଣରେ ପାଣ୍ଡିଆନଙ୍କୁ ଆଉ ଦେଖିବାକୁ ମିଳିଲା ନାହିଁ। ଏପରିକି ବିଜେଡିର ନିର୍ବାଚନୀ ପୋଷ୍ଟରରୁ ବି ନିରୁଦ୍ଦିଷ୍ଟ ହୋଇଗଲେ। ଏବେ, ପୁଣି ଥରେ ବିଜୁବାବୁ ପୋଷ୍ଟରମାନଙ୍କରେ ଉଦୟ ହେଉଛନ୍ତି, ଅସ୍ତ ହେଉଛନ୍ତି ପାଣ୍ଡିଆନ। ହୁଏତ ବିଳମ୍ବରେ ହେଲେ ବି ନବୀନ ପଟ୍ଟନାୟକ କୁଆଡ଼େ ବୁଝି ସାରିଛନ୍ତି ଯେ ପାଣ୍ଡିଆନଙ୍କୁ ତାଙ୍କ ଉତ୍ତରାଧିକାରୀ ଭାବରେ ଦେଖାଇ ବିଜେଡି ନିଜକୁ ବିପଦକୁ ଠେଲି ଦେଇଛି। ତେଣୁ ଏବେ ପାଣ୍ଡିଆନଙ୍କୁ କୋଣଠେସା କରିଦିଆ ଯାଇଥିବା ଭଳି ଭ୍ରମ ସୃଷ୍ଟି କରାଯାଉଛି। ସମ୍ଭବତଃ ସେଥିପାଇଁ ପ୍ରସିଦ୍ଧ ସାମ୍ବାଦିକମାନଙ୍କୁ ବ୍ୟବହାର କରା ଯାଉଛି। କୁମି କପୁର 'ଇଣ୍ଡିଆନ୍ ଏକ୍ସପ୍ରେସ'ର ନିଜର ସାପ୍ତାହିକ ସ୍ତମ୍ଭରେ ଲେଖିଛନ୍ତି ଯେ, ଏକ ବୈଠକରେ ନବୀନ ବାବୁ ପାଣ୍ଡିଆନଙ୍କ ଉପରେ ରାଗି ଯାଇଥିଲେ ଏବଂ କହିଥିଲେ ଯେ କେହି ବି ଅପରିହାର୍ଯ୍ୟ ନୁହଁନ୍ତି। କେହି କିନ୍ତୁ ପ୍ରଶ୍ନ କରୁ ନାହାନ୍ତି ଯେ, ପାଣ୍ଡିଆନଙ୍କୁ ବୈଠକକୁ କ'ଣ ଗାଳି ଦେବାକୁ ଡାକିଥିଲେ ନବୀନ ବାବୁ ? ଏବେ କ'ଣ ପାଣ୍ଡିଆନ ଦଳର କୌଣସି କାମ କରୁ ନାହାନ୍ତି ? ଇତି ମଧ୍ୟରେ ରାଜ୍ୟରେ ବିଜେପିର ଲୋକପ୍ରିୟତା ତଥା ରାଜନୈତିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ୨୦୦୦-୨୦୦୯- ରାଜ୍ୟରେ ଲଗାତାର ୯ ବର୍ଷ ଧରି ବିଜେପି-ବିଜେଡି ମେଣ୍ଟ ସରକାର ଥିଲା। ୨୦୦୯ ମସିହା ନିର୍ବାଚନ ଅବ୍ୟବହିତ ପୂର୍ବରୁ ନବୀନ ବିଜେପିର ହାତ ଛାଡ଼ି ଦେଇଥିଲେ। ୨୦୦୪ ନିର୍ବାଚନରେ ବିଜେଡି ସହ ମେଣ୍ଟ କରି ୭ଟି ଲୋକସଭା ଓ ୩୨ଟି ବିଧାନସଭା ଆସନ ଜିତିଥିବା ବିଜେପି ୨୦୦୯ ନିର୍ବାଚନରେ ଗୋଟିଏ ବି ଲୋକସଭା ଆସନ ଜିଣିପାରି ନଥିଲା। ବିଧାନସଭାରେ ଏହାର ଆସନ ସଂଖ୍ୟା ୩୨ରୁ ୬କୁ ଖସି ଆସିଆସିଥିଲା। କିନ୍ତୁ ସେବେଠାରୁ ପ୍ରତି ନିର୍ବାଚନରେ ଦଳର ଭୋଟ୍ ପ୍ରତିଶତ ବଢ଼ିବାରେ ଲାଗିଛି। ଏହାକୁ ୨୦୦୯ ମସିହାରେ ମାତ୍ର ୧୫ ପ୍ରତିଶତ ଭୋଟ ମିଳିଥିଲା ବେଳେ, ୨୦୧୪ରେ ୧୮ ପ୍ରତିଶତ ଓ ୨୦୧୯ ବିଧାନସଭା ନିର୍ବାଚନରେ ଏହି ପ୍ରତିଶତ ୩୨.୪୯ ପ୍ରତିଶତକୁ ବୃଦ୍ଧି ପାଇଥିଲା। ସେହି ୨୦୧୯ ଲୋକସଭା ନିର୍ବାଚନରେ କିନ୍ତୁ ଦଳର ଭୋଟ ଥିଲା ୩୮.୪ ପ୍ରତିଶତ। ବିଧାନସଭାରେ ମାତ୍ର ୨୩ଟି ଆସନ ପାଇଥିବା ବିଜେପି ଲୋକସଭା ନିର୍ବାଚନରେ ରାଜ୍ୟର ୨୧ଟି ଆସନରୁ ୮ଟି ଆସନରେ ବିଜୟୀ ହୋଇଥିଲା। ପ୍ରଥମ ଥର ପାଇଁ କଂଗ୍ରେସକୁ ପରାସ୍ତ କରି ଗୈରିକ ଦଳ ମୁଖ୍ୟ ବିରୋଧୀ ଦଳ ଭାବେ ଉଭା ହୋଇଥିଲା। ନିର୍ବାଚନ ଋତୁ ଆରମ୍ଭରୁ ବିଜେଡି ସହ ମେଣ୍ଟକୁ ବିରୋଧ କରି ଆସୁଥିବା ବିଜେପିର ରାଜ୍ୟ ଶାଖା ଏବେ ପୂରା ଉତ୍ସାହର ସହ ପ୍ରଚାର ଆରମ୍ଭ କରିଛି। ସୂଚନାଯୋଗ୍ୟ, ଦଳ ଏଥର 'ଓଡ଼ିଆ ପରିଚୟ'କୁ ସବୁଠାରୁ ବଡ଼ ପ୍ରସଙ୍ଗ କରିଛି। ନବୀନଙ୍କ ଓଡ଼ିଆ ଭାଷା ଦାରିଦ୍ର୍ୟକୁ ଲଗାତାର ଆକ୍ରମଣ କରିବାକୁ ଆରମ୍ଭ କରିଛି ବିଜେପି। ରୋମାନ ଲିପିରେ ଲିଖିତ ତାଙ୍କ ଓଡ଼ିଆ ଭାଷଣ ପଠନକୁ ଉପହାସ କରୁଛି। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ସ୍ପଷ୍ଟ କରିଛନ୍ତି ଯେ ଏଥର ତାଙ୍କ ଦଳ ଓଡ଼ିଆ ଅସ୍ମିତାକୁ ମୁଖ୍ୟ ପ୍ରସଙ୍ଗ କରି ନିର୍ବାଚନ ଲଢ଼ିବ। ନବୀନ ସରକାରରେ ଅଣଓଡ଼ିଆ ଅଧିକାରୀଙ୍କ ଆଧିପତ୍ୟ ବଢ଼ିଛି, ଯାହାକୁ ରାଜ୍ୟର ମତଦାତା ଗ୍ରହଣ କରୁନାହାନ୍ତି। ଏହି ପ୍ରସଙ୍ଗରେ ଲୋକଙ୍କ ପୂର୍ଣ୍ଣ ସମର୍ଥନ ପାଇ ରାଜ୍ୟରେ ଏଥର ଡବଲ ଇଞ୍ଜିନ ସରକାର ଗଠନ କରିବ ବୋଲି ଆତ୍ମପ୍ରତ୍ୟୟ ପାଇଛି ଭାଜପା। ସମ୍ଭବତଃ ସେଥିପାଇଁ ବିଜେଡି ପକ୍ଷରୁ ପାଣ୍ଡିଆନଙ୍କୁ ଲୋକଲୋଚନରୁ ଦୂରେଇ ରଖାଯାଇ ଦଳର ସମସ୍ତ ଆଭ୍ୟନ୍ତରୀଣ ବ୍ୟବସ୍ଥାକୁ ପରିଚାଳନା କରିବା ଦାୟୀତ୍ୱ ଦିଆଯାଇଛି; ଯେପରି ଓଡ଼ିଆ ଅସ୍ମିତା ଭଳି ଏକ ବିସ୍ଫୋରକ ଭାବପ୍ରବଣ ପ୍ରସଙ୍ଗ ଫୁସୁକି ଯିବ। ଏତେ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଯଦି ନବୀନ ପଟ୍ଟନାୟକ ଲଗାତାର ଷଷ୍ଠ ଥାର ପାଇଁ ନିଜ ଦଳକୁ ଜିତାଇପାରନ୍ତି, ତେବେ ସେ ଯେ କେବଳ ସମଗ୍ର ଦେଶରେ ନୂଆ ରେକର୍ଡ ସୃଷ୍ଟି କରିବେ ତାହା ନୁହେଁ, ବରଂ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ପରେ ଦେଶର ରାଜନୈତିକ ଇତିହାସରେ ସେ ପ୍ରଥମ ଏଭଳି ନେତା ହେବେ ଯିଏ କି ଦୀର୍ଘ କ୍ୟାରିୟରରେ କେବେ ବି ବିରୋଧୀ ଦଳରେ ବସି ନାହାନ୍ତି।

* * *

ଯୋଗାଯୋଗ :
ଫୋ- ୯୪୩୮୨୯୯୦୩୭

ଲୋକଙ୍କ ମାଡ଼ରେ ପୁଲିସ୍ ଘାଇଲା; ଏସଡିପିଓଙ୍କ ମୁଣ୍ଡ ଫାଟିଲା, ଆଇଆଇସିଙ୍କ ହାତ ଭାଙ୍ଗିଲା

ବାରିପଦା (ଏନ୍.ଏମ୍.): ଜମିଜମା ବିବାଦକୁ ନେଇ ତାତିଲେ ଲୋକେ। ବିଳମ୍ବରେ ପୁଲିସ୍ ପହଞ୍ଚିବାରୁ ଉତ୍ତ୍ୟକ୍ତ ଲୋକେ ପୁଲିସ୍କୁ ଆକ୍ରମଣ କରିବାକୁ ପଛାଇଲେ ନାହିଁ। ଲୋକଙ୍କ ଆକ୍ରମଣର ଶିକାର ହୋଇ ଲହୁଲୁହାଣ ହେଲେ ପୁଲିସ୍ ଅଧିକାରୀ। ଏଥିଯୋଗୁ ଜଣେ ଏସଡିପିଓଙ୍କ ମୁଣ୍ଡ ଫାଟିଥିବା ବେଳେ ଆଇଆଇସିଙ୍କ ହାତ ଭାଙ୍ଗିଛି। ଏଥିରେ ଜଣେ ମହିଳା ଏଏସଆଇ ମଧ୍ୟ ଆହତ ହୋଇଛନ୍ତି । ଏପରି ଏକ ଅଭାବନୀୟ ଘଟଣା ଗତକାଲି ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଥାନା ଅଧୀନ ବେଲପାଳ ଗାଁରେ ଘଟିଛି। ଜମିଜମା ବିବାଦକୁ ନେଇ ବେଲପାଳ ଗାଁରେ ଜଣେ ବ୍ୟକ୍ତିଙ୍କୁ ଦୁଇ ଭାଇ ଆକ୍ରମଣ କରିଥିଲେ। ଏନେଇ ଗ୍ରାମବାସୀ ପୁଲିସ୍କୁ ଖବର ଦେଇଥିବା ବେଳେ ପୁଲିସ୍ ଦୀର୍ଘ ସମୟ ପର୍ଯ୍ୟନ୍ତ ଗାଁରେ ପହଞ୍ଚି ନ ଥିଲା। ଫଳରେ ଉତ୍ତ୍ୟକ୍ତ ଲୋକେ ଉଭୟଙ୍କ ଗିରଫଦାରୀ ଦାବିରେ ବେଲପାଳ ଛକରେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ସନ୍ଧ୍ୟା ପରେ ପୁଲିସ୍ ପହଞ୍ଚିବାରୁ ଗ୍ରାମବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ତେଜନା ଦେଖା ଯାଇଥିଲା। ବେତନଟୀ ଏସଡିପିଓ ସୁଦର୍ଶନ ଦାସ ଏବଂ ବଡ଼ସାହି ଆଇଆଇସି ଓ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ । ତେବେ କିଛି ଲୋକ ହଠାତ୍ ପୁଲିସ ଉପରକୁ ଅତର୍କିତ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ବେତନଟୀ ଏସଡିପିଓ ସୁଦର୍ଶନ ଦାସଙ୍କ ମୁଣ୍ଡ ଫାଟିଥିବା ବେଳେ ଆଇଆଇସି ଉମାଶଙ୍କର ନାୟକଙ୍କ ହାତ ଭାଙ୍ଗି ଯାଇଛି। ଏଥି ସହ ଜଣେ ମହିଳା ଏଏସଆଇ ମଧ୍ୟ ଆହତ ହୋଇଛନ୍ତି। ସମସ୍ତଙ୍କୁ ବଡ଼ସାହି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏହାପରେ ସମସ୍ତଙ୍କୁ ବାରିପଦାସ୍ଥିତ ପିଆରଏମ୍ ମେଡିକାଲ କଲେଜରେ ଭର୍ତ୍ତି ହୋଇଛନ୍ତି । ଏହି ଘଟଣା ପରେ ଗାଁ ପୁରୁଷଶୂନ୍ୟ ହୋଇ ଯାଇଥିବା ବେଳେ ଘଟଣାସ୍ଥଳରେ ପୁଲିସ୍ ମୁତୟନ ହୋଇଛନ୍ତି।

ଇଭିଏମ ଭଙ୍ଗା ବେଳର ସିସିଟିଭି ଫୁଟେଜ ଜାରିକଲେ ଅପରାଜିତା ଷଡ଼ଙ୍ଗୀ



ଭୁବନେଶ୍ୱର(ଏନ୍.ଏମ୍.): ବହୁ ବିବାଦୀୟ ଇଭିଏମ ଭଙ୍ଗା ବେଳର ଭିଡିଓ ଭାଇରାଲ ହେବାରେ ଲାଗିଛି। ରଠଗ ଭାଙ୍ଗିଲା କିଏ ? ତାହା ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନଥିବା ବେଳେ ସାମ୍ନାକୁ ଆସିଛି ବୁଥରେ ଲାଗିଥିବା ସିସିଟିଭିର ଫୁଟେଜ୍। ଏହି ସିସିଟିଭି ଫୁଟେଜ୍କୁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଆଜି ନିଜ ସୋଶାଲ ମିଡିଆ ହ୍ୟାଣ୍ଡଲରରେ ପୋଷ୍ଟ କରିଛନ୍ତି। ଏଥିରେ ଦେଖିବାକୁ ମିଳିଛି, ବିଧାନସଭା ରଠଗ ଭଙ୍ଗା ଯାଉଥିବା ବେଳେ ବିଧାୟକ ପ୍ରଶାନ୍ତ ଜଗଦେବ ଓ ତାଙ୍କ ପତ୍ନୀ ବହୁ ଦୂରରେ ଛିଡ଼ା ହୋଇଛନ୍ତି। ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ ସାଂସଦ ଅପରାଜିତା ଷଡ଼ଙ୍ଗୀ। ଆଉ ଅପରାହ୍ନରେ ନିଜ ସୋଶାଲ ମିଡିଆ ହ୍ୟାଣ୍ଡଲରରେ ପୋଷ୍ଟ କରିଛନ୍ତି କାଉଁରିପାଟଣା ବୁଥ ସିସିଟିଭି ଫୁଟେଜ୍। ସାଂସଦ ପୋଷ୍ଟ କରିଥିବା ଭିଡିଓରେ ଦେଖିବାକୁ ମିଳିଛି, ମତଦାନ ସାବ୍ୟସ୍ତ କରିବା ପାଇଁ ପ୍ରଶାନ୍ତ ଜଗଦେବ ବେକରେ ମାଳ ପକାଇ ବୁଥରେ ପ୍ରବେଶ କରୁଛନ୍ତି। ସେତେବେଳେ ବୁଥ୍ ଭିତରେ ଭିଡ଼ ଦେଖିବାକୁ ମିଳିଛି। ଲାଗୁଥିଲା ଇଏ ମତଦାନ ପାଇଁ ହଥିବା କୌଣସି ବୁଥ୍ ନୁହେଁ। ବୁଥ୍ ଭିତରେ ପୋଲିଂ ଅଧିକାରୀମାନେ ବସିଥିବା ବେଳେ ଲୋକମାନେ ଏତେତେଣେ ବୁଲୁଥିବା ଦେଖିବାକୁ ମିଳିଛି। ସତେ ଯେମିତି ଇଏ ସେମାନଙ୍କ ଘର। ଗହଳି ଭିତରେ ଶ୍ରୀ ଗଜଦେବ ପୋଲିଂ ଅଧିକାରୀଙ୍କଠାରୁ ଚିରକୁଟ୍ ଧରି ଲୋକସଭା ପାଇଁ ଉଦ୍ଦିଷ୍ଟ ଇଭିଏମ୍ ପାଖକୁ ଯାଇଥିଲେ। ସେଠାରେ ସେ ମତଦାନ ସାବ୍ୟସ୍ତ କରି ବାହାରି ବିଧାନସଭା ଇଭିଏମ୍ ପାଖକୁ ଆସୁଥିଲେ। ପାଖରେ ଥିଲେ ତାଙ୍କ ପତ୍ନୀ। ଠିକ୍ ସେହି ସମୟରେ ବିଧାନସଭା ଇଭିଏମ୍ ଭଙ୍ଗା ଯାଇଥିବା ଦେଖିବାକୁ ମିଳୁଛି। ବିଧାନସଭା ଇଭିଏମ ଭଙ୍ଗା ଯାଉଥିବା ବେଳେ ବିଧାୟକ ଶ୍ରୀ ଜଗଦେବ ଓ ତାଙ୍କ ପତ୍ନୀ ଦୂରରେ ଥିଲେ। ଦୁଇ ଜଣ ବ୍ୟକ୍ତି ଲୋକଙ୍କ ଗହଳି ଭିତରେ ବିଧାୟକଙ୍କ ସମ୍ମୁଖରେ ରଠଗ ଭାଙ୍ଗି ରଢଓଞ୍ଚ ଗେଟ୍ ଦେଇ ପଳାଇ ଯାଉଥିବା ଭିଡିଓରେ ଦେଖିବାକୁ ମିଳିଛି।

ଯୁବ ବିଜେପି ରାଜ୍ୟ ସଭାପତି ଅଭିଲାଷ ପଣ୍ଡାଙ୍କୁ ଆକ୍ରମଣ ଘଟଣା: ୫ ଗିରଫ

ଚାନ୍ଦବାଲି(ଏନ୍.ଏମ୍.): ବିଜେପି ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡାଙ୍କୁ ଆକ୍ରମଣ ଘଟଣାରେ ୫ଜଣଙ୍କୁ ଗିରଫ କରିଛି ପୁଲିସ। ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବା ଜଣାଯାଇଛି। ଗତ ଶୁକ୍ରବାର ଦିନ ଅଭିଲାଷ ପଣ୍ଡା ପ୍ରଚାର ସାରି ସହ ୪୦ରୁ ୫୦ ଜଣ କର୍ମୀଙ୍କ ସହ ଫେରୁଥିଲେ। ଚାନ୍ଦବାଲି ସସିତାଦେଇପୁର ନିକଟରେ ୧୦୦ଅଧିକ ବିଜେଡି କର୍ମୀ ସେମାନଙ୍କ ଉପରେ ଆକ୍ରମଣ କରିଥିଲେ। ଏନେଇ ବାଂଶଡ଼ା ଥାନାରେ ଅଭିଯୋଗ କରିଥିଲେ ଅଭିଲାଷ। ଏହି ଘଟଣାର ପ୍ରତିବାଦରେ ବିଜେପି କର୍ମୀ ଓ ସମର୍ଥକମାନେ ଖପୁରିଆ ଛକରେ ରାସ୍ତାରୋକ କରିଥିଲେ। ପୁଲିସ ଏହି ଘଟଣାରେ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନେ ଫେରାର ଥିବା ଜଣାଯାଇଛି। ପୁଲିସ ସେମାନଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ଆକ୍ରମଣ ପଛରେ ସ୍ଥାନୀୟ ବିଧାୟକ (ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ)ଙ୍କ ହାତ ଥିବା ଭଳି ମନେ ହେଉଛି ବୋଲି ଅଭିଲାଷ ପଣ୍ଡା କହିଛନ୍ତି।

ମହାପ୍ରଭୁଙ୍କ ଚାପ ଖେଳ ବେଳେ ଅଘଟଣ; ବାଣ ବିସ୍ଫୋରଣ ଘଟି ୮ ମୃତ, ୩୦ ଆହତ

ପୁରୀ/କଟକ(ଏନ୍.ଏମ୍.): ପୁରୀରେ ମହାପ୍ରଭୁଙ୍କ ଚାପ ଖେଳ ବେଳେ ଘଟିଛି ଅଘଟଣ। ପୁରୀ ନରେନ୍ଦ୍ର ପୁଷ୍କରିଣୀରେ ଭଉଁରି ଖେଳ ବେଳେ ବାଣ ବିସ୍ଫୋରଣ ଘଟି ୩ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ୩୦ରୁ ଅଧିକ ଗୁରୁତର ହୋଇ କଟକ ଓ ଭୁବନେଶ୍ୱରର ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ଅଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ୧୫ ବର୍ଷୀୟ ନାବାଳକ ଥିବା ଜଣାଯାଇଛି। ଗତ ରାତିରେ ମହାପ୍ରଭୁଙ୍କ ଭଉଁରୀ ନୀତି ଚାଲିଥିବା ସମୟରେ ନୀତି ଦେଖିବାପାଇଁ ଲୋକଙ୍କ ପ୍ରବଳ ସମାଗମ ହୋଇଥିଲା। ଏହି ସମୟରେ ଦେବୀଘାଟ ନିକଟ ଦସତୁଠ ନିକଟରେ ବାଣ ବିସ୍ଫୋରଣ ହୋଇଥିଲା। ଏଥିଯୋଗୁ ନିଆଁ ହୁଳା ଉପସ୍ଥିତ ଲୋକଙ୍କ ଉପରେ ପଡ଼ିବାରୁ ସେମାନେ ପ୍ରାଣ ବିକଳରେ ଏଣେତେଣେ ଦୌଡ଼ିବାକୁ ଲାଗିଲେ। ଅନେକ ଲୋକ ଜୀବନ ବଞ୍ଚାଇବା ପାଇଁ ପାଣିକୁ ମଧ୍ୟ ଡେଇଁ ପଡିଥିଲେ । ବାଣ ପଡ଼ି ସେଠାରେ ଉପସ୍ଥିତ ପ୍ରାୟ ୩୦ ଜଣ ଆତହତ ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ବର୍ଣ୍ଣ ୟୁନିଟ୍ ନଥିବାରୁ ଗୁରୁତରଙ୍କୁ କଟକ ବଡ଼ ମେଡିକାଲ ଏବଂ ଭୁବନେଶ୍ୱର ଓ କଟକର ଅନ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବାଣ ଫୁଟି ପୋଡ଼ି ଯାଇଥିବା ବ୍ୟକ୍ତିଙ୍କ ମଧ୍ୟରେ କିଛି ଛୋଟ ପିଲା ମଧ୍ୟ ଅଛନ୍ତି। କଟକରେ ଜଣେ ୧୫ ବର୍ଷୀୟ ନାବାଳକ ଓ ଭୁବନେଶ୍ୱରର ଦୁଇଟି ଘରୋଇ ହସ୍ପିଟାଲରେ ଦୁଇ ଜଣ ଆଖି ବୁଜିଛନ୍ତି। ଗତ ରାତିରେ ଏପରି ଅଚାନକ ବାଣ ଫୁଟିବାରୁ ହସଖୁସିର ପରିବେଶ ହଠାତ୍ କାନ୍ଦବୋବାଳିରେ ଫାଟି ପଡ଼ିଥିଲା। ସମ୍ପର୍କୀୟମାନେ ଆହତଙ୍କୁ ଧରି ଏଣେତେଣେ ଦୌଡ଼ୁଥିବା ଦେଖିବାକୁ ମିଳିଥିଲା। ଏନେଇ ପୁରୀ ଏସ୍ପି ପିନାକ ମିଶ୍ର କହିଛନ୍ତି, ଚନ୍ଦନ ଯାତ୍ରା ବେଳେ ଏପରି ଅଘଟଣ ଘଟିଛି। ଗୁରୁତରଙ୍କୁ ତୁରନ୍ତ କଟକ ସ୍ଥାନାନ୍ତର କରାଯାଇଛି। ଲୋକଙ୍କୁ ଉତ୍ତମ ଚିକିତ୍ସା ଯୋଗାଇବା ଆମର ପ୍ରଥମ କର୍ତ୍ତବ୍ୟ । ଏହାପରେ ଘଟଣାର ତଦନ୍ତ କରାଯିବ । ପୁରୀ ବାଣ ବିସ୍ଫୋରଣ ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିଜ ସୋଶାଲ ମିଡିଆ ହ୍ୟାଣ୍ଡେଲରେ ପୋଷ୍ଟ ଦୁଃଖ ପ୍ରକାଶ କରିଛନ୍ତି ନବୀନ। ଆହତଙ୍କ ଉତ୍ତମ ଚିକିତ୍ସା ସୁନିଶ୍ଚିତ କରିବା ସହ ବ୍ୟବସ୍ଥାର ତଦାରଖ ପାଇଁ ମୁଖ୍ୟ ଶାସନ ସଚିବ ଓ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଆହତମାନଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପୋଷ୍ଟ କରିଛନ୍ତି ।

ବସ୍ ହେଲପରଙ୍କୁ ଆକ୍ରମଣ; ଆନ୍ଦୋଳନକୁ ଓହ୍ଲାଇଲେ କର୍ମଚାରୀ, ଗଡୁନି ବସ୍

SAMBALPUR BUS TERMINAL

ସମ୍ବଲପୁର(ଏନ୍.ଏମ୍.): ଦୁର୍ବୃତ୍ତଙ୍କ ଅତର୍କିତ ଆକ୍ରମଣରେ ଗୁରୁତର ହେଲେ ଘରୋଇ ବସ୍ ଡ୍ରାଇଭର। ଗୁରୁତର ଅବସ୍ଥାରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଗିରଫ ଦାବୀରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି କର୍ମଚାରୀ। ଏପରି ଏକ ଘଟଣା ସମ୍ବଲପୁର ସହରର ଅଇଁଠାପାଲି ଘରୋଇ ବସ ଷ୍ଟାଣ୍ଡ ପରିସରରେ ଘଟିଛି। ଫଳରେ ଘରୋଇ ବସ୍ ଚଳାଚଳ ପ୍ରଭାବିତ ହୋଇଛି । ଅଇଁଠାପାଲି ଘରୋଇ ବସ ଷ୍ଟାଣ୍ଡ ପରିସରରେ ଗତକାଲି ବିଳମ୍ବିତ ରାତିରେ ଜଣେ ବସ୍ ହେଲପରଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା । ଜୋରରେ ସେ ଚିତ୍କାର କରିବାରୁ ସେଠାରେ ଉପସ୍ଥିତ ବସ୍ କର୍ମଚାରୀ ଗୁରୁତର ଅବସ୍ଥାରେ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ଏହା ପ୍ରତିବାଦରେ ବସ୍ କର୍ମଚାରୀମାନେ ବସ ଷ୍ଟାଣ୍ଡ ପରିସରରେ ଆନ୍ଦୋଳନ ଆରମ୍ଭ କରିଛନ୍ତି । ଏଥିଯୋଗୁ ଘରୋଇ ବସ୍ ଚଳାଚଳ ପ୍ରଭାବିତ ହୋଇଛି। ବସ୍ଷ୍ଟାଣ୍ଡକୁ କୌଣସି ବସ୍କୁ ପ୍ରବେଶ କରାଇ ଦିଆ ଯାଉ ନାହିଁ କିମ୍ବା ବସ ଷ୍ଟାଣ୍ଡରୁ କୌଣସି ବସ ଗନ୍ତବ୍ୟ ସ୍ଥଳ ଅଭିମୁଖେ ଯାଇ ପାରୁନାହିଁ । ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଘରୋଇ ବସ୍ ଷ୍ଟାଣ୍ଡ ପରିସରରେ ଏକ ଫାଣ୍ଡି ସ୍ଥାପନ ପାଇଁ କର୍ମଚାରୀମାନେ ଦାବି କରି ଆନ୍ଦୋଳନ କରିଛନ୍ତି । ତେବେ ଆକ୍ରମଣର କାରଣ ଜଣା ପଡ଼ିନାହିଁ।

ଆଖୁ ରସ ପିଉଥିଲେ ଅବସରପ୍ରାପ୍ତ ଶିକ୍ଷକ, ଲୁଟ୍ ହୋଇଗଲା ୬୦ ହଜାର ଟଙ୍କା

ଦିଗପହଣ୍ଡି(ଏନ୍.ଏମ୍.): ରାସ୍ତାରେ ଏବେ ଅସୁରକ୍ଷିତ ହୋଇ ପଡ଼ିଛନ୍ତି ବରିଷ୍ଠ ନାଗରିକ। ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ଦୁର୍ବୃତ୍ତମାନଙ୍କ ପାଇଁ କିଛି ଫରକ ପଡୁନଥିବା ସାଧାରଣରେ ଅଭିଯୋଗ ହେଉଛି। ଫଳରେ ରାସ୍ତାରେ ସ୍ପଷ୍ଟ ଦିବାଲୋକରେ ଜନଗହଳି ଥାଇ ମଧ୍ୟ ଲୁଟ, ଚୋରି, ଡକାୟତି ଭଳି ଅପରାଧ ବଢ଼ିଚାଲୁଛି। ଯାହା ଦ୍ୱାରା ପୁଲିସ ପ୍ରଶାସନ ଉପରୁ ଲୋକଙ୍କ ଭରସା ତୁଟୁଥିବା ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ, ଆଖୁ ରସ ପିଉଥିବା ବେଳେ ଲୁଟର ଶିକାର ହୋଇଛନ୍ତି ଜଣେ ଅବସରପ୍ରାପ୍ତ ଶିକ୍ଷକ। ଲୁଟେରା ତାଙ୍କଠାରୁ ନେଇଯାଇଛନ୍ତି ୬୦ ହଜାର ଟଙ୍କା। ଘଟଣାଟି ଘଟିଛି ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଥାନା ପୁଞ୍ଜିକୟାଁ ଛକରେ। ଲୁଟ୍ର ଶିକାର ହୋଇଥିବା ଅବସରପ୍ରାପ୍ତ ଶିକ୍ଷକଙ୍କ ନାଁ ଭୂଷଣ ପ୍ରଧାନ। ଆଜି ଦିନ ପ୍ରାୟ ସାଢ଼େ ୧୦ଟା ବେଳେ ଦିଗପହଣ୍ଡି ସ୍ଥିତ ଏକ ବ୍ୟାଙ୍କରୁ ସେ ୬୦ ହଜାର ଟଙ୍କା ଉଠାଇ ଘରକୁ ଫେରୁଥିଲେ। ଟଙ୍କାକୁ ଏକ ବ୍ୟାଗରେ ରଖି ସେ ତାଙ୍କ ବାଇକର ହ୍ୟାଣ୍ଡେଲରେ ଝୁଲାଇ ଦେଇଥିଲେ। ଘରକୁ ଫେରୁଥିବା ବେଳେ ଶୋଷ ଲାଗିବାରୁ ଭୂଷଣ ପ୍ରଧାନ ବାଟରେ "ଆଖୁ ରସ ପିଇବା ପାଇଁ ଅଟକି ଥିଲେ। ସେ ବାଇକ୍ ରଖି ଦୋକାନୀଙ୍କୁ ଆଖୁ ରସ ମାଗିଥିଲେ। ଆଖୁ ରସ ! ପିଇ ଫେରିଲା ବେଳକୁ ବାଇକ୍ରେ ତାଙ୍କ ଟଙ୍କା ବ୍ୟାଗଟି ନଥିଲା। ବାଇକ୍ଟି ତାଙ୍କଠାରୁ ବେଶି ଦୂରରେ ମଧ୍ୟ ନଥିଲା। ତେବେ ସେ ବାଇକକୁ ପଛ କରି ଆଖୁ ରସ ପିଇବା ମଧ୍ୟରେ କେହି ଟଙ୍କା ଭର୍ତ୍ତି ବ୍ୟାଗ୍ ନେଇ ଫେରାର ହୋଇଯାଇଥିଲା। ଭୂଷଣ ପ୍ରଧାନ ଏହି ଘଟଣା ନେଇ ଦିଗପହଣ୍ଡି ଥାନାରେ ଅଭିଯୋଗ କରିଥିବା ବେଳେ ପୁଲିସ୍ ଘଟଣାସ୍ଥଳରେ ଯାଞ୍ଚ କରିଛି। ପୁଲିସ୍ ଘଟଣାର ତଦନ୍ତ କରୁଛି।

ଜଗଦେବ ଗିରଫ ମାମଲା: ଏସଡିପିଓ ଦିଲ୍ଲୀପ ଦାସଙ୍କୁ କିଏ ଦେଉଛି ସୁରକ୍ଷା, ସନ୍ଦେହରେ ପୁଲିସ ଡିଜିଙ୍କ ଭୂମିକା

ଭୁବନେଶ୍ୱର(ଏନ୍.ଏମ୍.): ଚିଲିକା ବିଧାୟକ ତଥା ଖୋର୍ଦ୍ଧା ବିଜେପି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦେବଙ୍କୁ ଇଭିଏମ୍ ମେସିନ ଭଙ୍ଗା ଅଭିଯୋଗରେ ଗିରଫ ମାମଲାରେ ରାଜ୍ୟ ପୁଲିସର ବିଶ୍ୱସନୀୟତା ସଙ୍କଟରେ ପଡ଼ିଛି । ପୁଲିସ ଏସଡିପିଓ ଦିଲ୍ଲୀପ କୁମାର ଦାସଙ୍କ ବିବାଦୀୟ ଭୂମିକା ଦାଣ୍ଡରେ ପଡ଼ି ହାଟରେ ଗଡୁଥିଲେ ମଧ୍ୟ ପୁଲିସ ଡିଜି ଅରୁଣ ଷଡ଼ଙ୍ଗୀ ନିରବଦ୍ରଷ୍ଟା ସାଜିବା ଖୋଲାଖୋଲି ଭାବେ ତାଙ୍କର ଭୂମିକାକୁ ସନ୍ଦେହଘେରକୁ ଆଣିଛି । ଇଭିଏମ୍ ମେସିନ୍ ଭଙ୍ଗା ଘଟଣା ଓ ଜଗଦେବ ମାମଲାର ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ବାଚନ କମିଶନ ତାଗିଦ୍ କରିଥିବାବେଳେ ଏପର୍ଯ୍ୟନ୍ତ ଏସଡିପିଓ ଶ୍ରୀ ଦାସଙ୍କ ବିରୁଦ୍ଧରେ ପୁଲିସ୍ ବିଭାଗସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆନଯିବା ହିଁ ପୁଲିସ ଡିଜି ଶ୍ରୀ ଷଡ଼ଙ୍ଗୀଙ୍କ ଅସହାୟତାକୁ ପଦାରେ ପକାଇ ଦେଇଛି। ଏହାସହିତ ନିଜ କ୍ଷମତା ଓ ପଦବୀର ଦୁରୁପଯୋଗ କରିଥିବା ଏସଡିପିଓ ଶ୍ରୀ ଦାସଙ୍କୁ କିଏ ସୁରକ୍ଷା ଯୋଗାଇ ଦେଉଛି ତାକୁ ନେଇ ମଧ୍ୟ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ସୂଚନା ଅନୁସାରେ, ରାଜ୍ୟରେ ଗତ ୨୫ତାରିଖରେ ତୃତୀୟ ପର୍ଯ୍ୟାୟ ମତଦାନ ଦିନ ଶ୍ରୀ ଜଗଦେବ ତାଙ୍କ ପତ୍ନୀ ଓ ସମର୍ଥକଙ୍କ ସହ ଭୋଟ୍ ଦେବା ପାଇଁ ନିଜ ଗାଁ କାଉଁରୀପାଟଣାକୁ ଯାଇଥିବାବେଳେ ସେଠାରେ ଇଭିଏମ୍ ମେସିନ୍ ଭାଙ୍ଗିବାର ଅଭିଯୋଗ ତାଙ୍କ ବିରୁଦ୍ଧରେ ହୋଇଛି । ଏନେଇ ମତଦାନ କେନ୍ଦ୍ରର ପ୍ରିଜାଇଡିଂ ଅଫିସର ଜ୍ଞାନରଞ୍ଜନ ତ୍ରିପାଠୀଙ୍କ ଅଭିଯୋଗ ଆଧାରରେ ବୋଲଗଡ଼ ଥାନାରେ ୨୫ତାରିଖ ସନ୍ଧ୍ୟା ୬ଟା ୧୫ମିନିଟରେ ଆଇପିସିର ବିଭିନ୍ନ ଧାରା ଓ ଜନପ୍ରତିନିଧି ଆଇନର ବିଭିନ୍ନ ଧାରାରେ ଏଫଆଇଆର ରୁଜୁ ହୋଇଛି। ଆଇପିସିର ୧୧ଟି ଧାରା ଓ ଜନପ୍ରତିନିଧି ଆଇନର ୫ଟି ଧାରାରେ ଶ୍ରୀ ଜଗଦେବ ଓ ତାଙ୍କ ୪-୫ଜଣ ସହଯୋଗୀଙ୍କ ବିରୁଦ୍ଧରେ ଏହି ମାମଲା ରୁଜୁ ହୋଇଛି ତଥା ଏହାର ତଦନ୍ତ ଦାୟିତ୍ୱ ଇନ୍ସପେକ୍ଟର ସିପ୍ରାମୟୀ ବରାଳ ନେଇଛନ୍ତି। ଏହି ଇଭିଏମ୍ ମେସିନ୍ ଭଙ୍ଗା ଘଟଣାରେ ଶ୍ରୀ ଜଗଦେବ ସମ୍ପୃକ୍ତି ନଥିବା କହି ବିଜେପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ସାମ୍ବାଦିକ ସମ୍ମିଳନୀରେ ପୁଲିସର ଷଡ଼ଯନ୍ତ୍ର ବୋଲି ଅଭିଯୋଗ କରାଯାଇଛି । ଏହାସହିତ ବିଜେପି ସାଂସଦ ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଉକ୍ତ ମତଦାନ କେନ୍ଦ୍ରର ସିସିଟିଭି ଫୁଟେଜ୍ ଗଣମାଧ୍ୟମକୁ ଜାରି କରି ସେଥିରେ ଇଭିଏମ୍ ମେସିନ୍ ଅନ୍ୟ କେହି ଭାଙ୍ଗିଥିବାର ପ୍ରମାଣ ଦେଇଛନ୍ତି।

ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଆଧାରରେ ମତଦାନ ଦିନ ଏସଡିପିଓ ଶ୍ରୀ ଦାସଙ୍କ ଡ୍ୟୁଟି ଖୋର୍ଦ୍ଧା ସଦର ଓ ଜଙ୍କିଆ ଥାନାରେ ରହିଥିବାବେଳେ ସେ ବୋଲଗଡ଼ କେମିତି ଯାଇଥିଲେ । କାହାଠୁ ଅନୁମତି ନେଇ ସେ ନିଜ ଅଂଚଳ(ଡ୍ୟୁଟି) ଛାଡ଼ି ଅନ୍ୟ ଅଂଚଳରେ ତଥ୍ୟ ପ୍ରମାଣ ଯାଂଚ ନକରି ବିଧାୟକ ଶ୍ରୀ ଜଗଦେବଙ୍କୁ ଗିରଫ କଲେ କିପରି ? କେଉଁ ଅଫିସରଙ୍କଠୁ ଅନୁମତି ନେଇ ତାଙ୍କ ଡ୍ୟୁଟି ସ୍ଥାନ ଛାଡ଼ି ଅନ୍ୟ ଅଂଚଳକୁ ଗଲେ ? ଏହି ସମସ୍ତ ଘଟଣାରେ ଶ୍ରୀ ଦାସଙ୍କ ବିବାଦୀୟ ଭୂମିକା ରହିଥିଲେ ମଧ୍ୟ ରାଜ୍ୟ ପୁଲିସ ତାଙ୍କ ବିରୁଦ୍ଧରେ ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ଏସବୁ ବ୍ୟତୀତ ଜଣେ ବିଧାୟକଙ୍କୁ ଗିରଫ କରିବା ପୂର୍ବରୁ ବିଧାନସଭା ବାଚସ୍ପତିଙ୍କ ଅନୁମତି ନେବାର ପ୍ରାବଧାନ ରହିଛି, କିନ୍ତୁ ଉକ୍ତ ପ୍ରୋଟୋକଲକୁ ମଧ୍ୟ ସମ୍ପୃକ୍ତ ଏସଡିପିଓ ଶ୍ରୀ ଦାସ ପାଳନ କରିବାକୁ ସାମାନ୍ୟତମ ଆଗ୍ରହ ଦେଖାଇନଥିବା ଜଣାପଡ଼ିଛି । ବିଧାୟକ ଶ୍ରୀ ଜଗଦେବଙ୍କୁ ଫସାଇବା ପାଇଁ ହୋଇଥିବା ଷଡ଼ଯନ୍ତ୍ରରେ ଶ୍ରୀ ଦାସଙ୍କ ଭୂମିକା ଦାଣ୍ଡରେ ପଡ଼ି ହାଟରେ ଗଡୁଥିଲେ ମଧ୍ୟ ପୁଲିସ ଡିଜି ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ନେଇ ତଦନ୍ତ ପ୍ରକ୍ରିୟା ଶେଷ ନହେବା ପର୍ଯ୍ୟନ୍ତ ତାଙ୍କୁ ସେଠାରୁ କାହିଁକି ବଦଳି କରୁନାହାନ୍ତି ବୋଲି ପ୍ରଶ୍ନ ଉଠିଛି । ସାଧାରଣତଃ ପୁଲିସ ବିଭାଗରେ କୌଣସି ଅଫିସରଙ୍କ ବିରୁଦ୍ଧରେ ଅଭିଯୋଗ ଆସିଲେ ବିଭାଗସ୍ତରରେ ପ୍ରାଥମିକ ଯାଂଚ ପ୍ରକ୍ରିୟାକୁ ଗୁରୁତ୍ୱ ଦିଆଯାଇଥାଏ । କିନ୍ତୁ ଏଠି ଏସଡିପିଓ ଶ୍ରୀ ଦାସଙ୍କ ବିବାଦୀୟ ଭୂମିକା ସତ୍ତ୍ୱେ ତାଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ପୁଲିସ ବିଭାଗ ନେବାକୁ ସାହାସ କରିପାରିନଥିବା ଜଣାପଡ଼ିଛି । ଚିଲିକା ବିଧାୟକ ଶ୍ରୀ ଜଗଦେବଙ୍କୁ ଗିରଫ କରିବା ପୂର୍ବରୁ ପୁଲିସ କାହିଁକି ଆବଶ୍ୟକ ତଥ୍ୟପ୍ରମାଣକୁ ଯାଂଚ କଲାନି ଓ ଏସଡିପିଓ ଶ୍ରୀ ଦାସଙ୍କର ଏହି ସମଗ୍ର ଘଟଣାରେ ଭୂମିକା କ'ଣ ରହିଥିଲା ତଥା ପୁଲିସ ବିଭାଗ ନିଜସ୍ତରରେ ଏପର୍ଯ୍ୟନ୍ତ ସେସବୁକୁ ତଦନ୍ତ ପରିସରକୁ ନନେବା ପଛରେ କି ରହସ୍ୟ ରହିଛି ? ବିଜେପି ପକ୍ଷରୁ ଦିଆଯାଇଥିବା ସିସିଟିଭି ଫୁଟେଜକୁ ଯଦି ବିଶ୍ୱାସ କରାଯାଏ ତା'ହେଲେ ବିଧାୟକ ଶ୍ରୀଜଗଦେବ ନିର୍ଦ୍ଦୋଷ ଭଳି ଜଣାପଡୁଛି। ଆଉ ଏଭଳି ସ୍ଥିତିରେ ଜଣେ ବିଧାୟକ (ଜନପ୍ରତିନିଧି)ଙ୍କୁ ତରବରିଆ ଭାବେ ବିନା ଦୋଷରେ ଗିରଫ କରିଥିବା ପୁଲିସ ଏସଡିପିଓଙ୍କୁ ତାଙ୍କ ବିଭାଗ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବାରେ କେତେ ସକ୍ଷମ ହେବ ଓ ସେଭଳି ବିବାଦୀୟ ଅଫିସରଙ୍କୁ ଦଣ୍ଡିତ କରି ରାଜ୍ୟ ପୁଲିସ ଡିଜି ଏକ ଉଦାହରଣ ସୃଷ୍ଟି କରିବାକୁ ସାଧାରଣରେ ଦାବି ହେଉଛି।

Odisha
ଆଞ୍ଚଳିକ

୮୦ ଲକ୍ଷ ଟଙ୍କାର କାର ପାଇଁ ପତ୍ନୀଙ୍କୁ ପିଟି ପିଟି ମାରିଦେଲେ, ସ୍ୱାମୀ ଅଟକ

ନୟାଗଡ଼(ଏନ୍.ଏମ୍.): ୮୦ ଲକ୍ଷ ଟଙ୍କାର କାର୍ କିଣିବାକୁ ମନ ବଳାଇଲେ ସ୍ୱାମୀ। ଏଥିପାଇଁ ଶ୍ୱଶୁରଙ୍କଠାରୁ ଟଙ୍କା ଆଣିବାକୁ ପତ୍ନୀଙ୍କ ଉପରେ ପକାଉଥିଲେ ଚାପ। ମାତ୍ର ଟଙ୍କା ନମିଳିବାରୁ ପାଲଟିଗଲେ ରାକ୍ଷସ। ଆଉ ଶିକ୍ଷୟିତ୍ରୀ ପତ୍ନୀଙ୍କୁ ପିଟି ପିଟି ମାରିଦେଲେ। ଏହାକୁ ଆତ୍ମହତ୍ୟାର ରୂପ ଦେବାକୁ ଫ୍ୟାନରେ ଏକ କପଡ଼ା ଝୁଲାଇଥିବା ବେଳେ ମୃତଦେହ ତଳେ ପଡ଼ିଥିଲା। ନୃଶଂସ ପିତାଙ୍କ ଏପରି ନାରକୀୟ କାଣ୍ଡ ୪ ବର୍ଷର ପୁଅ ଦେଖି ଦେଇଛି। ବାପା ସମେତ ପରିବାରର ଅନ୍ୟମାନେ ମା'କୁ ପିଟି ପିଟି ମାରି ଦେଇଥିବା କୁନି ପିଲାଟି ବଖାଣିଛି। ଏପରି ଏକ ଲୋମଟାଙ୍କୁରା ଘଟଣା ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଚମ୍ପତିପୁର ଗାଁରେ ଘଟିଛି। ପୁଲିସ୍ ଅଭିଯୁକ୍ତ ସ୍ୱାମୀଙ୍କୁ ଅଟକ ରଖିଥିବା ବେଳେ ଅନ୍ୟମାନେ ଫେରାର ହୋଇ ଯାଇଛନ୍ତି। ମୃତ ଶିକ୍ଷୟିତ୍ରୀଜଣକ ହେଉଛନ୍ତି ପଦ୍ମିନୀ ପ୍ରଧାନ। ପଦ୍ମିନୀ ୯ ବର୍ଷ ପୂର୍ବେ ଚମ୍ପତିପୁର ଗାଁର ତପନ ସ୍ୱାଇଁଙ୍କୁ ବିବାହ କରିଥିଲେ। ସେ ଓଡଗାଁ ଆଦର୍ଶ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଥିବା ବେଳେ ତାଙ୍କ ସ୍ୱାମୀ ଇଟାମାଟି କଲେଜରେ କ୍ଲର୍କ ଥିଲେ। ଉଭୟଙ୍କ ବୈବାହିକ ଜୀବନ ବେଶ୍ ଭଲ ଭାବେ କଟୁଥିବା ବେଳେ ୪ ବର୍ଷର ଏକ ପୁଅ ଥିଲା। କିନ୍ତୁ କିଛି ଦିନ ହେବ ବାପ ଘରୁ ୮୦ ଲକ୍ଷ ଟଙ୍କା ଆଣିବା ପାଇଁ ତପନ ଓ ତାଙ୍କ ପରିବାର ଲୋକେ ପଦ୍ମିନୀଙ୍କ ଉପରେ ଚାପ ପକାଉଥିଲେ। ଏପରିକି ଜମିବାଡ଼ି କିଣିବାକୁ ଟଙ୍କା ଦେବାକୁ ସେମାନେ ପଦ୍ମିନୀଙ୍କୁ ବାଧ କରୁଥିଲେ। ମାତ୍ର ପଦ୍ମିନୀ ମନା କରିବାରୁ ସେମାନେ ତାଙ୍କୁ ମାରଧର କରୁଥିଲେ। ଗତକାଲି ବିଳମ୍ବିତ ରାତିରେ ଏହି କଥାକୁ ନେଇ ତପନଙ୍କ ପରିବାର ଲୋକେ ପଦ୍ମିନୀଙ୍କୁ ପ୍ରବଳ ପିଟିଥିଲେ। ମିଳିତ ଆକ୍ରମଣ ଯୋଗୁ ପଦ୍ମିନୀଙ୍କ ମୁଣ୍ଡ ଫାଟିଯିବାରୁ ପ୍ରବଳ ରକ୍ତସ୍ରାବ ହେତୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲ। ଏଥିରେ ତପନ ତାଙ୍କ ଭାଇ ଓ ପରିବାରର ଅନ୍ୟ ସଦସ୍ୟ ବି ସାମିଲ ଥିବା ଜଣାଯାଇଛି। ଏହାପରେ ଏହାକୁ ଆତ୍ମହତ୍ୟା ରୂପ ଦେବାକୁ ଫ୍ୟାନ୍ରେ ଏକ ରଶି ଲଗାଇ ଦେଇଥିବା ବେଳେ ମୃତଦେହ ତଳେ ଚଟାଣରେ ପଡ଼ିଥିଲା। ପଦ୍ମିନୀଙ୍କ ମୁଣ୍ଡ ପଛ ପଟୁ ଫାଟି ଯାଇଥିବା ପରିବାର ଲୋକେ ଦେଖିଥିଲେ। ତେଣୁ ଝିଅକୁ ପିଟି ପିଟି ଶାଶୁ ଘର ଲୋକେ ମାରି ଦେଇଥିବା ସେମାନେ ଇଟାମାଟି ଥାନାରେ ଅଭିଯୋଗ କରିଥିଲେ। ପୁଲିସ୍ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ୍ ତପନଙ୍କୁ ଅଟକ ରଖି ଥାନାକୁ ନେଇଥିବା ବେଳେ ପରିବାରର ଅନ୍ୟମାନେ ଫେରାର ହୋଇ ଯାଇଛନ୍ତି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠା ଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ୍ ଅଧିକାରୀ କହିଛନ୍ତି । ତେବେ ଏହି ଘଟଣାର ମୁଖ୍ୟ ସାକ୍ଷୀ ହେଉଛନ୍ତି ପଦ୍ମିନୀଙ୍କ ୪ ବର୍ଷର ପୁଅ। ନିଜ ମା'ଙ୍କ ମୃତ୍ୟୁକୁ ନିଷ୍ପାପ ଶିଶୁଟି ଦେଖିଥିବା ବେଳେ ଏବେ ସମସ୍ତଙ୍କ ଆଗରେ ଏହି ଛାତି ଥରା କାହାଣୀ ବଖାଣୁଛି।

ପିକ୍ ଟାଇମରେ କାମ କରାଇଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ: ଏସଆରସି

ଭୁବନେଶ୍ୱର(ଏନ୍.ଏମ୍.): ଗ୍ରୀଷ୍ମପ୍ରବାହ ସମୟରେ ସବୁଠୁ ସତର୍କ ରହିବାର ସମୟ ହେଉଛି ପୂର୍ବାହ୍ନ ୧୧ଟାରୁ ଅପରାହ୍ଣ ୩ଟା। ଏହାକୁ ପିକ୍ ସମୟ ବୋଲି କୁହାଯାଇଛି। ଏହି ସମୟ ଭିତରେ ସତର୍କ ରହିଲେ ଅଂଶୁଘାତରୁ ବର୍ତ୍ତି ପାରିବା। ଏନେଇ ସୂଚନା ଦେଇଛନ୍ତି ଏସଆରସି ସତ୍ୟବ୍ରତ ସାହୁ। ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ଖରାରେ କାମ କରାଇବା ମନା। ଖରାରେ କାମ କରାଇଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି। ଗତକାଲି ସୁନ୍ଦରଗଡ଼ ଜିଲ୍ଲାରୁ ୧୨, ଝାରସୁଗୁଡ଼ାରୁ ୬ଟି ମୃତ୍ୟୁ ଅଭିଯୋଗ ଆସିଛି। ତାହା ଅଂଶୁଘାତ ମୃତ୍ୟୁ କି ନୁହେଁ, ତଦନ୍ତ କାର୍ଯ୍ୟ ସରିଲା ପରେ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି। ମେ ମାସରେ ରାତିରେ ରହୁଛି ଅଧିକ ଗରମ। ସିଭିୟର ଗରମ ରାତି ରହିବା ଫଳରେ ଶୋଇଲେ ବି ଶରୀର ବିଶ୍ରାମ ନେଉନି। ରାତିରେ ଗରମ ଅଧିକ ରହିଲେ ଲୋକଙ୍କ ପାଇଁ ବିପଦ। ବିନା ଏସିରେ ରାତିରେ ଘର ଭିତରେ ରହିଲେ ବି ବିପଦ। ଏଣେ ଆସନ୍ତାକାଲି ଠୁ ତାପମାତ୍ରା ଧୀରେ ଧୀରେ କମିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ନିମ୍ନଚାପ ରେଖା ହେତୁ କାଲି ଠାରୁ ଧୀରେ ଧୀରେ ବର୍ଷା ହେବାର ସମ୍ଭାବନା ରହିଛି। ଆଜି ଓ ଆସନ୍ତାକାଲି ଗୁରୁତ୍ୱପୂର୍ଣ୍ଣ। ଏହି ଦୁଇ ଦିନ ଅଧିକ ସତର୍କ ରହିବାକୁ କୁହାଯାଇଛି। ସକାଳ ସୁଦ୍ଧା ଚାନ୍ଦବାଲି ରେ ୯୧% ଆର୍ଦ୍ରତା ରହିଥିବା ବେଳେ, ବାଲେଶ୍ୱରରେ ୯୧%,ପାରାଦୀପରେ ୮୪, କେଉଁଝରରେ ୭୩, ଭୁବନେଶ୍ୱରରେ ୭୮% ଆର୍ଦ୍ରତା ରହିଛି।

କାମ କରୁଥିବା ବେଳେ ଟଳି ପଡ଼ିଲେ ଶ୍ରମିକ, ଡାକ୍ତରଖାନାରେ ମୃତ ଘୋଷଣା

ଭୁବନେଶ୍ୱର(ଏନ୍.ଏମ୍.): କାମ କରୁଥିବା ବେଳେ ଟଳି ପଡିଲେ ଶ୍ରମିକ। ବରଗଡ଼ ବଜାରରେ କାମ କରୁଥିବା ବେଳେ ହଠାତ୍ ଅସୁସ୍ଥ ହୋଇ ତଳେ ପଡିଯାଇଥିଲେ ୩୨ ବର୍ଷୀୟ ସୁବଳ ବେହେରା। ତୁରନ୍ତ ତାଙ୍କୁ ସଦର ଡାକ୍ତରଖାନାକୁ ନେଇ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଶବ ବ୍ୟବଚ୍ଛେଦ ପାଇଁ ବରଗଡ ମୁଖ୍ୟ ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ଅଂଶୁଘାତ ଯୋଗୁଁ ସୁବଳଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି । ସୁବଳ ବଜାରରେ ବିଭିନ୍ନ ଦୋକାନରେ ଶ୍ରମିକ ଭାବେ କାମ ପରିବାର ପ୍ରତିପୋଷଣ କରନ୍ତି। ଆଜି ମଧ କାମ କରିବାକୁ ଆସିଥିଲେ।

ପୁରୀ ବାଣ ଦୁର୍ଘଟଣା କ୍ଷତିଗ୍ରସ୍ତ ରୋଗୀଙ୍କୁ ଏସସିବିରେ ସାକ୍ଷାତ କଲେ ସିଏମସି ମେୟର

କଟକ(ଏନ୍.ଏମ୍.): ଶ୍ରୀକ୍ଷେତ୍ରରେ ପୁରୀରେ ଘଟିଯାଇଥିବା ଦୁଃଖଦପୂର୍ଣ୍ଣ ଘଟଣାର ପୁନରାବୃତ୍ତି ନହେଉ। ପ୍ରଭୁ ଜଗନ୍ନାଥ ସମସ୍ତଙ୍କୁ ତୁରନ୍ତ ସୁସ୍ଥ କରିଦିଅନ୍ତୁ। ଏଭଳି କାମନା କରିଛନ୍ତି ସିଏମସି ମେୟର ସୁବାସ ଚନ୍ଦ୍ର ସିଂହ। ପୁରୀ ବାଣ ଦୁର୍ଘଟଣାରେ ଆହତମାନେ କଟକ ବଡ଼ମେଡ଼ିକାଲ (ଏସସିବି)ରେ ଚିକିତ୍ସିତ ହେଉଥିବା ବେଳେ ସେମାନଙ୍କୁ ସାକ୍ଷାତ କରିଛନ୍ତି ମେୟର। ଏଥି ସହିତ ଚିକିତ୍ସିତ ହେଉଥିବା ରୋଗୀ ଓ ସେମାନଙ୍କ ପରିବାର ଲୋକଙ୍କୁ ସାକ୍ଷାତ କରି ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏହାପରେ ମେୟର ଶ୍ରୀ ସିଂହ ଆହତଙ୍କ ଚିକିତ୍ସା କରୁଥିବା ଡାକ୍ତରୀ ଟିମ ସହିତ ମଧ୍ୟ ଆଲୋଚନା କରିଛନ୍ତି। ଆଜି ସୁଦ୍ଧା ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲରେ ୭ ଜଣ ରୋଗୀ ଚିକିସହିତ ହେଉଛନ୍ତି। ୪ ଜଣ ବର୍ଣ୍ଣ ୟୁନିଟର ଆଇସିୟୁରେ ଚିକିତ୍ସିତ ହୋଉଥିବା ବେଳେ ୩ ଜଣ ସର୍ଜରୀ ୱାର୍ଡରେ ରହି ଚିକିତ୍ସିତ ହେଉଛନ୍ତି। ବର୍ଣ୍ଣ ୟୁନିଟ ଆଇସିୟୁରେ ୪ ଜଣଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତ୍ୱର ରହିଛି। ବର୍ଣ୍ଣ ବିଭାଗର ମୁଖ୍ୟ ପ୍ରଫେସର ବିଭୁତି ନାୟକଙ୍କ ସହିତ ମେୟର ଚିକିତ୍ସିତ ରୋଗୀଙ୍କ ସ୍ଥିତି ଓ ଚିକିତ୍ସାର ଅଗ୍ରଗତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ତେବେ ୨ ଜଣଙ୍କ ସ୍ଥିତି ଗମ୍ଭୀର ଥିବା ଜାଣିବାକୁ ପାଇଥିଲେ। ଏସସିବିରେ ଚିକିତ୍ସା ପାଇଁ ୪ଜଣିଆ ଟିମ ଗଠିତ ହୋଇ ୨୪ ଘଣ୍ଟିଆ ଅନୁଧ୍ୟାନ କରାଯାଉଛି। ପ୍ରଫେସର ଡାକ୍ତର ବିଭୁତି ନାୟକଙ୍କ ସମେତ ମେଡିସିନ ବିଭାଗର ମୁଖ୍ୟ ପ୍ରଫେସର ଜୟନ୍ତ ପଣ୍ଡା, ସର୍ଜରୀ ବିଭାଗର ମୁଖ୍ୟ ପ୍ରଫେସର ଜୟନ୍ତ ବିଶ୍ୱାଳ, ଆନେସ୍ଥେସିଆ ବିଭାଗ ମୁଖ୍ୟ ପ୍ରଫେସର ଦେବପ୍ରସାଦ ମହାନ୍ତିଙ୍କୁ ନେଇ ଗଠିତ ଟିମ ଚିକିତ୍ସାର ପୂର୍ଣ୍ଣ ଦାୟୀତ୍ୱ ନେଇ କାର୍ଯ୍ୟ କରୁଛନ୍ତି। ଏହି ଅବସରରେ ମେୟର ଶ୍ରୀ ସିଂହଙ୍କ ସହିତ ରାଜୀବ ମହାନ୍ତି, ଦେବେନ୍ଦ୍ର ପାଣିଗ୍ରାହୀ, ସକିଲ ଅକତର, ଦୀପ୍ତି ରଞ୍ଜନ ରାୟ, ଶ୍ରୀକାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ଦଳିତ ପରିବାରକୁ ବିଦ୍ୟୁତ ବିଚ୍ଛିନ୍ନ ପ୍ରତିବାଦରେ ଆମ୍ବେଦକର ସ୍ମୃତି ପରିଷଦର ବିକ୍ଷୋଭ

ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ
ଶୋଭାଯାତ୍ରା ଓ ବିକ୍ଷୋଭ

କଟକ(ଏନ୍.ଏମ୍.): ଦଳିତ ପରିବାର ପ୍ରତି ବିଦ୍ୟୁତ ବିଭାଗର ନାଲିଆଖି ତଥା ମନମୁଖୀ କାର୍ଯ୍ୟ ପ୍ରତିବାଦରେ ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦୀର୍ଘ ସମୟ ଧରି ପରିଷଦର କର୍ମକର୍ତ୍ତା ଓ ଉପଭୋକ୍ତାମାନେ ଧାରଣାରେ ବସିବା ପରେ ବିଭାଗୀୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବାରୁ ଧାରଣା ପ୍ରତ୍ୟାହୃତ ହୋଇଛି। ସୂଚନା ଅନୁଯାୟୀ ସ୍ଥାନୀୟ ବାଦାମବାଡି ଥାନା ଅନ୍ତର୍ଗତ ଓ ସିଏମସି ୩୭ ୱାର୍ଡ ଅଧିନ ବିଶିନାବର ଜେନା ସାହିରେ ୨୫ ବର୍ଷରୁ ଉର୍ଦ୍ଧ୍ୱ ଦିନ ଧରି ବସବାସ କରିଆସୁଥିବା ବୁଲୁ ସାମଲଙ୍କ ପରିବାରର ଅନ୍ୟ ସଦସ୍ୟଙ୍କ ଘରୁ ହଠାତ ବିଦ୍ୟୁତ୍ ବିଭାଗ ବିଭିନ୍ନ ଆଳ ଦେଖାଇ ଜୋର ଜବରଦସ୍ତ ବିଦ୍ୟୁତ୍ ବିଚ୍ଛିନ୍ନ କରିଦେବା ଦ୍ୱାରା ୧୫ ଦିନରୁ ଉର୍ଦ୍ଧ୍ୱଦିନ ଧରି ଉକ୍ତ ପରିବାର ପ୍ରଚଣ୍ଡ ଗ୍ରୀଷ୍ମ ପ୍ରଭାବ ସମୟରେ ଦିନରାତି ଡହଳବିକଳ ଓ ଛଟପଟ ହେବା ସହିତ ପିଲାମାନଙ୍କ ପାଠପଢାରେ ବାଧାପ୍ରାପ୍ତ ହେଉଛି। ବିଦ୍ୟୁତ୍ ବିଭାଗ ପକ୍ଷରୁ ପ୍ରଥମେ ହିତାଧିକାରୀ ବୁଲୁ ସାମଲଙ୍କ ପରିବାରକୁ ବକେୟା ରାଶିରୁ କିଛି ଟଙ୍କା ଜମା କରିବାକୁ ଏବଂ ଘରର ଓୟାରିଂ ଲାଇସେନ୍ସ ଦାଖଲ କରିବାକୁ କୁହାଗଲା ତାହା ପୁଣି ବିନା ନୋଟିସରେ। ତାହାକୁ ପାଳନ କରି ବୁଲୁଙ୍କ ପରିବାର ପକ୍ଷରୁ ଧାର କରଜ କରି ୧୦ହଜାର ଟଙ୍କା ବିଦ୍ୟୁତ୍ କାର୍ଯ୍ୟାଳୟରେ ଜମା କରିବା ସହିତ ଓୟାରିଂ ଲାଇସେନ୍ସ ଦେଇଥିଲେ। ମାତ୍ର ଆଜକୁ ୨୦ ଦିନରୁ ଉର୍ଦ୍ଧ୍ୱ ହେବ ଦୋଳମୁଣ୍ଡାଇ ଓ ବାଦାମବାଡି ବିଦ୍ୟୁତ କାର୍ଯ୍ୟାଳୟକୁ ଦୌଡି ଦୌଡି ନିରାଶ ହୋଇଛନ୍ତି। ସମ୍ପ୍ରତି ରାଜ୍ୟରେ ଅଂଶୁଘାତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ବୁଲୁଙ୍କ ପରିବାର ଉପରେ ଭିନ୍ନ ଉଦ୍ଦେଶ୍ୟ ରଖି ଛତ୍ରବଜାର ବଳଭଦ୍ରପୁର ଅଞ୍ଚଳର କିଛି କୁଚକ୍ରୀ ଗୋଷ୍ଠୀ ବିଦ୍ୟୁତ ଅଧିକାରୀ, ଯନ୍ତ୍ରୀ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଏସ.ଡି.ଓ, ସୁପରିଟେଣ୍ଡେଣ୍ଟ ଓ କର୍ମଚାରୀମାନଙ୍କୁ ମିଥ୍ୟା, ବିଭ୍ରାନ୍ତିକର ତଥ୍ୟ ଦେଇ ପ୍ରଭାବିତ କରୁଥିବା ଅଭିଯୋଗ ହୋଇଛି। ତେବେ ଏହାର ପ୍ରତିବାଦରେ ଆଜି ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ସଭାପତି ତଥା ସାମାଜିକ କର୍ମୀ ସୁକାନ୍ତ ସେଠୀ, କାର୍ଯ୍ୟନିର୍ବାହୀଯନ୍ତ୍ରୀ ଚନ୍ଦ୍ରଭାନୁ ମହାନ୍ତିଙ୍କୁ ସାକ୍ଷାତ କରି ଘଟଣାର ବିଦ୍ଧିବଦ୍ଧ ଆଲୋଚନା କରିଥିଲେ। ପରିଷଦର ଅଭିଯୋଗକୁ ଗ୍ରହଣ କରି ଶ୍ରୀ ମହାନ୍ତି, ବୁଲୁ ସାମଲଙ୍କୁ ଏକ ଲିଖିତ ଦରଖାସ୍ତ ଦେବାକୁ କହିବା ସହିତ ଦଳିତ ପରିବାରଙ୍କୁ ତୁରନ୍ତ ବିଦ୍ୟୁତ୍ ସଂଯୋଗ ନିମନ୍ତେ ଏସ.ଡି.ଓଙ୍କୁ ନିର୍ଦ୍ଦେଶ ଦେବା ସହ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ସ୍ଥଗିତ ରଖାଯାଇଥିଲା। ଏହି ଧାରଣାରେ ବୁଲୁ ସାମଲ, ରୀତାଞ୍ଜଳି ମଲ୍ଲିକ, ରୀନା ସାମଲ, ଚପଳା ସାମଲ, ରଞ୍ଜୁ ଜେନା, ରଶ୍ମିତା ଦାସ, ଅନୁଶୟା ଦାସ, ସତ୍ୟଭାମା ସାମଲ, ଉତ୍ତମ ଜେନା, ଚନ୍ଦନ ଜେନା, ରାଜେଶ ସାମଲ, ମିଟୁନା ସାମଲ ଦେବେନ୍ଦ୍ର ଜେନା, ବିଚିତ୍ର ଜେନା, ଉମା ଜେନା, ମୁନି ଜେନା, ଓ ବିଶ୍ୱଜିତ ଜେନାଙ୍କ ସମେତ ବହୁ ସଦସ୍ୟ ସାମିଲ ହୋଇଥିଲେ।

ବୁଥରେ ପ୍ରଣବ ବଳବନ୍ତରାୟଙ୍କୁ ବିରୋଧ, ଫେରିଗଲେ

ଯାଜପୁର(ଏନ୍.ଏମ୍.): ଧର୍ମଶାଳା ବିଧାୟକ ତଥା ବିଜେଡି ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟଙ୍କୁ ବିରୋଧ। ଆଜି ମତଦାନ ଚାଲିଥିବା ବେଳେ ସେ ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଆଣ୍ଟିଆ ପଞ୍ଚାୟତ ହାଇସ୍କୁଲ ସ୍ଥିତ ୬୬ ନମ୍ବର ବୁଥ୍କୁ ବୁଲିବାକୁ ଯାଇଥିଲେ। ତେବେ ସେଠାରେ ଉପସ୍ଥିତ ଅନ୍ୟ ଦଳ ଓ ସ୍ୱାଧୀନ ପ୍ରାର୍ଥୀଙ୍କ କର୍ମୀମାନେ ବିଧାୟକଙ୍କୁ ତୀବ୍ର ବିରୋଧ କରିଥିଲେ। ଏପରିକି ଅନେକ ଲୋକ ସ୍ୱାଧୀନ ପ୍ରାର୍ଥୀ ଲିକୁ ସାହୁଙ୍କ ନାଁ ନେଇ ଜିନ୍ଦାବାଦ ନାରା ଦେଇଥିଲେ। ଫଳରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ବାଧ ହୋଇ ସେଠାରୁ ଫେରି ଆସିଥିଲେ। ବିଧାୟକ ପ୍ରାର୍ଥୀ ଭାବେ ସେ ବୁଥ୍ଗୁଡ଼ିକୁ ଯାଇ ସ୍ଥିତି ଦେଖିପାରିବେ। ତେବେ କାହିଁକି ତାଙ୍କୁ ସେଠାରେ ବିରୋଧ କରାଗଲା, ସେ ନେଇ କିଛି ସ୍ପଷ୍ଟ ଜଣାପଡ଼ିନି। ଏ ସମ୍ପର୍କରେ ବିଧାୟକଙ୍କ ପ୍ରତିକ୍ରିୟା ମିଳିନାହିଁ। ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ସ୍ୱାଧୀନ ପ୍ରାର୍ଥୀ ହିମାଂଶୁ ଶେଖର ସାହୁ (ଲିକୁ) ବିଜେଡି ବିଧାୟକ ପ୍ରାର୍ଥୀ ଶ୍ରୀ ବଳବନ୍ତରାୟଙ୍କୁ କଡା ଟକ୍କର ଦେଉଛନ୍ତି। ସୂଚନାଯୋଗ୍ୟ, ଶେଷ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ କଣ୍ଟାପଡ଼ା ବ୍ଲକ୍ ଡିମିରି ସ୍କୁଲ୍ ୧୦୯ ନମ୍ବର ବୁଥ୍କୁ ଯାଇଥିଲେ ନିଆଳି ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ଡାକ୍ତର ପ୍ରମୋଦ ମଲ୍ଲିକ। ତେବେ ଲୋକେ ତାଙ୍କୁ ଗାଳିଗୁଲଜ କରି ବାହାର କରି ଦେଇଥିଲେ ବୋଲି ଜଣାପଡ଼ିଛି। ସେ ନିଜ ସପକ୍ଷରେ ମତଦାନ ପାଇଁ ଉପସ୍ଥିତ ଭୋଟରଙ୍କୁ ପ୍ରବର୍ତ୍ତାଇ ଥିଲେ ବୋଲି ଅଭିଯୋଗ ହୋଇଛି।

ଲୁଟ୍ ଘଟଣାରେ ଦୁଇ ଅଭିଯୁକ୍ତ ଗିରଫ

ସୁନା ଚେନ, ବାଇକ୍, ମୋବାଇଲ ଓ ଟଙ୍କା ଜବତ

କଟକ(ଏନ୍.ଏମ୍.): ବାଦାମବାଡି ଥାନା ପୁଲିସ ଠକେଇ ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫଦ୍ୱୟ ହେଲେ ଉତ୍ତରାଖଣ୍ଡର ଉଦାମସିଂହ ନଗର ଜିଲ୍ଲା ଗଦରପୁର ଥାନା ଅଣ୍ଡାନଲା ଗ୍ରାମର ସୟଦ ହୁସେନ(୪୦) ଓ ଅସଫର ଅଲ୍ଲୀ(୨୫)। ଗିରଫମାନଙ୍କଠାରୁ ଗୋଟିଏ ହୁଣ୍ଡା ସାଇନ ମୋଟରସାଇକେଲ(ୟୁକେ-୦୬-ବିଜେ-୩୯୭୨), ୨୧ ଗ୍ରାମ୍ ଓଜନର ଗୋଟିଏ ସୁନା ଚେନ, ଗୋଟିଏ ମୋବାଇଲ ଫୋନ, ଦୁଇଜଣ ଅଭିଯୁକ୍ତଙ୍କର ଆଧାର କାର୍ଡ, ନଗଦ ୭୨୦ ଟଙ୍କା, ଗୋଟିଏ କ୍ୟାରି ବ୍ୟାଗ୍ ଜବତ କରିଛି। ବାଦାମବାଡି ଥାନା ଶଙ୍କରପୁର ପରିଡା ସାହିର ରାକେଶ କୁମାର ରାଉତ(୩୦) ଫଳ କିଣିବା ପାଇଁ ଦୋଳମୁଣ୍ଡାଇ ଛକକୁ ଯାଇଥିଲାବେଳେ ଦୁଇ ଜଣ ଅଜଣା ଲୋକ ଏକ ବାଇକରେ ଆସି ତାଙ୍କୁ ଅଟକାଇ ହିନ୍ଦୀରେ ଦୁହେଁ ସାଧୁସନ୍ଥ ଲୋକ ଓ ଯାଦୁବିଦ୍ୟା ଜାଣିଛନ୍ତି ବୋଲି କହିଥିଲେ। ଯଦି ସେ ପିନ୍ଧିଥିବା ସୁନା ଅଳଙ୍କାର ସବୁ କାଢିଦେଇ ଆଖିବୁଜି ୫୨ ପାଦ ଚାଲିଯିବେ ତେବେ ତାଙ୍କ ପରିବାରର ସବୁ ସମସ୍ୟା ଦୂର ହୋଇଯିବ। କିନ୍ତୁ ରାକେଶ ତାଙ୍କ କଥା ବିଶ୍ୱାସ ନ କରି ଠକ ବୋଲି ଭାବି ଚାଲିଯାଉଥିଲା ବେଳେ ଦୁହେଁ ୨୧ ଗ୍ରାମ ଓଜନର ତାଙ୍କ ସୁନା ଚେନକୁ ଝାମ୍ପି ନେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ତେବେ ରାକେଶ ସେ ଦୁହିଁଙ୍କ ହୁଣ୍ଡା ସାଇନ ମୋଟସାଇକେଲ ନମ୍ବରକୁ ମନେ ରଖିଥିଲେ ଓ ବାଦାମବାଡି ଥାନାରେ ଏତଲା ଦେଇଥିଲେ। ବାଦାମବାଡି ପୁଲିସ ଏତଲା ଆଧାରରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବିଭିନ୍ନ ସୂତ୍ରକୁ ଆଧାର କରି ଦୁହିଁଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ପୁଲିସ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ଗିରଫ ଦ୍ୱୟଙ୍କ ନାମରେ ବାଦାମବାଡି ସମେତ ପୁରୀଘାଟ ଓ ଲାଲବାଗ ଥାନାର ,କାଧିକ ମାମଲା ରହିଛି।

ଜଳିଗଲା ଜଣେ ମାଲିକଙ୍କ ୪ଟି ବସ୍

ରାୟଗଡ଼ା(ଏନ୍.ଏମ୍.): ରାୟଗଡ଼ା ଜିଲ୍ଲା ବିଷମକଟକ ବସ୍ ଷ୍ଟାଣ୍ଡରେ ଘଟିଛି ଭୟଙ୍କର ଅଗ୍ନିକାଣ୍ଡ। ଜଳି ଯାଇଛି ଚାରୋଟି ବସ୍। ବସ୍ରେ କେମିତି ନିଆଁ ଲାଗିଲା, ତାହା ଏ ଯାଏ ସ୍ପଷ୍ଟ ହୋଇନି। ତେବେ ବସ୍ଗୁଡ଼ିକ ଜଣେ ମାଲିକଙ୍କର ବୋଲି ଜଣାପଡ଼ିଛି। ବସ୍ ଷ୍ଟାଣ୍ଡରେ ପାଖାପାଖି ଛିଡ଼ା ହୋଇଥିଲେ ୫ଟି ବସ୍। ଆଗପଛ ହୋଇ ଚାରୋଟି ଯାକ ବସ୍ ଜଳି ଯାଇଛି। ବସ୍ଗୁଡ଼ିକରେ ନିଆଁ ଲାଗିଥିବା ଖବର ପାଇ ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚିଥିଲେ। ସେତେବେଳକୁ ମଝିରେ ଥିବା ଦୁଇଟି ବସ୍ ପୂରା ନିଆଁ କବଳରେ ଥିଲେ। ବାକି ଦୁଇଟି ବସ୍ର ଗୋଟିଏ ଗୋଟିଏ ପାର୍ଶ୍ୱରେ ନିଆଁ ଲାଗି ସାରିଥିଲା। ୪ଟି ବସରେ ନିଆଁ ଲାଗିଥିବା ବେଳେ ଆଉ ଗୋଟିଏ ବସକୁ ସୁରକ୍ଷିତ ଭାବେ ସେଠାରୁ ବାହାରି କରି ଦିଆଯାଇଥିଲା। ତେବେ ଏହି ଘଟଣାରେ କେହି ହତାହତ ହୋଇ ନାହାନ୍ତି।

ଇଭିଏମ୍ ଅଚଳ ଓ ହିଂସାକାଣ୍ଡ ମଧ୍ୟରେ ସରିଲା ଶେଷ ପର୍ଯ୍ୟାୟ ଭୋଟ୍: ମତଦାନ ହାର ୬୬%

ଭୁବନେଶ୍ୱର(ଏନ୍.ଏମ୍.): ରାଜ୍ୟରେ ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ମତଦାନ ଶେଷ ହୋଇଛି । ଶେଷ ପର୍ଯ୍ୟାୟ ନିର୍ବାଚନରେ ଆଜି ୬ଟି ଲୋକସଭା ଆସନ ଓ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନରେ ମତଦାନ ହୋଇଛି ଓ ମତଦାନ ହାର ପ୍ରାୟ ୬୫.୯୧ ପ୍ରତିଶତ ରହିଛି । ଅବଶ୍ୟ ଏହି ମତଦାନ ହାର ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଶେଷ ପର୍ଯ୍ୟାୟ ଭୋଟରେ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ, ମାରପିଟ୍ ଓ ଇଭିଏମ୍ ମେସିନ୍ ଅଚଳର ଅଭିଯୋଗ ହୋଇଛି । ନିର୍ବାଚନ କମିଶନଙ୍କ ସୂତ୍ରରୁ ଜଣାପଡ଼ିଛି ଯେ, ରାଜ୍ୟରେ ଶେଷ ପର୍ଯ୍ୟାୟରେ ମତଦାନ ହାର ୬୫.୯୧ ପ୍ରତିଶତ ରହିଛି । ରାତି ୯ଟା ୪୫ମିନିଟ୍ ସୁଦ୍ଧା ନିର୍ବାଚନ କମିଶନଙ୍କ ଆପ୍ ଅନୁସାରେ ଶେଷ ପର୍ଯ୍ୟାୟରେ ହାରାହାରି ମତଦାନ ପ୍ରାୟ ୬୫.୯୧ ପ୍ରତିଶତ ଥିବାବେଳେ ସେଥିରେ ଜଗତସିଂହପୁର ଲୋକସଭା କ୍ଷେତ୍ରରେ ସର୍ବାଧିକ ୭୩.୦୬% ଓ ଭଦ୍ରକରେ ସର୍ବନିମ୍ନ ୫୮.୨୧% ରହିଛି । ସେହିପରି ବାଲେଶ୍ୱରରେ ୬୬.୦୭%, ଯାଜପୁରରେ ୬୭.୬୫%, କେନ୍ଦ୍ରାପଡ଼ାରେ ୬୬.୬୨% ଓ ମୟୂରଭଞ୍ଜରେ ପ୍ରାୟ ୬୪.୧୭% ମତଦାନ ହୋଇଥିବା ଜଣାପଡ଼ିଛି । ଅବଶ୍ୟ ଏହି ମତଦାନ ହାର ଆସନ୍ତାକାଲି ଅଧିକ ହେବାର ସମ୍ଭାବନା ରହିଛି। ଆଜି ଶେଷ ପର୍ଯ୍ୟାୟରେ ଉଭୟ ବିଧାନସଭା ଓ ଲୋକସଭାର ମୋଟ ୪୬୦ଜଣ ପ୍ରାର୍ଥୀ ନିଜର ଭାଗ୍ୟ ପରୀକ୍ଷା କରିଛନ୍ତି । ସକାଳ ୭ଟାରୁ ଏହି ୬ଟି ସଂସଦୀୟ କ୍ଷେତ୍ରରେ ୧୦୮୨୨ଟି ବୁଥରେ ମତଦାନ ଆରମ୍ଭ ହୋଇ ପ୍ରାୟ ରାତି ୭ଟା ପର୍ଯ୍ୟନ୍ତ ଚାଲିଥିଲା । ମୋଟ ୯୯.୬୧ଲକ୍ଷ ଭୋଟର ଆଜି ୬୬ଜଣ ଲୋକସଭା ପ୍ରାର୍ଥୀ ଓ ୩୯୪ଜଣ ବିଧାୟକ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିଛନ୍ତି। ତେବେ ଏହି ଶେଷ ପର୍ଯ୍ୟାୟରେ ସାଲେପୁରରେ ବିଜେଡି କର୍ମୀମାନେ ସଂଘବଦ୍ଧ ହୋଇ ବିଜେପିର ଜଣେ ବୁଥ ସଭାପତି ସଞ୍ଜୟ ରାଉତଙ୍କୁ ଆକ୍ରମଣ କରି ପନିକିରେ ହାଣିବା ସହ ଅନ୍ୟ ୩ଜଣଙ୍କୁ ମାରପିଟ୍ କରିଥିବା ଖବର ମିଳିଛି । ସାଲେପୁରର ୧୧୬,୧୭୬,୧୮୪ ଓ ୧୮୫ ନମ୍ବର ବୁଥରେ ବ୍ୟାପକ ଗଣ୍ଡଗୋଳ ଓ ହିଂସାକାଣ୍ଡ ହୋଇଥିବା ବିଜେପି ଅଭିଯୋଗ କରିଛି। ସେହିପରି ପଟ୍ଟାମୁଣ୍ଡା ବ୍ଲକର ନିଳକଣ୍ଠପୁର ପଂଚାୟତରେ ବିଜେପି କର୍ମୀ ରଶ୍ମୀରଞ୍ଜନ ଜେନାଙ୍କୁ ବିଜେଡି କର୍ମୀମାନେ ମରଣାନ୍ତକ ଆକ୍ରମଣ କରିଥିବାବେଳେ କେନ୍ଦ୍ରାପଡ଼ା, କୋଣାର୍କ ଓ ଯାଜପୁରରେ ନିର୍ବାଚନୀ ହିଂସାକାଣ୍ଡ ହୋଇଥିବା ଏବଂ ମାହାଙ୍ଗା ଓ ସାଲେପୁରର ଅଧିକାଂଶ ବୁଥ ରିଗିଂ ଅଭିଯୋଗ ହୋଇଛି। ସେହିପରି ଇଭିଏମ୍ ମେସିନ୍ ଅଚଳ ଯୋଗୁ କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ, ବାଲେଶ୍ୱରର ପ୍ରାୟ ୭ଟି ବୁଥରେ ମତଦାନ କିଛି ସମୟ ପାଇଁ ପ୍ରଭାବିତ ହୋଇଥିବା ଜଣାପଡ଼ିଛି।

ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

ନବୀନ ଭାଙ୍ଗିଲେ ନୀରବତା ...

ହୋଇଛନ୍ତି। ତେବେ ଶେଷ ପର୍ଯ୍ୟାୟ ନିର୍ବାଚନ ପୂର୍ବରୁ ନବୀନଙ୍କ ଏହି କୌଶଳ ବାସ୍ତବରେ ବିଜେଡି ସପକ୍ଷରେ ଭୋଟ ଆଣିବା ପାଇଁ ନା କେବଳ ନିର୍ବାଚନୀ ଗୁଗଲି ତାକୁ ନେଇ ଚର୍ଚ୍ଚା ଚାଲିଛି । ବିଜେପି ତରଫରୁ କ୍ରମାଗତ ହାମଲାକୁ ନେଇ ନବୀନ କହିଛନ୍ତି, ରାଜନୀତିରେ ମୋର କାହାପ୍ରତି ଆକ୍ରୋଶ ନାହିଁ । ସାଧାରଣ ଜୀବନରେ ମୁଁ କାହା ପ୍ରତି କେବେ ଆକ୍ରୋଶ ଦେଖାଇନି । ପ୍ରସଙ୍ଗ ଭିତ୍ତିକ ସମର୍ଥନ ଦରକାର ହେଲେ ପରିସ୍ଥିତି ଦେଖି ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ପ୍ରକୃତ କ୍ଷମତା ତାଙ୍କ ପାଖରେ ନାହିଁ ବୋଲି ବିରୋଧୀଙ୍କ ଅଭିଯୋଗ ଉପରେ ମଧ୍ୟ ଏହି ସାକ୍ଷାତକାରରେ ସ୍ପଷ୍ଟ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ। ନବୀନ ପଟ୍ଟନାୟକ କହିଛନ୍ତି, ମୁଖ୍ୟମନ୍ତ୍ରୀ ଭାବେ ସବୁ କ୍ଷମତା ମୋ' ପାଖରେ ଅଛି । ମୁଁ ସବୁବେଳେ କ୍ୟାବିନେଟ୍ ମିଟିଂରେ ଅଧ୍ୟକ୍ଷତା କରେ । ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତକାର ସମୟରେ କିନ୍ତୁ ଏକ ବଡ଼ ପ୍ରଶ୍ନର ଉତ୍ତର ପାଇ ପାରିଲେନି ରାଜ୍ୟବାସୀ। ମୁଖ୍ୟମନ୍ତ୍ରୀଙ୍କ ସହ ଖାଲି ପାଣ୍ଡିଆନ କାହିଁକି ବୁଲୁଛନ୍ତି ଏନେଇ ଜାଣିବାକୁ ସମଗ୍ର ରାଜ୍ୟବାସୀ ଉତ୍ସୁକ ଥିଲେ। ମାତ୍ର ଏନେଇ ମୁଖ୍ୟମନ୍ତ୍ରୀଙ୍କୁ କିଛି ପଚରା ଗଲାନି କି ମୁଖ୍ୟମନ୍ତ୍ରୀ ନିଜ ଆଡୁ ବି ଏନେଇ ମତ ରଖିଲେନି। ସୂଚନାଯୋଗ୍ୟ, ଚଳିତ ମାସ ପ୍ରଥମ ସପ୍ତାହରେ ପାଣ୍ଡିଆନ ନିଜକୁ ନବୀନ ପଟ୍ଟନାୟକଙ୍କ ମୂଲ୍ୟବୋଧର ପ୍ରକୃତ ଉତ୍ତରାଧିକାରୀ ବୋଲି କହିଥିଲେ। ଗତ କିଛି ବର୍ଷ ଧରି ପାଣ୍ଡିଆନ ନବୀନଙ୍କ ଉତ୍ତରାଧିକାରୀ ପରି ଆଚରଣ କରି ଉଭୟ ବିଜେଡି ଓ ରାଜ୍ୟ ଶାସନରେ ନିଜ ନିୟନ୍ତ୍ରଣ ବଢ଼ାଇବାରେ ସକ୍ଷମ ହୋଇଛନ୍ତି। ତେବେ ପାଣ୍ଡିଆନଙ୍କ ଆତ୍ମଘୋଷିତ ଉତ୍ତରାଧିକାରୀ ସ୍ୱପ୍ନକୁ ଆଜି ନବୀନଙ୍କ ବୟାନ ଧୂଳିସାତ କରିଛି।

୭୦ଟି କେନ୍ଦ୍ରର ୩୫୮୯ଟି ଟେବୁଲରେ ...

ଚଳିତଥର ପୋଷ୍ଟାଲ ବାଲାଟ୍ ମାଧ୍ୟମରେ ବିଧାନସଭା ପାଇଁ ମୋଟ ୧.୪୬ଲକ୍ଷ ଭୋଟ୍ ଓ ଲୋକସଭା ପାଇଁ ୧.୪୭ଲକ୍ଷ ଭୋଟ୍ ପଡ଼ିଛି । ରାଜ୍ୟରେ ଚଳିତଥର ମତଦାନ ହାର ବୃଦ୍ଧି ପାଇଛି । ୨୦୧୯ରେ ମତଦାନ ହାର ୭୩.୦୯% ଥିବାବେଳେ ୨୦୨୪ରେ ୭୪.୪୪% କୁ ବୃଦ୍ଧି ପାଇଛି । ୨୦୨୪ ସାଧାରଣ ନିର୍ବାଚନରେ ପୁରୁଷଙ୍କ ମତଦାନ ହାର ୭୩.୩୭% ଓ ମହିଳା ମତଦାନ ହାର ୭୫.୫୫% ରହିଛି । ଯାହାକି ପୁରୁଷ ଭୋଟର ତୁଳନାରେ ପ୍ରାୟ ୨ ପ୍ରତିଶତ ଅଧିକ । ଚଳିତଥର ରାଜ୍ୟର ୧୬ଟି ସଂସଦୀୟ କ୍ଷେତ୍ରରେ ମତଦାନ ହାର ବୃଦ୍ଧି ପାଇଛି । ଅନ୍ୟ ୫ଟି ସଂସଦୀୟ କ୍ଷେତ୍ରରେ ମତଦାନ ହାର ହ୍ରାସ ପାଇଛି । ସର୍ବାଧିକ ଆସିକା ସଂସଦୀୟ କ୍ଷେତ୍ରରେ ପ୍ରାୟ ୩ ପ୍ରତିଶତ ମତଦାନ ହାର ହ୍ରାସ ପାଇଛି । ୨୦୧୯ରେ ଏହି ସଂସଦୀୟ କ୍ଷେତ୍ରରେ ୬୫.୭୦% ମତଦାନ ଥିବାବେଳେ ଚଳିତଥର ଏହା ୬୨.୬୭% ରହିଛି । ସେହିପରି କେନ୍ଦ୍ରାପଡ଼ାରେ ୧ ପ୍ରତିଶତ ଓ ମୟୂରଭଞ୍ଜ ସଂସଦୀୟ କ୍ଷେତ୍ରରେ ୧ ପ୍ରତିଶତରୁ ଅଧିକ ମତଦାନ ହାର ହ୍ରାସ ପାଇଛି । ତେବେ ଭଦ୍ରକ ଓ ବ୍ରହ୍ମପୁରରେ ମତଦାନ ହାର ହ୍ରାସ ସ୍ୱଳ୍ପ ରହିଛି। ରାଜ୍ୟର ସମସ୍ତ ମତଦାନ କେନ୍ଦ୍ରରେ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ଫୋର୍ସ ମୁତୟନ କରାଯିବ । ଏଥିପାଇଁ ବ୍ୟାପକ ବନ୍ଦୋବସ୍ତ ହୋଇଛି । ରାଜ୍ୟର ଯେଉଁ ୬୯ଟି ମତଦାନ କେନ୍ଦ୍ର ହୋଇଛି ସେଥିରେ ସର୍ବାଧିକ ୫ଟି ମୟୂରଭଞ୍ଜ ଜିଲ୍ଲାରେ, ଗଞ୍ଜାମ, ସୁନ୍ଦରଗଡ଼ ଓ ସମ୍ବଲପୁରରେ ୪ଟି ଲେଖାଏଁ, ବଲାଙ୍ଗୀର,କଟକ,ଖୋର୍ଦ୍ଧା ଓ ରାୟଗଡ଼ାରେ ୩ଟି ଲେଖାଁଏ ମତଦାନ କେନ୍ଦ୍ର ସ୍ଥାପନ ହୋଇଛି । ମତଦାନ ହାର ଜାଣିବା ପାଇଁ ନିର୍ବାଚନ କମିଶନଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ୱେବସାଇଟ୍ ମଧ୍ୟ ରହିଛି। ଭୋଟର ହେଲପଲାଇନ୍ ଆପ୍ ମାଧ୍ୟମରେ ବି ଫଳାଫଳ ଜାଣିହେବ ବୋଲି ଶ୍ରୀ ଧଳ କହିଛନ୍ତି।

ପରକୀୟା ପ୍ରୀତି ସନ୍ଦେହରେ ଶାଶୂ ଓ ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ, ସ୍ୱାମୀ ଗିରଫ

ବଲାଙ୍ଗୀର(ଏନ୍.ଏମ୍.): ବଲାଙ୍ଗୀର ଜିଲ୍ଲା ସିନ୍ଧେକେଲା ଥାନା ଅନ୍ତର୍ଗତ ତେଲସରାଇ ଗ୍ରାମରେ ଘଟିଯାଇଛି ଏକ ଅଭାବନୀୟ କାଣ୍ଡ। ପରକୀୟା ପ୍ରୀତି ସନ୍ଦେହରେ ଶାଶୂ ଓ ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରି ସ୍ୱାମୀ ଗିରଫ ହୋଇଛନ୍ତି। ଘଟଣାନୁଯାୟୀ, ତେଲସରାଇ ଗ୍ରାମର ନିଲୁ ଅଦା (୨୬) ପ୍ରାୟ ୫ ବର୍ଷ ତଳେ ନିଜ ଗାଁର ସାଗରିକା ବାଗଙ୍କ ସହ ପ୍ରେମ ବିବାହ କରିଥିଲେ। ହେଲେ ପରେ ପରେ ସ୍ୱାମୀ ନିଲୁ ନିଜ ସ୍ତ୍ରୀଙ୍କ ଉପରେ ପରକୀୟା ପ୍ରୀତି ସନ୍ଦେହ କରି ବିଭିନ୍ନ ସମୟରେ ମଦ ପିଇ ଘରକୁ ଆସି ମାରପିଟ୍ କରୁଥିବା ଅଭିଯୋଗ ହୋଇଥିବାବେଳେ ସ୍ତ୍ରୀ ସାଗରିକା ମଧ୍ୟ ସ୍ୱାମୀଙ୍କର ଏପରି କାର୍ଯ୍ୟ ଯୋଗୁଁ ନିଜ ସ୍ୱାମୀଙ୍କ ଉପରେ ପରକୀୟା ପ୍ରୀତି ସନ୍ଦେହ କରୁଥିଲେ। ପରେ ଘଟଣା ସିନ୍ଧେକେଲା ଥାନାରେ ପହଞ୍ଚିଥିଲା। ସିନ୍ଧେକେଲା ପୁଲିସ ବୁଝାସୁଝା କରି ଶେଷରେ ଏକ ମାମଲା ରୁଜୁ କରି ଦୁଇ ସ୍ୱାମୀ ସ୍ତ୍ରୀଙ୍କୁ ନୋଟିସ ଦେଇ ଛାଡ଼ି ଦେଇଥିଲା। ତେବେ ସ୍ତ୍ରୀ ତା ବାପଘର ସିନ୍ଧେକେଲା ନୂଆ ବଜାର ନିକଟ ଘରେ ଥିବାବେଳେ ସ୍ୱାମୀ ତାଙ୍କ ନିଜ ଗାଁ ତେଲସରାଇରେ ଥିଲେ। ହେଲେ ବୁଧବାର ସକାଳୁ ସକାଳୁ ଶାଶୂଘରକୁ ଆସି ନିଜ ସ୍ତ୍ରୀ ଓ ଶାଶୂଙ୍କୁ ମାରଣାସ୍ତ୍ର ଯୋଗେ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ଶାଶୂ ଓ ସ୍ତ୍ରୀ ସିନ୍ଧେକେଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବାପରେ ଭବାନୀପାଟଣାରେ ଚିକିତ୍ସିତ ହେଉଥିବା ଖବର ମିଳିଛି। ଏହି ଘଟଣାକୁ ନେଇ ସିନ୍ଧେକେଲା ପୁଲିସ ଥାନା କେସ ନମ୍ବର ୧୪୪/୨୪ ରୁଜୁ କରି ସ୍ୱାମୀ ନିଲୁ ଅଦାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସିନ୍ଧେକେଲା ଆଇଆଇସି ବସନ୍ତ ଦଲାଇଙ୍କ ଠାରୁ ସୁଚନା ମିଳିଛି।

ଜନବସତି ମୁହାଁ ହାତୀପଲ: ନଷ୍ଟ କଲେ ମକାଚାଷ, କଦଳୀ ବଗିଚା

କନ୍ଧମାଳ(ଏନ୍.ଏମ୍.): କନ୍ଧମାଳ ଜିଲ୍ଲା ଘୁମୁସର ବ୍ଲକ ଅନ୍ତର୍ଗତ ମାଲିକାପୋଡ଼ି ପଞ୍ଚାୟତ ଅଧିନରେ ଥିବା ବତିଙ୍ଗିଆ କାମ୍ଭନାଜୁ ଗ୍ରାମରେ ଗ୍ରାମବାସୀଙ୍କ ସମ୍ମୁଖରେ ହାତୀପଲ ନଷ୍ଟ କଲେ ମକା, କଦଳୀ ଧାନ ଓ ବାଉଁଶ। ଗତକାଲି ଗୋଟିଏ ଦନ୍ତା ହାତୀ ଆସି ଏହି ଅଞ୍ଚଳ ବୁଲି ଯାଇଥିଲା ଶୁକ୍ରବାର ରାତି ପ୍ରାୟ ୧୧.୩୦ ରୁ ୧୨ଟା ହେବ ହାତୀପଲ ଗାଁ ମୁହା ହୋଇଥିଲେ। ଏହି ହାତୀପଲ ଗ୍ରାମବାସୀଙ୍କ ସମ୍ମୁଖରେ ନିକଟରେ ରହିଥିବା ମକା ବିଲରେ ପଶି ପ୍ରଥମେ ଖାଇଥିଲେ ଓ ସେଠାରେ ହାତୀ ଛୁଆମାନେ ଖେଳିବୁଲି ନଷ୍ଟ କରିଥିଲେ। ସେଠାରେ କୁଡ଼ିଆରେ ଥିବା ସାର୍ ପିଡ଼ିଆ ଓ ମେଡ଼ିସିନ ସହିତ ଅନ୍ୟ ସରଞ୍ଜାମ ନଷ୍ଟ କରିଥିଲେ ଓ ମକା ପ୍ରାୟ ୩ ରୁ ୪ ଟି ବିଲ ବୁଲି ବୁଲି ନଷ୍ଟ କରିବା ସହିତ ଖାଇଥିଲେ। ଏହି ସମସ୍ତ ଦୃଶ୍ୟ ଗ୍ରାମବାସୀ ଦେଖୁଥିଲେ ଓ ତାଙ୍କୁ ଘଉଡାଇବାକୁ ଚେଷ୍ଟା କରିଥିଲେ ହେଲେ ସେମାନଙ୍କର ହୋହାଲ୍ଲା କିଛି ଫରକ୍ ପଡ଼ି ନ ଥିଲା। ହାତୀପଲ ଫସଲ ନଷ୍ଟ କରି ଚାଲିଥିଲେ। ତେବେ ମକା ନଷ୍ଟ କଲା ପରେ ଧାନ,କଦଳୀ ଓ ବାଉଁଶ ମଧ୍ୟ ନଷ୍ଟ କରିଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ସେପଟେ ୬୦ ହଜାର ଟଙ୍କାର ମକା ନଷ୍ଟ ହୋଇଥିବା କ୍ଷତିଗ୍ରସ୍ତ ଚାଷୀ ଲେଙ୍କା ନାୟକ ସୂଚନା ଦେଇଥିବା ବେଳେ ସରକାର କ୍ଷୟକ୍ଷତି କେବେ ଦେବେ ତାହା ମଧ୍ୟ ସ୍ପଷ୍ଟ ନାହିଁ। ବନ ବିଭାଗ କେବଳ ଆସି ବୁଲି ଦେଖି ଯାଉଛନ୍ତି। ହାତୀପଲ ଏହି ଅଞ୍ଚଳ ଛାଡି କେମିତି ଯିବେ ସେ ବ୍ୟବସ୍ଥା କରିବା ପାଇଁ ଦାବି ହେଉଥିବା ବେଳେ ଅଞ୍ଚଳର ଲୋକେ ଭୟଭୀତ ଥିବା ସୂଚନା ରହିଛି। ଦିନକୁ ଦିନ ହାତୀଗୁଡ଼ିକ ଗାଁ ମୁହା ହୋଇ ମାଡ଼ି ଯାଉଥିବା ଦେଖିବାକୁ ମିଳିଛି। ପ୍ରଥମେ କଳିଙ୍ଗା ଓ କୁର୍ମୀଙ୍ଗିଆ ପରେ ରେଟୁଡି ଏବେ ବତୀଙ୍ଗିଆ କାମ୍ଭିନାଯୁ ପର୍ଯ୍ୟନ୍ତ ମାଡ଼ିଗଲେଣି। କେବେ କେଉଁ ଆଡ଼କୁ ଯାଉଛନ୍ତି ତାହା କେହି କହି ପାରୁନାହାଁନ୍ତି। ଅଞ୍ଚଳରେ ଏବେ ହାତୀପଲ ପାଇଁ ଭୟଭୀତ ଲୋକେ ହୋଇଥିବା ସୂଚନା ଦେଇଛନ୍ତି।

ଚାକିରି ଦେବା ନାମରେ ଲକ୍ଷାଧିକ ଟଙ୍କା ହଡପ ; ଠକ ଗିରଫ

ମାଲକାନଗିରି(ଏନ୍.ଏମ୍.): ମାଲକାନଗିରି ମରଡିକାଲ ରେ ଚାକିରି ଦେବା ନାମରେ ବହୁଥର ଦଲାଲମାନେ ନିରୀହ ଲୋକଙ୍କୁ ଠକି ଟଙ୍କା ଆତ୍ମସାତ କରିଥିବା ନଜିର ରହିଛି। ଏବେ ପୁଣି ଜଣେ ମହିଳା ମାଲକାନଗିରି ମେଡ଼ିକାଲରେ ଚାକିରି କରିବା ପାଇଁ ଠକର ଶିକାର ହୋଇ ଲକ୍ଷାଧିକ ଟଙ୍କା ହରାଇଛନ୍ତି। ସୂଚନା ଅନୁଯାୟୀ ଏମଭି-୪୨ ଗ୍ରାମର ବିଶ୍ୱଜିତ ଡାଲିଙ୍କ ପତ୍ନୀ କାକୁଲି ଦତ୍ତ ମାଲକାନଗିରି ମେଡ଼ିକାଲରେ ଚାକିରି କରୁଥିବା ହୀରା ହଂସାଙ୍କ ସହ ସାକ୍ଷାତ ହୋଇଥିଲା। ସେ କାକୁଲିଙ୍କୁ ମେଡ଼ିକାଲରେ ଚାକିରି କରିବା ପାଇଁ ହେଲେ ଭୁବନେଶ୍ୱରର ମନୋଜ ସୁତାରଙ୍କ ସହ କଥାବାର୍ତ୍ତା କରନ୍ତୁ ବୋଲି କହିଥିଲେ ଓ ଫୋନ ନମ୍ବର ଦେଇଥିଲେ। ଫୋନ ନମ୍ବର ପାଇ କାକୁଲି ମନୋଜ ସହ କଥାବାର୍ତ୍ତା ହୋଇଥିଲେ। ମନୋଜ ଚାକିରି ପାଇଁ ପ୍ରଥମେ ୫୦ ହଜାର ଟଙ୍କା ମାଗିଥିଲେ। ପରେ ପୁଣି ୨୦୨୨ ମସିହା ଅକ୍ଟୋବର ୧ ତାରିଖରେ ୨ ଲକ୍ଷ ୫୦ ହଜାର ମାଗିଲେ।ପୁଣି ୧୦ ତାରିଖରେ ଦେଢ଼ ଲକ୍ଷ ଟଙ୍କା ମାଗିଥିଲେ। ମୋଟ ୪ ଲକ୍ଷ ୫୦ ହଜାର ଟଙ୍କା କାକୁଲି ଠାରୁ ଚାକିରଣ କରାଇଦେବା ନାମରେ ଠକି ନେଇଥିଲେ। ଟଙ୍କା ନେଇ ଚାକିରି କରାଇ ନଦେବାରୁ କାକୁଲି ବାଧ ହୋଇ ମାଲକାନଗିରି ଥାନାରେ ଏତଲା ଦେଇଥିଲେ। ଏତଲକୁ ଭିତ୍ତି କରି ଆଇଆଇସି ରିଗାନ କିଣ୍ଡୋଙ୍କ ନେତୃତ୍ୱରେ ଏକ ଟିମ ଗଠନ ହୋଇ ତଦନ୍ତ ଆରମ୍ଭ ହୋଇଥିଲା।ଶେଷରେ ଭୁବନେଶ୍ୱରରୁ ଠକ ମନୋଜ ସୁତାରଙ୍କୁ ଗିରଫ କରାଯାଇଥିଲା। ମୋନଜକୁ ଗିରଫ ପରେ ପଚରା ଉଚରା କରାଯିବା ପରେ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି।

ବଜ୍ରାଘାତରେ ଜଣେ ମୃତ



ବରଗଡ଼(ଏନ୍.ଏମ୍.): ବଜ୍ରାଘାତରେ ଜଣେ ଚାଷୀଙ୍କ ଜୀବନ ଗଲା। ଘଟଣାଟି ହେଉଛି ଗଞ୍ଜାମଜିଲ୍ଲା ବଡ଼ଗଡ଼ ଥାନା ନୂଆଗାଁରେ ବଜ୍ରାଘାତରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଲମ୍ବୋଧର ପାଣିଗ୍ରାହି। ଆଜି ସନ୍ଧ୍ୟାରେ ଲମ୍ବୋଧର ନିଜ ଜମିରେ ଚାଷ କାମ କରୁଥିଲେ। ସେଇ ସମୟରେ ବର୍ଷା ସହ ଘଡ଼ଘଡ଼ି ଆରମ୍ଭ ହେଲା। ଚାରି ଦିଗ ଅନ୍ଧକାର ଘୋଟି ଗଲା। ଏହା ଦେଖି ଲମ୍ବୋଧର ହଠାତ୍ ଘଟଣା ସ୍ଥଳରେ ଅଚେତ ହୋଇ ପଡ଼ିଗଲେ। ସ୍ଥାନୀୟ ଲୋକ ମାନେ ଏହାଦେଖି ତାଙ୍କୁ ଘଟଣା ସ୍ଥଳରୁ ଉଦ୍ଧାର କରି ବଡ଼ଗଡ଼ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ମତଦାନ କେନ୍ଦ୍ର ସମ୍ମୁଖରେ ସ୍ତ୍ରୀଙ୍କୁ ହାଣିଲା ନୃଶଂସ ସ୍ୱାମୀ

ଭଦ୍ରକ(ଏନ୍.ଏମ୍.): ସାଧାରଣ ନିର୍ବାଚନ ପାଇଁ ରାଜ୍ୟରେ ଶେଷ ପର୍ଯ୍ୟାୟ ମତଦାନ ଜାରି ଥିବା ବେଳେ ଭଦ୍ରକ ଗ୍ରାମାଞ୍ଚଳରେ ଥିବା ଏକ ମତଦାନ କେନ୍ଦ୍ର ସାମ୍ନାରୁ ଜଣେ ମହିଳାଙ୍କୁ ତାଙ୍କର ସ୍ୱାମୀ ଅତି ନୃଶଂସ ଭାବେ ବୁଥ ସାମ୍ନାରେ ହାଣିଛି। ଆକ୍ରମଣର ଶିକାର ହୋଇଥିବା ମହିଳାଙ୍କୁ ଡାକ୍ତରଖାନାରେ ମୃତ ଘୋଷଣା କରାଯାଇଛି। ମୃତ ମହିଳା ହେଲେ ରଶ୍ମିରେଖା ବେହେରା। ସୂଚନା ଅନୁଯାୟୀ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ କାଉପୁର ପଞ୍ଚାୟତ ମୁକ୍ତାଡିହି ଗାଁର ପ୍ରଭାକର ରାଉତଙ୍କୁ ଗତ ୪-୫ ବର୍ଷ ପୂର୍ବେ ଜରାଗମ୍ଭୀରା ଗାଁର ରଶ୍ମିରେଖା ବିବାହ କରିଥିଲେ। ଉଭୟଙ୍କର ଏକ ୩ ବର୍ଷର ଶିଶୁପୁତ୍ର ମଧ୍ୟ ରହିଛି। ତେବେ ଏହାରି ଭିତରେ ପ୍ରଭାକର ଓ ରଶ୍ମିରେଖାଙ୍କ ମଧ୍ୟରେ ପାରିବାରିକ କାରଣକୁ ନେଇ ଝଗଡ଼ା ହୋଇଥିଲା। ତେଣୁ ରଶ୍ମିରେଖା କିଛି ଦିନ ହେଲା ନିଜ ବାପ ଘର ଜିରାଗମ୍ଭୀରାରେ ରହୁଥିଲେ। ଆଜି ପୂର୍ବାହ୍ଣରେ ରଶ୍ମିରେଖା ନିଜ ଦାଦାଙ୍କ ସହିତ ଭୋଟ୍ ଦେବା ପାଇଁ ମୁକ୍ତାଡିହି ଗାଁକୁ ଆସିଥିଲେ। ଏଠାରେ କରାଯାଇଥିବା ୪ ନମ୍ବର ବୁଥକୁ ରଶ୍ମିରେଖା ମତଦାନ କରିବାକୁ ଯାଉଥିଲେ। ଏହି ସମୟରେ ପ୍ରଭାକର ନିଜ ସ୍ତ୍ରୀଙ୍କୁ ଧାରୁଆ ଅସ୍ତ୍ରରେ ଅତର୍କିତ ଆକ୍ରମଣ କରିଥିଲେ। ଘଟଣାସ୍ଥଳରୁ ରଶ୍ମି ରେଖାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଡାକ୍ତରଖାନାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମାଞ୍ଚଳ ପୁଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରଭାକରକୁ ଗ୍ରାମାଞ୍ଚଳ ପୁଲିସ ଅଟକ ରଖିଛି।

୨୦୦୮ରୁ ବଡ଼ ଡାକ୍ତରଖାନାରେ ପଡ଼ିଛି ବ୍ୟବଚ୍ଛେଦ ରିପୋର୍ଟ: ରିପୋର୍ଟ ଅପେକ୍ଷାରେ ୬ଶହରୁ ଅଧିକ ମୃତକଙ୍କ ପରିବାର

SCB Medical College and Hospital
ଏସ୍‌ସିବି

କଟକ(ଏନ୍.ଏମ୍.): କଟକ ବଡ଼ ଡାକ୍ତରଖାନାରେ ହେଉଥିବା ଶବ ବ୍ୟବଚ୍ଛେଦର ରିପୋର୍ଟ ସହଜରେ ମିଳୁନି। ଏବେ ପାଖାପାଖି ୬ଶହରୁ ଅଧିକ ରିପୋର୍ଟ ମିଳି ନଥିବା ବେଳେ ଏଭଳି କିଛି ଘଟଣା ଅଛି, ଯେଉଁମାନଙ୍କର ରିପୋର୍ଟ ୨୦୦୮ରୁ ବି ପଡ଼ିରହିଛି। ରିପୋର୍ଟ ଠିକ୍ ସମୟରେ ମିଳୁ ନଥିବାରୁ ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଅନ୍ୟ କୌଣସି କାରଣରୁ ମୃତ୍ୟୁ ହେଉଥିବା ମୃତକଙ୍କ ପରିବାର ସରକାରୀ କ୍ଷତିପୂରଣ, ଜୀବନବୀମା ରାଶି ପାଇବାରୁ ବଞ୍ଚିତ ରହୁଛନ୍ତି। ତହସିଲ ଅଫିସ, ଆରଆଇ ଅଫିସ ଓ କଟକ ମଙ୍ଗଳବାଗ ଥାନାକୁ ଦୌଡ଼ି ଦୌଡ଼ି ଥକିଲା ପରେ ବି ମୃତକଙ୍କ ପରିବାର ଲୋକ ନିରାଶ ହେଉଛନ୍ତି। ଅଂଶୁଘାତ, ବନ୍ୟା, ଭୂସ୍ଖଳନ, ବର୍ଷା, କୁଆପଥର ମାଡ଼, ବାତ୍ୟା, ଘଡ଼ଘଡ଼ି, ସାପ କାମୁଡ଼ା, ଅଗ୍ନିକାଣ୍ଡ, ପାଣିରେ ବୁଡ଼ିଯିବା, ଡଙ୍ଗା ବୁଡ଼ିରେ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ହେଲେ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ରାଶୀ ପ୍ରଦାନ କରାଯାଏ। ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏହି ସହାୟତା ଦିଆଯାଏ। ଅନ୍ୟପଟେ କୌଣସି ବୀମାଭୁକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ହେଲେ, ତାଙ୍କ ଉତ୍ତରାଧିକାରୀଙ୍କୁ ବୀମା ରାଶୀ ପ୍ରଦାନ କରାଯାଇଥାଏ। କିନ୍ତୁ ଏହି ଦୁଇଟି କ୍ଷେତ୍ରରେ ଅର୍ଥ ରାଶୀ ମିଳିବା କ୍ଷେତ୍ରରେ ବାଧକ ହୋଇଛି ବ୍ୟବଚ୍ଛେଦ ରିପୋର୍ଟ। ବଡ଼ ଡାକ୍ତରଖାନାର ଫରେନସିକ୍ ମେଡିସିନ୍ ଏବଂ ଟକ୍ସିକୋଲୋଜି ବିଭାଗ(ଏଫଏମଟି) ଡାକ୍ତର ବର୍ଷ ବର୍ଷ ଧରି ଏହି ରିପୋର୍ଟକୁ ପ୍ରସ୍ତୁତ ନକରି ପକାଇ ରଖୁଛନ୍ତି। ପ୍ରାକୃତିକ ଦୁର୍ବିପାକରେ ମୃତ୍ୟୁ ହେବା ଘଟଣାରେ ଯେତେବେଳେ ଅର୍ଥରାଶୀ ପାଇବା ପାଇଁ ପରିବାର ଲୋକେ ନିଜ ଅଞ୍ଚଳର ତହସିଲଦାରଙ୍କ ନିକଟରେ ଆବେଦନ କରୁଛନ୍ତି, ତହସିଲଦାର ସମ୍ପୃକ୍ତ ଆରଆଇ(ରାଜସ୍ୱ ନିରୀକ୍ଷକ)ଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଅନ୍ତି। ଆରଆଇ ତଦନ୍ତ ସମୟରେ ମୃତ୍ୟୁର ପ୍ରମାଣ କାରଣ ଜାଣିବାକୁ ଯେତେବେଳେ ବ୍ୟବଚ୍ଛେଦ ରିପୋର୍ଟ ପରିବାର ଲୋକଙ୍କୁ ଦାଖଲ କରିବାକୁ କହୁଛନ୍ତି, ପରିବାର ଲୋକେ ଏହି ରିପୋର୍ଟ ଠିକ୍ ସମୟରେ ଦାଖଲ କରିପାରୁନାହାନ୍ତି। ଯେହେତୁ ବଡ଼ ଡାକ୍ତରଖାନା ପକ୍ଷରୁ ରିପୋର୍ଟ ଠିକ୍ ସମୟରେ ପ୍ରସ୍ତୁତ କରାଯାଉନାହିଁ, ସେଥିପାଇଁ ଏ ପ୍ରକାର ସମସ୍ୟା ସୃଷ୍ଟି ହେଉଛି। ସରକାରୀ କ୍ଷତିପୂରଣ ସହିତ ବୀମା ରାଶୀ ପରିବାର ଲୋକେ ପାଇବାରେ ମଧ୍ୟ ସମସ୍ୟା ଭୋଗୁଛନ୍ତି। ମୃତ୍ୟୁର କାରଣ ସମ୍ପର୍କିତ ତଥ୍ୟ ଦାଖଲ କରାଇ ନପାରିବାରୁ ପରିବାର ଲୋକେ ଏହି ଟଙ୍କା ପାଇବା ପାଇଁ ଘାଣ୍ଟି ହେଉଛନ୍ତି।

ଶିକ୍ଷୟିତ୍ରୀଙ୍କୁ ହତ୍ୟା ଘଟଣାରେ ସ୍ୱାମୀଙ୍କୁ ବାନ୍ଧିଲା ପୁଲିସ

ନୟାଗଡ଼(ଏନ୍.ଏମ୍.): ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଚମ୍ପତିପୁର ଗାଁରେ ଶିକ୍ଷୟିତ୍ରୀ ପଦ୍ମିନୀ ପ୍ରଧାନଙ୍କୁ ଶୁକ୍ରବାର କରାଯାଇଥିବା ହତ୍ୟା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ପୁଲିସ୍। ଆଜି ପୁଲିସ ପଦ୍ମିନୀଙ୍କ ସ୍ୱାମୀ ତପନ ସ୍ୱାଇଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଶିକ୍ଷୟିତ୍ରୀ ପଦ୍ମିନୀଙ୍କୁ ସ୍ୱାମୀ ସମେତ ଶାଶୁ ଘର ଲୋକେ ପିଟିପିଟି ହତ୍ୟା କରିଥିବା ନେଇ ଇଟାମାଟି ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁଯାୟୀ, ଗୋଟିଏ ହାଇୱା କିଣିବାକୁ ଚାହୁଁଥିଲେ ତପନ। ଏଥିପାଇଁ ସେ ପଦ୍ମିନୀଙ୍କୁ ଏକାଥର ୮୦ ଲକ୍ଷ ଟଙ୍କା ମାଗିଥିଲେ। ହେଲେ ପଦ୍ମିନୀ ଏତେ ଟଙ୍କା କୁଆଡ଼େ ଆଣିବେ ବୋଲି ପ୍ରଶ୍ନ କରିଥିଲେ। ସେ ଟଙ୍କା ଯୋଗାଡ଼ ନ କରିବାରୁ ସ୍ୱାମୀଙ୍କ ସହ ତିକ୍ତତା ଲାଗି ରହିଥିଲା। ସ୍ୱାମୀ ଓ ଶାଶୁ ଘର ଲୋକ ତାଙ୍କୁ ନିୟମିତ ନିର୍ଯାତନା ମଧ୍ୟ ଦେଉଥିଲେ। ଏସବୁ ଭିତରେ ଶୁକ୍ରବାର ଦିନ ତପନ ପତ୍ନୀ ପଦ୍ମିନୀଙ୍କୁ ମାଡ଼ ମାରିଥିଲେ। ତପନଙ୍କ ପରିବାର ଲୋକ ମଧ୍ୟ ଏଥିରେ ତାଙ୍କୁ ସହାୟତା କରିଥିଲେ। ସେ ପଦ୍ମିନୀଙ୍କୁ ପିଟିପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏପରି ଅଭିଯୋଗ ପାଇବା ପରେ ଇଟାମାଟି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଆଜି ପୁଲିସ୍ ତପନ ସ୍ୱାଇଁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ତପନଙ୍କ ପରିବାର ଲୋକ ଫେରାର ଅଛନ୍ତି। ତଦନ୍ତ ଚାଲିଛି ଓ ପ୍ରମାଣ ମିଳିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ନୟାଗଡ଼ ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇ କହିଛନ୍ତି।

ରାଉରକେଲା ସରକାରୀ ଡାକ୍ତରଖାନାରେ ୬ ଘଣ୍ଟାରେ ୧୦ ଜଣଙ୍କ ମୃତ୍ୟୁ

ରାଉରକେଲା(ଏନ୍.ଏମ୍.): ରାଉରକେଲା ସରକାରୀ ଡାକ୍ତରଖାନାରେ ସାଢ଼େ ୬ ଘଣ୍ଟା ଭିତରେ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ଡାକ୍ତରଖାନାର ଭାରପ୍ରାପ୍ତ ଅଧୀକ୍ଷକ ଡାକ୍ତର ସୁଧାରାଣୀ ପ୍ରଧାନ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଦିନ ସାଢ଼େ ଗୋଟାଏରୁ ୮ଟା ମଧ୍ୟରେ ୧୦ ଜଣଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ୮ ଜଣ ମୃତ ଅବସ୍ଥାରେ ହସ୍ପିଟାଲ ପହଞ୍ଚିଥିଲେ। ଆଉ ୨ ଜଣ ହସ୍ପିଟାଲରେ ପହଞ୍ଚିବା ପରେ ମୃତ୍ୟୁ ହୋଇଛି। ହିଟ୍‌ୱେଭ୍ ଜନିତ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ବଡ଼ି ଟେମ୍ପରେଚର ୧୦୩, ୧୦୪ ରହିଥିବାରୁ ଏଭଳି ଘଟିଥିବା ଆଶଙ୍କା କରାଯାଉଛି। କାଲି ପୋଷ୍ଟମର୍ଟମ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରିବ। ମୃତ ଅବସ୍ଥାରେ ଆସିଥିବାରୁ ହିଷ୍ଟ୍ରି ଷ୍ଟଡି କରାଯାଇନି। ଆଉ କିଛି ଗୁରୁତରଙ୍କ ୱାର୍ଡ ଭିତରେ ଚିକିତ୍ସା ଚାଲିଛି। ମୃତକଙ୍କ ମଧ୍ୟରୁ କିଛି ଜଣଙ୍କ ପରିଚୟ ମିଳିପାରି ନାହିଁ। ସେମାନଙ୍କୁ ରାଉରକେଲା ବସ୍‌ଷ୍ଟାଣ୍ଡ ଓ ରେଳ ଷ୍ଟେସନରୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାକୁ ଅଣାଯାଇଥିଲା। ଅନ୍ୟପକ୍ଷରେ ଯେଉଁମାନଙ୍କ ପରିବାର ଲୋକେ ଡାକ୍ତରଖାନାରେ ଉପସ୍ଥିତ ରହିଥିଲେ, ସେମାନଙ୍କ କହିବା ଅନୁଯାୟୀ ପ୍ରବଳ ଖରା ଯୋଗୁ ଏଭଳି ଘଟଣା ଘଟିଛି। ୨/୩ ଜଣ ମୃତକ ରାଉରକେଲାର ବସ୍ତି ଅଞ୍ଚଳର। ସେମାନଙ୍କ ପରିବାର ଲୋକଙ୍କ କହିବା କଥା ହେଲା, ପ୍ରବଳ ଖରା ଓ ଗୁଳୁଗୁଳି ସାଙ୍ଗକୁ ବିଦ୍ୟୁତ୍ କାଟ ଯୋଗୁ ଏହି ଘଟଣା ଘଟିଛି। ସୂଚନା ଅନୁଯାୟୀ, ରାଉରକେଲା ସରକାରୀ ଡାକ୍ତରଖାନାରେ ଆଜି ସକାଳ ୮ଟାରୁ ୧୨ଟା ଭିତରେ ୯ ଜଣ ରୋଗୀ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବା ବେଳେ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ଆଜି ସନ୍ଧ୍ୟାରେ ଏହି ୱାର୍ଡରେ ଆଉ ଦୁଇ ଜଣ ରୋଗୀ ଭର୍ତ୍ତି ହୋଇଛନ୍ତି। ସ୍ଥିତିକୁ ଦେଖି ଡାକ୍ତରଖାନା କର୍ତ୍ତୃପକ୍ଷ ଏକ ଡାକ୍ତରୀ ଟିମ୍ ଗଠନ କରିଛନ୍ତି। ସୂଚନାଯୋଗ୍ୟ, ସାରା ରାଜ୍ୟରେ ଏବେ ପ୍ରଚଣ୍ଡ ଖରା ଓ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଛି। ଆଜି ଝାରସୁଗୁଡ଼ାର ଦିନର ସର୍ବୋଚ୍ଚ ତାପମାତ୍ରା ୪୭ ଡିଗ୍ରୀ ସେଲ୍ସିୟସ ରେକର୍ଡ କରାଯାଇଛି। ସେହିପରି ରାଉରକେଲାରେ ୪୪.୯ ଡିଗ୍ରୀ ଓ ସୁନ୍ଦରଗଡ଼ରେ ୪୩.୬ ଡିଗ୍ରୀ ରେକର୍ଡ କରାଯାଇଛି।

ବିବାହ ବନ୍ଧନରେ ବାନ୍ଧିହେଲେ କ୍ରିକେଟର ଭେଙ୍କଟେଶ ଆୟର

କୋଲକାତା(ଏଜେନ୍ସି): କୋଲକାତା ନାଇଟ୍ ରାଇଡର୍ସ(କକଜ)ର ଷ୍ଟାର୍ ଅଲରାଉଣ୍ଡର ଭେଙ୍କଟେଶ ଆୟର ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି । ରିପୋର୍ଟ ଅନୁସାରେ, ଶ୍ରୁତି ରଘୁନାଥନଙ୍କୁ ବିବାହ କରିଛନ୍ତି ଆୟର । ଉଭୟଙ୍କ ନିର୍ବନ୍ଧ ୨୦୨୩, ନଭେମ୍ବରରେ ହୋଇଥିଲେ । ଆଜି ସକାଳେ ପରିବାରବର୍ଗ ଓ ପ୍ରିୟଜନଙ୍କ ଉପସ୍ଥିତିରେ ବିବାହ କରିଛନ୍ତି ଭେଙ୍କଟେଶ ଓ ଶ୍ରୁତି ।ଆୟରଙ୍କ ବିବାହ ସମୟର କିଛି ଫଟୋ ସୋଶାଲ ମିଡିଆରେ ପୋଷ୍ଟ କରାଯାଇଛି, ଯେଉଁଥିରେ ଶୁଭେଚ୍ଛା ବର୍ଷା କରୁଛନ୍ତି ଫ୍ୟାନ୍ସ । ଆଇପିଏଲ୍ ୨୦୨୪ରେ କେକେଆର ୱିନର ହେବାରେ ଆୟରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ସେ ଫାଇନାଲ ମ୍ୟାଚରେ ଅପରାଜିତ ରହି ୨୬ ବଲରେ ୫୨ ରନ୍ ସଂଗ୍ରହ କରିଥିଲେ, ଯାହା କେକେଆରକୁ ଟ୍ରଫି ବିଜୟୀରେ ସାହାଯ୍ୟ କରିଥିଲେ । ୧୪ ଟି ମ୍ୟାଚରେ ଆୟର ୧୫୮.୮୦ ଷ୍ଟ୍ରାଇକ୍ ରେଟ୍ ସହ ୩୭୦ ରନ୍ କରିଥିଲେ ।

ଜାତୀୟ କୁଡ଼ୋ ପ୍ରତିଯୋଗିତାରେ ଓଡ଼ିଶାକୁ ୮ ସ୍ୱର୍ଣ୍ଣ

Ring 1
Ring 2
Ring 4
Ring 5

କଟକ(ଏନ୍.ଏମ୍.): ହିମାଚଳ ପ୍ରଦେଶର ସୋଲାନ୍ ଠାରେ ଜାତୀୟ କୁଡ଼ୋ ଚାମ୍ପିୟନ୍‌ସିପ୍ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗୀତାରେ ସାରା ଭାରତ ବର୍ଷର ୨୩ଟି ରାଜ୍ୟରୁ ପ୍ରାୟ ୧୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଉକ୍ତ ପ୍ରତିଯୋଗୀତାରେ କୁଡ଼ୋ ଆସୋସିଏସନ୍ ଅଫ୍ ଓଡ଼ିଶାର ଶିବରାଜ୍ ଶେଖର ରଥ, ଆର୍. ଦିବ୍ୟାସ୍, ଅନନ୍ୟା ମହାନ୍ତି, ଶୁଭଲକ୍ଷ୍ମୀ ଆଚାର୍ଯ୍ୟ, ବୈଷ୍ଣବୀ ସେନାପତି, ବୈଶିଷ୍ଟ ସେନାପତି, ତ୍ରିନାଥ ବାଗ, ଶୁଭଙ୍କର ଦାସ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ସ୍ମିତିପ୍ରଜ୍ଞା ନାୟକ, ମୃତ୍ୟୁଞ୍ଜୟ ସ୍ୱାଇଁ, ଆଦି ନାରାୟଣ ବେହେରା, ବିବେକ ଯାଦବ, ସୁନିଲ ମହାରଣା ରୌପ୍ୟ ପଦକ ଏବଂ ସତ୍ୟାକ୍ଷୀ ପଟ୍ଟନାୟକ, ପିପଲୁ ମୈତ୍ରୀ, ପାର୍ଥ ସାରଥୀ ଲେଙ୍କା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଓଡ଼ିଶା କୁଡୋ ସଂଘର ସଂପାଦକ ସିହାନ୍ ନିତାଇ ଶଙ୍କର ଗୁଇଁ ଦଳର ନେତୃତ୍ୱ ନେଇଥିବା ବେଳେ ଅଫିସିଆଲ୍ ଭାବେ ମୃତ୍ୟୁଞ୍ଜୟ ଯାଦବ, ଅତିଷ ଷଡଙ୍ଗୀ, ବରଦା ପ୍ରସାଦ ଦାସ ଏବଂ ମ୍ୟାନେଜର ଭାବେ ନର୍ମଦା ଗୁଇଁ ଦଳର ଦାୟୀତ୍ୱ ତୁଲାଇଥିଲେ । ଏହି ସଫଳତାରେ ଓଡ଼ିଶା କୁଡୋ ସଂଘ ସଭାପତି ଶିବାଶିଷ କର, ମୁଖ୍ୟ ଉପଦେଷ୍ଟା ଡକ୍ଟର ବିଜୟାନନ୍ଦ ସିଂହ ଏବଂ ସମସ୍ତ କର୍ମକର୍ତ୍ତା ଓଡ଼ିଶା କୁଡ଼ୋ ଖେଳାଳୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ଟି-୨୦ ବିଶ୍ୱକପ ପୂର୍ବରୁ ବିରାଟଙ୍କ ଆଗରେ ଏହି ଡିମାଣ୍ଡ ରଖିଲେ ଗାଙ୍ଗୁଲି

ବିରାଟଙ୍କ ଆଗରେ
ଏହି ଡିମାଣ୍ଡ
ରଖିଲେ ଦାଦା

ନୂଆଦିଲ୍ଲୀ(ଏନ୍.ଏମ୍.): ଟି-୨୦ ବିଶ୍ୱକପ ପାଇଁ ଭାରତୀୟ ଦଳ ନ୍ୟୁୟର୍କରେ ପହଞ୍ଚିସାରିଛନ୍ତି । ବିରାଟ କୋହଲି ମଧ ଟି-୨୦ ବିଶ୍ୱକପରେ ଭାଗ ନେବାକୁ ନ୍ୟୁୟର୍କରେ ପହଞ୍ଚିଛନ୍ତି । ତେବେ ସେ ଆଜି ବାଂଲାଦେଶ ବିପକ୍ଷରେ ଖେଳାଯିବାକୁ ଥିବା ଅଭ୍ୟାସ ମ୍ୟାଚରେ ଅଂଶଗ୍ରହଣ କରିବେ କି ନାହିଁ, ତାହା ନିଶ୍ଚିତ ହୋଇନାହିଁ । ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ ପାଇଁ ପ୍ରଥମେ କିଙ୍ଗ କୋହଲି ଅନ୍ୟ ଖେଳାଳିଙ୍କ ସହ ଆମେରିକାରେ ପହଞ୍ଚି ନଥିଲେ । ପରେ ସେ ଦଳରେ ଯୋଗ ଦେଇଥିବା କୁହାଯାଉଛି । ତେବେ ବିଶ୍ୱକପ ଆରମ୍ଭ ହେବା ପୂର୍ବରୁ ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ତାଙ୍କ ଆଗରେ ନିଜର ଡିମାଣ୍ଡ ରଖିଛନ୍ତି । ସେ ଚାହୁଁଛନ୍ତି ଯେ ବିରାଟ କୋହଲି ଆଇପିଏଲ୍ ୨୦୨୪ରେ ଆରସିବି ପାଇଁ ଯେଉଁଭଳି ଢ଼ଙ୍ଗରେ ବ୍ୟାଟିଂ କରିଥିଲେ,ସେଭଳି ଢ଼ଙ୍ଗରେ ବିଶ୍ୱକପରେ ବ୍ୟାଟିଂ କରନ୍ତୁ । ରେଭ୍ ସ୍ପୋର୍ଟଜ୍ ରିପୋର୍ଟ ଅନୁଯାୟୀ ଗାଙ୍ଗୁଲି କହିଛନ୍ତି ଯେ, “ମୁଁ ଏହି ଟି-୨୦ ବିଶ୍ୱକପ୍ରେ ବିରାଟ କୋହଲିଙ୍କୁ ଓପନିଂ କରୁଥିବାର ଦେଖିବାକୁ ଚାହୁଁଛି । ମୁଁ ଚାହୁଁଛି ବିରାଟ ଯେଉଁଭଳି ଢ଼ଙ୍ଗରେ ବ୍ୟାଟିଂ କରିଥିଲେ,ସେଭଳି ଢ଼ଙ୍ଗରେ ବିଶ୍ୱକପରେ ବ୍ୟାଟିଂ କରନ୍ତୁ । ସେ ସ୍ୱାଧୀନତା ସହିତ ବ୍ୟାଟିଂ କରିବା ଉଚିତ୍ । ସେ ଜଣେ ମହାନ ଖେଳାଳି ।” ଆଇପିଏଲ୍ ୨୦୨୪ରେ ବିରାଟ ଭଲ ପ୍ରଦର୍ଶନ କରିଥିଲେ । ସେ ଏହି ସିଜିନର ଖେଳିଥିବା ୧୫ଟି ମ୍ୟାଚରେ ୭୪୧ରନ୍ ସ୍କୋର କରିଥିଲେ ।

ଖୁବଶୀଘ୍ର ବିବାହ କରିବେ ଭାରତୀୟ କ୍ରିକେଟର ଶୁଭମନ ଗିଲ୍ ଓ ଅଭିନେତ୍ରୀ ରିଦ୍ଧିମା !

ନୂଆଦିଲ୍ଲୀ (ଏନ୍.ଏମ୍.): ଖୁବଶୀଘ୍ର ବିବାହ କରିବେ ଭାରତୀୟ କ୍ରିକେଟର ଶୁଭମନ ଗିଲ୍ । ସାରା ନୁହନ୍ତି, ଅଭିନତ୍ରୀ ରିଦ୍ଧିମା ପଣ୍ଡିତଙ୍କୁ ବିବାହ କରିବେ ଶୁଭମନ । ଗତ କିଛି ଦିନ ହେବ ଏଭଳି ଚର୍ଚ୍ଚା ଜୋର ଧରିଥିଲା । କିନ୍ତୁ ବର୍ତ୍ତମାନ ରିଦ୍ଧିମା ପଣ୍ଡିତ ଏହି ଦାବିକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଧାରାବାହିକ ‘ବହୁ ହମାରି ରଜନୀକାନ୍ତ’ ଅଭିନେତ୍ରୀ କହିଛନ୍ତି ଯେ ସେ ଡିସେମ୍ବର ୨୦୨୪ରେ ଶୁଭମାନ ଗିଲଙ୍କୁ ବିବାହ କରିବେ ନାହିଁ । ରିଦ୍ଧିମା ପଣ୍ଡିତ ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରୀରେ ଏହା ସ୍ପଷ୍ଟ କରିଛନ୍ତି । ଏକ ଭିଡିଓ ସେୟାର କରି ସେ କହିଛନ୍ତି, ‘ହଠାତ୍ କିଛି ସାମ୍ବାଦିକଙ୍କ ଫୋନ କଲ୍ ପାଇ ମୁଁ ଉଠିଥିଲି । ସମସ୍ତେ ମୋତେ ମୋର ବିବାହକୁ ନେଇ ପ୍ରଶ୍ନ ପଚାରୁଥିଲେ । ମୁଁ ବିବାହ କରୁଛି କି ନାହିଁ ଓ କେବେ ବିବାହ କରିଛି ତାହା ସେମାନଙ୍କ ପ୍ରଶ୍ନ ଥିଲା । କିନ୍ତୁ ଯଦି ମୁଁ କେବେ ବିବାହ କରିବି, ତେବେ ଏବିଷୟରେ ମୁଁ ନିଜେ ଘୋଷଣା କରିବି । ଯେଉଁ ଚର୍ଚ୍ଚା ଏବେ ଜୋର ଧରିଛି ସେଥିରେ କୌଣସି ସତ୍ୟତା ନାହିଁ । ତେବେ ଗତ କିଛି ଦିନ ହେବ ଶୁଭମନ ଏବଂ ରିଦ୍ଧିମା ପରସ୍ପରକୁ ଡେଟ୍ କରୁଥିବା ନେଇ ଚର୍ଚ୍ଚା ହୋଇଥିଲା । ଏହା ସହ ଦୁହେଁ ବିବାହ କରିବାକୁ ଯାଉଥିବା ବେଳେ ବିବାହକୁ ଗୁପ୍ତ ରଖିବାକୁ ଚାହୁଁଥିବା କୁହାଯାଉଥିଲା । କିନ୍ତୁ ରିଦ୍ଧିମା ଏବେ ନିଜର ପ୍ରତିକ୍ରିୟା ଦେଇ ଚର୍ଚ୍ଚା ଉପରେ ବିରାମ ଲଗାଇଛନ୍ତି ।

ପାଣ୍ଡ୍ୟା, ପନ୍ତ ଓ ସୂର୍ଯ୍ୟଙ୍କ ଚମକ: ଅଭ୍ୟାସ ମ୍ୟାଚ୍‌ରେ ବାଂଲାଦେଶକୁ ହରାଇଲା ଭାରତ

ନ୍ୟୁୟର୍କ (ଏଜେନ୍ସି): ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବା ପୂର୍ବରୁ ଖେଳିଥିବା ବାଂଲାଦେଶ ବିପକ୍ଷ ଏକମାତ୍ର ଅଭ୍ୟାସ ମ୍ୟାଚ୍ରେ ଭାରତୀୟ ବ୍ୟାଟର୍ଙ୍କ ସହ ବୋଲର ନିଜ ନିଜର ଚମକ ଛାଡ଼ିଛନ୍ତି । ବିଶେଷ କରି ଆଇପିଏଲ୍ରେ ଛାପ ଛାଡ଼ିପାରି ନଥିବା ଉପଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଅଲ୍ରାଉଣ୍ଡ ପ୍ରଦର୍ଶନ କରି ଫର୍ମକୁ ଫେରିବାର ଆଂଶିକ ଝଲକ ଦେଖାଇଛନ୍ତି । ଷଷ୍ଠ ସ୍ଥାନରେ ବ୍ୟାଟିଂ ଆସି ପାଣ୍ଡ୍ୟା ୨୩ ବଲ୍ରୁ ୪ ଛକା ଓ ୨ ଚୌକା ସହାୟତାରେ ୪୦ ରନର ଅପରାଜିତ ପାଳି ଖେଳିଥିଲେ । ବୋଲିଂ ବେଳେ ୩୦ ରନ୍ରେ ଗୋଟିଏ ୱିକେଟ୍ ମଧ ନେଇଥିଲେ । ସେହିଭଳି ୱିକେଟ୍ ରକ୍ଷକ ରଷଭ ପନ୍ତ ମଧ ଧୁଆଁଧାର ବ୍ୟାଟିଂ କରି ୩୨ ବଲରୁ ଚରିଟି ଲେଖାଏଁ ଛକା, ଚୌକା ମାରି ୫୩ ରନ୍ର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ରୋହିତ ଶର୍ମା ୨୩ (୧୯ ବଲ୍, ୨ ଚୌକା, ୧ ଛକା) ଓ ସୂର୍ଯ୍ୟକୁମାର ଯାଦବ ୩୧ ରନ୍ (୧୮ ବଲ୍, ୪ ଚୌକା) ର ଦ୍ରୁତ ପାଳି ଖେଳିଥିଲେ । ବିଳମ୍ବରେ ଦଳ ସହ ଯୋଗ ଦେଇଥିବା ବିରାଟ କୋହଲି ଏହି ମ୍ୟାଚ୍ ଖେଳି ନଥିଲେ । ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ହରାଇ ୧୮୨ ରନ୍ କରିଥିଲା । ଜବାବରେ ବାଂଲାଦେଶ ଭାରତୀୟ ବୋଲରଙ୍କ ମିଳିତ ଆକ୍ରମଣର ସମ୍ମୁଖୀନ ହୋଇ ନପାରି ୯ ୱିକେଟ୍ ହରାଇ ମାତ୍ର ୧୨୨ ରନ୍ କରିପାରିଥିଲା । କେବଳ ମହମ୍ମଦୁଲ୍ଲା ୪୦ ରନ୍ର ଉପଯୋଗୀ ପାଳି ଖେଳିଥିଲେ । ଅଧିନାୟକ ରୋହିତ ଶର୍ମା ୮ଜଣ ଭାରତୀୟ ବୋଲରଙ୍କୁ ଅଭ୍ୟାସ ସୁଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରୁ ୬ଜଣ ୱିକେଟ୍ ନେବାରେ ସଫଳ ହୋଇଥିଲେ । ଶିବମ ଦୁବେ ଓ ଅର୍ଶଦୀପ ସିଂହ ଦୁଇଟି ଲେଖାଏଁ ୱିକେଟ୍ ନେଇ ନିଜ ଚମତ୍କାର ଫର୍ମର ପରିଚୟ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯଶପ୍ରୀତ ବୁମ୍ରା, ମହମ୍ମଦ ସିରାଜ, ହାର୍ଦ୍ଦିକ ପାଣ୍ଡ୍ୟା ଓ ଅକ୍ଷର ପଟେଲ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ ।

ବିଶ୍ୱକପ ମ୍ୟାଚ ଦେଖିବାରେ କୌଣସି ଇଚ୍ଛା ନାହିଁ; ଏଭଳି କାହିଁକି କହିଲେ ରିୟାନ୍

ମୁମ୍ବାଇ(ଏଜେନ୍ସି) : ଆଇପିଏଲ ୨୦୨୪ କିଛି ଦିନ ତଳେ ଶେଷ ହୋଇଛି । କେକେଆର୍ ଏହି ସିଜନରେ ଟ୍ରଫି ଜିତିଥିବା ବେଳେ ଭଲ ପ୍ରଦର୍ଶନ କରି ଚର୍ଚ୍ଚାରେ ରହିଛନ୍ତି ରାଜସ୍ଥାନ ରୟାଲ୍ସ ବ୍ୟାଟ୍ସମ୍ୟାନ୍ ରିୟାନ୍ ପରାଗ । ତେବେ ଆଇପିଏଲ୍ ଶେଷ ହେବା ପରେ ରିୟାନ୍ ବାରମ୍ବାର ଚର୍ଚ୍ଚାକୁ ଆସୁଛନ୍ତି । କ୍ରିକେଟ ପାଇଁ ନୁହେଁ ବରଂ ଅନ୍ୟ କାରଣ ପାଇଁ । କିଛି ଦିନ ତଳେ ବଲିଉଡ ଅଭିନେତ୍ରୀ ସାରା ଅଲୀ ଖାନ୍ ଓ ଅନନ୍ୟା ପାଣ୍ଡେଙ୍କ ହଟ୍ ଫଟୋ ସର୍ଚ୍ଚ କରି ଚର୍ଚ୍ଚାକୁ ଆସିଥିଲେ ରିୟାନ୍ । ଏବେ ସେ ଟି-୨୦ ବିଶ୍ୱକପକୁ ନେଇ ଦେଇଥିବା ମତ ପାଇଁ ଚର୍ଚ୍ଚାରେ ଅଛନ୍ତି । ବିଶ୍ୱକପ ଦେଖିବା ପାଇଁ ସାରା ଭାରତ ଉତ୍ସାହିତ ଥିବା ବେଳେ ମୋର କୌଣସି ଇଚ୍ଛା ନାହିଁ ବୋଲି କହିଛନ୍ତି ରିୟାନ । ସେ କହିଛନ୍ତି ଯେ, ସତ କହିବାକୁ ଗଲେ ମୁଁ ବିଶ୍ୱକପ୍ ଦେଖିବାକୁ ମଧ ଚାହେଁ ନାହିଁ । ଶେଷରେ କିଏ ଜିତୁଛି ମୁଁ ତାହା ଦେଖିବି ଏବଂ ଖୁସି ହେବି । ଯଦି ମୁଁ ବିଶ୍ୱକପ୍ ଖେଳିଥାନ୍ତି, ତେବେ ମୁଁ ମ୍ୟାଚ୍ ବିଷୟରେ ବା ଟପ୍-୪ ବିଷୟରେ ଚିନ୍ତା କରିଥାନ୍ତି । ଟି-୨୦ ବିଶ୍ୱକପ ପାଇଁ ସମ୍ଭାବ୍ୟ ନାମଗୁଡ଼ିକ ମଧ୍ୟରେ ପରାଗଙ୍କ ନାମ ମଧ ଥିଲା । ହେଲେ ୧୫ଜଣିଆ ଦଳରେ ତାଙ୍କୁ ସାମିଲ କରାଯାଇନଥିଲା । ଆଇପିଏଲରେ ଭଲ ପ୍ରଦର୍ଶନ ପରେ ସେ ଟି-୨୦ ବିଶ୍ୱକପରେ ସ୍ଥାନ ପାଇବେ ବୋଲି ଆଶା ରଖିଥିଲେ, ହେଲେ ତାଙ୍କ ସ୍ୱପ୍ନ ଭାଙ୍ଗିବାରୁ ସେ ଏଭଳି କହୁଥିବା କଥା ଲୋକ କହିବା ଆରମ୍ଭ କରିଛନ୍ତି ।

ନିୟମିତ ନିଷ୍କର୍ଷ ମିଡିଆର ୟୁଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ

ନିଷ୍କର୍ଷ
NISHKARSHA

ଯଦି ସବସ୍କ୍ରାଇବ୍ କରିନାହାନ୍ତି ଆଜି ହିଁ ମୋବାଇଲରେ ସବସ୍କ୍ରାଇବ୍ କରନ୍ତୁ

Nishkarsha Media

ଲାଇକ୍, କମେଣ୍ଟ ଓ ସେୟାର କରନ୍ତୁ

ପ୍ରତିଦିନ ସର୍ଚ୍ଚ କରନ୍ତୁ ଆଉ ତୁରନ୍ତ ଅପଡେଟ ଖବର ପାଆନ୍ତୁ ...

ନିଜ ମୋବାଇଲ, ଟାବଲେଟ୍, ଲାପଟପ କିମ୍ବା ଡେସ୍କଟପରେ ଘରେ ବସି ଜାଣନ୍ତୁ ଦେଶ ବିଦେଶର ଖବର...
nishkarsha.com

NISHKARSHA MEDIA ENTERTAINMENT & PUBLICATION

NTV ପାଇଁ
ଆବଶ୍ୟକ

- ଭିଜୁଆଲ ଏଡିଟର
- କପିଏଡିଟର ସହ ଆଙ୍କର
- ସମସ୍ତ ଜିଲ୍ଲା ଓ ବ୍ଲକ ପାଇଁ ରିପୋର୍ଟର
- ମାର୍କେଟିଂ ଅଧିକାରୀ

ତୁରନ୍ତ ନିଜର ବାୟୋଡାଟା ସହ ଆବେଦନ କରନ୍ତୁ
Email: nishkarsha.editor@gmail.com (Mob: 8895134289)
Office Address: Ring Road, Khannagar, Badambadi, Cuttack (Near Khannagar Petrol Pump)

Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA).
Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com
Editor : TAPAN KUMAR SAHOO
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
ସମ୍ପାଦକ: ତପନ କୁମାର ସାହୁ